ODIA DAILY EDITION
11.01.2026
କଟକ, ରବିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ଜାନୁଆରୀ-୧୧, ୨୦୨୬
ବର୍ଷ-୩୭, ସଂଖ୍ୟା-୧୮୫
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା
ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews




# ସମ୍ବଲପୁର ବିକାଶ ଓ ସୁଶାସନର ଏକ ଅଭିନ୍ନ ଅଙ୍ଗ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୦।୧:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ସମ୍ବଲପୁର ଗସ୍ତରେ ଯାଇ ସେଠାରେ ଜିଲ୍ଲା ପାଇଁ ପ୍ରାୟ ୯୪୮ କୋଟି ଟଙ୍କା ମୂଲ୍ୟର ୨୫ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରାଯାଉଛି । ସୂଚନା ଯୋଗ୍ୟ ଯେ ସେଥିରୁ ୫୭ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିବାବେଳେ ୮୯୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଛି ।

ପ୍ରକାଶ ଥାଉକି ଏହି ସମସ୍ତ ଉନ୍ନତିମୂଳକ ପ୍ରକଳ୍ପ ମଧ୍ୟରେ ସଡକ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗୋଦାମ ଗୃହ, ଅଟଳ ବସ୍ଷ୍ଟାଣ୍ଡ, ଛାତ୍ରୀନିବାସ, ପର୍ଯ୍ୟଟନ ବିକାଶ, ପାନୀୟ ଜଳ ଭଳି ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ସାମିଲ ଅଛି ।ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଭିଭାଷଣ ରଖି, ସମ୍ବଲପୁରର ବିକାଶଧାରାକୁ ଲୋକଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହିତ ସମ୍ବଲପୁର ବିକାଶକୁ ସନ୍ତୁଳିତ ବିକାଶ ଏବଂ ସୁଶାସନର ଏକ ଅଭିନ୍ନ ଅଙ୍ଗ

## ସମ୍ବଲପୁରରେ ୯୪୮ କୋଟିର ୨୫ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର

## ୨୫ଟି ଇ-ବସ୍ ସେବାର ଶୁଭାରମ୍ଭ, ଆଉ ୨୫ ଇ-ବସ୍ ବ୍ୟବସ୍ଥା ପାଇଁ ଘୋଷଣା

## ୨୦୩୬ ସୁଦ୍ଧା ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ

ବୋଲି କହିଥିଲେ । ସମ୍ବଲପୁର ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ । ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ସମ୍ବଲପୁର ଜିଲ୍ଲାରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ ସମ୍ବଲପୁର ସହର ତ ଏମିତି ଭାବେ ଓଡ଼ିଶାର ଏକ ସୁନ୍ଦର ସହର । ଆଗାମୀ ଦିନରେ ଏ ସବୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସହରର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜ୍ୟର ପ୍ରମୁଖ ଶକ୍ତିପୀଠ ତଥା ଦର୍ଶନୀୟ ସ୍ଥାନ ଭାବେ ମା ସମଲେଇଙ୍କ ମନ୍ଦିରର ବିକାଶ ପାଇଁ, ୩୧୬ କୋଟି ଟଙ୍କା ବିନିଯୋଗ ସହିତ ରିଭର ଫ୍ରଂଟ ଡେଭଲପମେଂଟ



କାମ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜିଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ସହିତ ରିଭର ଫ୍ରଂଟ ଡେଭଲପମେଂଟ ରହିଛି । ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ । ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସୁଦୃଢ କରିବା ପାଇଁ କେବଳ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ବା ମହାନଦୀ ରିଭର ଫ୍ରଣ୍ଟ ଡେଭଲ୍‌ପମେଣ୍ଟ ଯୋଜନାରେ ୧୬୦ କୋଟି ଟଙ୍କା ବିନିଯୋଗରେ

**ଶାସକ ନୁହେଁ, ‘ସେବକ’ ଭାବେ ଲୋକଙ୍କ ସେବାରେ ଆମେ ତତ୍ପର**

ମହାନଦୀ କୂଳର ମନ୍ଦ୍‌ଲିଆରୁ ଚାଉଁରପୁର ପର୍ଯ୍ୟନ୍ତ ବିକାଶ କାମ ହାତକୁ ନିଆଯାଇଛି । ଏଥିରେ ପାର୍କ, ଜିମ୍, ସେଲ୍‌ଫି ପଏଂଟ, ସ୍ନାନ ଘାଟ, ଆରତୀ ଘାଟ, ସପିଙ୍ଗ୍ କମ୍ପ୍ଲେକ୍ସ, ଶୌଚାଳୟ ଓ ପାର୍କିଂ ଆଦିର ବିକାଶ କରାଯିବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ ।

ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷିରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଶିଳ୍ପାୟନ ଓଡିଶାର କିଛି ହାତଗଣତି ଶିଳ୍ପାଞ୍ଚଳରେ ପ୍ରତିଷ୍ଠିତ ହେଉଥିଲା । ଆଜି ବି ଓଡିଶାର ଅଧିକାଂଶ ଜିଲ୍ଲାରେ କୌଣସି ଶିଳ୍ପ କିମ୍ବା ବୃହତ୍ ଉଦ୍‌ଯୋଗ ନାହିଁ । କିନ୍ତୁ, ଆମ ସରକାର ଆସିବା ପରେ ସମସ୍ତ ୩୦ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଅଣ୍ଟା ଭିଡିଛନ୍ତି । ଆଗାମୀ ଦିନରେ ଓଡିଶାରେ ନିବେଶ ହେବାକୁ ଯାଉଥିବା ଅନ୍ୟୁନ୍ୟ ୧୮ ଲକ୍ଷ କୋଟି ଟଙ୍କା ରାଜ୍ୟର ସମସ୍ତ ଜିଲ୍ଲାକୁ କରିବ ଶିଳ୍ପାୟନ । ଗତ ଦେଢ ବର୍ଷରେ ଓଡ଼ିଶାରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି । ଏହି କ୍ରମରେ ସମ୍ବଲପୁର ଜିଲ୍ଲାର ବିକାଶ ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଜିଲ୍ଲାବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତିଭୂମି, ଗମନାଗମନ ଇତ୍ୟାଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆମ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି ।

ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ଏବଂ ଯାହା ଲୋକଙ୍କ ପାଇଁ ହିତ ଆମ ସରକାର ତାହାହିଁ କରୁଛନ୍ତି । ସମ୍ବଲପୁରରେ ଜନ ଅଭିଯୋଗ ଶୁଣାଣୀ ଏବଂ ଏହାର ତ୍ୱରିତ ପଦକ୍ଷେପ ଆମକୁ ଜନତାଙ୍କ ଆହୁରି ନିକଟତର କରି ଦେଉଛି । ଆମର ଶାସନ କେବଳ ଭୁବନେଶ୍ୱରରୁ ଅଫିସର ଏସି ରୁମ୍ ରୁ ପରିଚାଳିତ ହୁଏ ନାହିଁ । ସରକାରଙ୍କ ନୀତି ନିୟମରେ ଯଦି କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ, ତାକୁ ଆମେ ନିଜ ସମ୍ମାନର ମିଛ ଆସ୍ଫାଳନର ଦ୍ୱାହିଦେଇ ବିଚାରକୁ ନ ନେବାର ଜିଦ୍ ରେ ଅଟଳ ନ ରହି ସେଥିରେ ଆବଶ୍ୟକୀୟ ସଂଶୋଧନ କରି ଲୋକାଭିମୁଖୀ କରିବା ପାଇଁ ଚେଷ୍ଟା କରି ଆସୁଛୁ । କାରଣ, ସୁଶାସନର ମୂଳମନ୍ତ୍ର ହେଉଛି ‘ଲୋକ’ ବୋଲି ସେ କହିଥିଲେ ।

ପରିଶେଷରେ ସମୃଦ୍ଧ ଓଡ଼ିଶା ସୃଷ୍ଟିରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସମାଜର ଶେଷଧାଡ଼ିରେ ରହୁଥିବା ଭାଇଭଉଣୀ ମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି ବୋଲି ବକ୍ତବ୍ୟ ରଖିଥିଲେ ।

## ପୁଣି ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍

**ପୁରୀ, ୧୦।୧ :** ପୁଣି ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ । ଶ୍ରୀମନ୍ଦିର ଭିତର ଫଟୋ ପୁଣି ସୋସିଆଲ ମିଡିଆରେ ହୋଇଛି ଭାଇରାଲ । ଜଣେ ଯୁବକ ନିଜ ଇନଷ୍ଟାଗ୍ରାମରେ ଏହି ଫଟୋ ଅପଲୋଡ଼ କରିଛନ୍ତି । ଶ୍ରୀମନ୍ଦିର ଆନନ୍ଦ ବଜାର ନିକଟରେ ଛିଡ଼ାହୋଇ ଯୁବକ ଜଣକ ଫଟୋ ଉଠାଇଥିବା ଅନୁମାନ କରାଯାଉଛି । ସେପଟେ ଫଟୋ ଭାଇରାଲ ଘଟଣାକୁ ନେଇ ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି ଘଟଣାକୁ ନେଇ ତଦନ୍ତ କରାଯାଉଛି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ୧୨ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର, ୧୦।୧:** ଆସନ୍ତା ଜାନୁଆରୀ ୧୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ଜାନୁଆରୀ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## କଳିଙ୍ଗ ଷ୍ଟୁଡିଓ ଛକରେ ଜଳିଗଲା ଆମ ବସ

**ଭୁବନେଶ୍ୱର, ୧୦।୧୧:** ଜଳିଗଲା ଆମ ବସ୍ । ସକାଳୁ ସକାଳୁ ଆମ ବସରେ ଅଗ୍ନିକାଣ୍ଡ ଘଟିଛି । କଳିଙ୍ଗ ଷ୍ଟୁଡିଓ ଛକରେ ଜଳିଗଲା ଆମ ବସ ଓ ବସ ଯାଉଥିବା ବେଳେ ହଠାତ ଧୂଆଁ ବାହାରିଥିଲା । ତୁରନ୍ତ ଗାଡ଼ିରେ ବସିଥିବା ସମସ୍ତ ଯାତ୍ରୀ ଗାଡ଼ିରୁ ବାହାରି ଆସିବା ପରେ ହୁ ହୁ ହୋଇ ଜଳିଗଲା ଆମ ବସ । ସଙ୍ଗେ ସଙ୍ଗେ ତମାଣ୍ଡ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ ।

| | |
|---|---|
| ସେନ୍‌ସେକ୍ସ | ୮୪,୧୮୦ |
| ନିଫ୍ଟି | ୨୫,୮୭୬ |
| ସୁନା/୧୦ଗ୍ରା | ୧,୩୯,୪୬୦ |
| ରୂପା/କିଗ୍ରା | ୨,୬୭,୦୦୦ |
| ଡଲାର | ୮୯.୯୩ |

## ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୨୭.୫° |
| କଟକ: | ୨୫.୦° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୯.୨° |
| କଟକ: | ୯.୦° |

# ରାଉରକେଲାରେ ବିମାନ ଦୁର୍ଘଟଣା ୬ ଆହତ

**ରାଉରକେଲା, ୧୦।୧:** ରାଉରକେଲାରେ ଚାର୍ଟର୍ ବିମାନ ଦୁର୍ଘଟଣାକୁ ନେଇ ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି । ବିମାନ ଚାଳକ ଜରୁରୀକାଳୀନ ‘ମେ ଡେ’ କଲ୍ କରିଥିଲେ ବୋଲି କହିଛନ୍ତି ନିର୍ଦ୍ଦେଶକ ।

ନିର୍ଦ୍ଦେଶକ ଶ୍ରୀଯୁକ୍ତ ପ୍ରଧାନଙ୍କ ସୂଚନା ମୁତାବକ, ଚାର୍ଟର୍ ବିମାନ (VT-KSS) ଅପରାହ୍ନ ୧୨:୨୭ ସମୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ରାଉରକେଲା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଯେଉଁଥିରେ ୪ ଜଣ ଯାତ୍ରୀଙ୍କ ସମେତ ୬ ଜଣ ଥିଲେ । ଠିକ୍ ୧୨:୫୮ରେ ରାଉରକେଲା ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗରେ ଆସିଥିଲା । ଏହା ପରେ ଦିନ ୧:୧୪ରେ ବିମାନ ଚାଳକ ମେ ଡେ କଲ୍ କରିଥିଲେ । ଏହା ୧:୧୭ରେ ଏଟିସି ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ତେବେ ପାଇଲଟଙ୍କ ଶେଷ ମେସେଜ୍ ଥିଲା ଯେ ସେ ଏକ ପଡ଼ିଆରେ ଜରୁରୀଅବତରଣ କରୁଛି । ଯାହାକି ଏକ ଫୋର୍ସ ଲ୍ୟାଣ୍ଡିଂ ବୋଲି ନିର୍ଦ୍ଦେଶକ କହିଛନ୍ତି । ବିମାନ ଦୁର୍ଘଟଣାର ତଦନ୍ତ ପାଇଁ ଦିଲ୍ଲୀରୁ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋ (ଏଆଇଆଇବି) ରବିବାର ଘଟଣାସ୍ଥଳରେ ପହଁଚି ତଦନ୍ତ କରିବେ । ସେହିପରି ଆଜି ଭୁବନେଶ୍ୱର ଏବଂ କୋଲକାତାର ଡିଜିସିଏ ଟିମ୍ ମଧ ଯାଞ୍ଚ ଆରମ୍ଭ କରିବେ ।

ବିମାନ ଦୁର୍ଘଟଣା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏହାସହ ଆହତ ବ୍ୟକ୍ତି ମାନଙ୍କୁ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



## ‘ମେ ଡେ’ କଲ୍ କରିଥିଲେ ପାଇଲଟ୍

## କ୍ରାସ ଲ୍ୟାଣ୍ଡିଂ ନୁହେଁ, ଫୋର୍ସ ଲ୍ୟାଣ୍ଡିଂ : ବିମାନବନ୍ଦର ନିର୍ଦ୍ଦେଶକ

## ସୁନ୍ଦରଗଡ଼ରେ ଯୁବକଙ୍କୁ ଗୁଳିମାଡ଼

**ଭୁବନେଶ୍ୱର,୧୦/୧ :** ସୁନ୍ଦରଗଡ଼ କରମଡିହିରେ ଯୁବକଙ୍କୁ ଗୁଳିମାଡ଼ । ଶନିବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି । ମାତ୍ର ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଛି । ଗୁରୁତର ଯୁବକଙ୍କୁ ସୁନ୍ଦରଗଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।

### ଏସଆଇ ପରୀକ୍ଷା ସ୍କାମ

# ସିଲିକନ୍ ଟେକ୍ ଲ୍ୟାବକୁ ପୂର୍ବରୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର, ୧୦।୧:** ପୁଲିସ ଏସଆଇ ପରୀକ୍ଷା ସ୍କାମ । ସିଲିକନ୍ ଟେକ୍ ଲ୍ୟାବ ପ୍ରାଇଭେଟ ଲିମିଟେଡ୍ ଏସଟିଏଲକୁ ପୂର୍ବରୁ କ୍ଲିନ୍ ଚିଟ୍ ଦେଇଥିଲା କ୍ରାଇମବ୍ରାଞ୍ଚ । କ୍ରାଇମବ୍ରାଞ୍ଚ କ୍ୟାରେକ୍ଟର ସାର୍ଟିଫିକେଟ ପାଇବା ପରେ ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା କରିଥିଲା ସିଲିକନ୍ ଟେକ୍ ତଥା ଏସଟିଏଲ । ଏପରିକି କମ୍ପାନିର ମୁଖ୍ୟ ସୁରେଶ ନାୟକଙ୍କୁ ମଧ୍ୟ କ୍ଲିନଚିଟ୍ ଦେଇଥିଲା କ୍ରାଇମବ୍ରାଞ୍ଚ । ଏପରିକି

**ସିବିଆଇ ଚାର୍ଜସିଟ୍‌ରେ ଚାଞ୍ଚଲ୍ୟକର ତଥ୍ୟ**

ଏ ଚିଠି ଦର୍ଶାଉଛି ସିଲିକନ୍ ଟେକ୍ ଲ୍ୟାବ ପୂର୍ବରୁ ଜେଲ ୱାର୍ଡର ଓ ହାଇକୋର୍ଟ ଏଏସଓ ପରୀକ୍ଷା ପରିଚାଳନା କରିଥିଲା । ସିବିଆଇ ଚାର୍ଜସିଟ୍ କହୁଛି ୨୦୨୫ ମାର୍ଚ୍ଚ ମାସରୁ ପୋଲିସ ଏସଆଇ ପରୀକ୍ଷା ଜାଲିଆତି ପାଇଁ ସମସ୍ତ ପ୍ରସ୍ତୁତି ସହ ଆଶାୟୀ ପରୀକ୍ଷାର୍ଥୀଙ୍କ ଠାରୁ ୨୫ ଲକ୍ଷ ଟଙ୍କା ଆଦାୟ ହୋଇ ସାରିଥିଲା । ହେଲେ ଏତେ ପରେ ବି ଗତ ୨୦୨୫ ଅଗଷ୍ଟ ୪ତାରିଖରେ ହିଁ ସିଲିକନ୍ ଟେକ୍ ଲ୍ୟାବକୁ କ୍ଲିନଚିଟ୍ ଦେଇଥିଲା କ୍ରାଇମବ୍ରାଞ୍ଚ ।

# ହାଡ଼ଭଙ୍ଗା ଶୀତ ଥରୁଛି ଓଡ଼ିଶା

**ଭୁବନେଶ୍ୱର,୧୦।୧:** ଶୀତରୁ ନିସ୍ତାର ନାହିଁ । ଏଭଳି ସ୍ଥିତିରେ ଶୀତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣି ପାଗ ବିଭାଗ । ରାଜ୍ୟର ୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲାଗୁଡିକ ହେଲା ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତସିଂହପୁର, କଟକ, ଖୋର୍ଦ୍ଧା, ଅନୁଗୋଳ ।

ଅନ୍ୟପକ୍ଷେ ରାଜ୍ୟରେ ୧୬ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । କୌଣସି ବର୍ଷା ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟରେ ଗତ ୨ ସପ୍ତାହେ ହେଲା ଶୀତ ପ୍ରକୋପ ଲାଗି ରହିଛି । ଏଭଳି ଲଗାତାର ଶୀତ ବିଗତ ବର୍ଷମାନଙ୍କରେ ଅନୁଭୂତ ହୋଇ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ଜାନୁଆରି ମାସରେ ଏହିଭଳି ଶୀତ କେବେ ଅନୁଭବ ହେଇନଥିବା କହିଛନ୍ତି ବରିଷ୍ଠ ନାଗରିକମାନେ ।



ଚଳିତ ବର୍ଷ ଅତ୍ୟଧିକ ବର୍ଷା ଯେଉଁ ଭଳି ଭାବେ ହୋଇଛି ପୂର୍ବ ଅନୁମାନ ଅନୁସାରେ ଶୀତ ବି ସେଇଭଳି ତାର ପ୍ରକୋପ ଦେଖେଇବାରେ ଲାଗିଛି । ଦିନରେ ସୂର୍ଯ୍ୟଙ୍କ ଉତ୍ତାପ ଏବଂ ରାତିରେ ଅଗ୍ନିଙ୍କ ଭରସାରେ ଦିନରାତି ବିତୁଛି ।

## ଇରାନରେ ୨୧୭ ପ୍ରତିବାଦକାରୀଙ୍କୁ ଗୁଳି କରି ହତ୍ୟା !

**ତେହେରାନ, ୧୦।୧:** ଇରାନରେ ଇସଲାମିକ ଶାସନ ବିରୋଧରେ ଚାଲିଥିବା ପ୍ରତିବାଦ ଏକ ହିଂସାତ୍ମକ ପ୍ରତିବାଦରେ ପରିଣତ ହୋଇଛି । ଇରାନ ସରକାରଙ୍କ ନିର୍ଦ୍ଦେଶରେ ସୁରକ୍ଷା ବାହିନୀ ଅନେକ ସ୍ଥାନରେ ଗୁଳି ଚଳାଇଥିବା ରିପୋର୍ଟ ସାମ୍ନାକୁ ଆସିଛି । ତେହେରାନର ଜଣେ ଡାକ୍ତର କହିଛନ୍ତି, ରାଜଧାନୀ ତେହେରାନର ଛଅଟି ହସ୍ପିଟାଲରେ ୨୧୭ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ କରାଯାଇଛି । ମୃତକଙ୍କ ମଧ୍ୟରୁ ଅଧିକାଂଶ ଗୁଳି ମାଡ଼ରେ ପ୍ରାଣ ହରାଇଛନ୍ତି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଏହି ପ୍ରତିବାଦ ପାଇଁ ଆମେରିକାକୁ ଦାୟୀ କରିଛନ୍ତି ।

# ଆସନ୍ତା ୨୭ରୁ ଓଜେଇ ପାଇଁ ଆବେଦନ

**ଭୁବନେଶ୍ୱର, ୧୦।୧:** ଆସନ୍ତା ୨୭ ତାରିଖରୁ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୬ପାଇଁ ଆରମ୍ଭ ହେବ ଆବେଦନ । ଏହି ପ୍ରକ୍ରିୟା ମାର୍ଚ୍ଚ ୨୬ ତାରିଖ ଯାଏ ଚାଲିବ । ମେ ୧୧ରୁ ୧୭ ଯାଏ ପରୀକ୍ଷା ହେବ । ମେ ୩୧ରେ ଫଳାଫଳ ପ୍ରକାଶ ପାଇବ ବୋଲି ଲକ୍ଷ୍ୟ ରଖାଯାଇଛି । ଏହାକୁ ଗତ ୨୨ ତାରିଖରେ ହୋଇଥିବା ପଲିସି ପ୍ଲାନିଂ ବଡିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି । ରାଜ୍ୟର ବିଭିନ୍ନ

**ମେ’ ୧୧ରେ ପରୀକ୍ଷା, ୩୧ରେ ଫଳ**

ବୃତ୍ତିଗତ ପାଠ୍ୟକ୍ରମରେ ଆଡମିଶନ ପାଇଁ ମେରିଟ୍ ତାଲିକା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଓଡିଶା ମିଳିତ ପ୍ରବେଶିକା ପରୀକ୍ଷା (ଓଜେଇଇ) କରାଯାଇଥାଏ । ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଓଜେଇଇ ପକ୍ଷରୁ ଏପରି କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି । ଏହାକୁ ଗତ ୨୨ ତାରିଖରେ ହୋଇଥିବା ପଲିସି ପ୍ଲାନିଂ ବଡିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ମିଳିଛି ।

## ହାଲ୍‌ଚାଲ୍



ରାଜ୍ୟବ୍ୟାପୀ ପ୍ରବଳ ଶୀତ ଲୋକଙ୍କୁ ଅସ୍ତବ୍ୟସ୍ତ କଲାଣି କୋରାପୁଟକୁ ଟ୍ୱିନସିଟି ଜାଡ଼ ପଛରେ ପକାଇ ଦେଲାଣି ଶିମିଳିପାଳ ସବୁଠୁ ଥଣ୍ଡା ମାଇନ ଡିଗ୍ରୀ ହେଲାଣି ।

# ସୁପ୍ରିମକୋର୍ଟରେ ଦିଦି-ଇଡି ଲଢ଼େଇ

**ନୂଆଦିଲ୍ଲୀ,୧୦।୧:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ଓ-ଚଇଉ ମାମଲାରେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛି । ସର୍ବୋଚ୍ଚ ନ୍ୟାୟାଳୟରେ ଦାଖଲ ଆବେଦନରେ, ଇଡି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏଜେନ୍ସିର କାର୍ଯ୍ୟରେ ହସ୍ତକ୍ଷେପ କରିବାର ଆଣିଛି । ଇଡିର ଅଭିଯୋଗ ଅନୁସାରେରେ, କୋଲକାତାରେ ଆଇ-ପାକ୍ ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ପରିସରରେ ଚଢାଉ ସମୟରେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡି ଅଧିକାରୀଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍, ହାର୍ଡ ଡିସ୍କ ଏବଂ ମୋବାଇଲ୍ ଫୋନ୍ ଛଡାଇ ଆଣିଥିଲେ ।

ଇଡି ପୂର୍ବରୁ ଶୁକ୍ରବାର ଏହି ମାମଲାରେ କୋଲକାତା ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲା, ଯାହାର ଶୁଣାଣି ଆସନ୍ତା ବୁଧବାର ହେବ । ଇଡିର କହିବା ଅନୁସାରେ, ଜାଣିଶୁଣି



ତଦନ୍ତରେ ବାଧା ସୃଷ୍ଟି କରିବାକୁ ଏଭଳି କରାଯାଇଥିଲା । ପ୍ରତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଇଡି ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ଏହି ମାମଲାରେ ସିବିଆଇ ତଦନ୍ତ ଦାବି କରାଯାଇଥିଲା । ଏଜେନ୍ସି ଏହି ସମ୍ପର୍କରେ ମାମଲା ରୁଜୁ କରିବାକୁ ଅନୁମତି ମାଗି କୋର୍ଟରେ ଏକ ଆବେଦନ ମଧ୍ୟ ଦାଖଲ କରିଥିଲା ।

# ୭ଦିନରୁ ଅନୁପସ୍ଥିତ ରହିଲେ ଛାତ୍ରଛାତ୍ରୀଙ୍କ ଘରକୁ ଯିବେ ଶିକ୍ଷକ

**ଭୁବନେଶ୍ୱର, ୧୦।୧:** ଶିଶୁମାନଙ୍କର ଅଧିକାର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ବିଦ୍ୟାଳୟଗୁଡ଼ିକରେ ଦୀର୍ଘ ସମୟ ଧରି ଅନୁପସ୍ଥିତିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଇଇ) ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟାଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରାଯାଇଛି । ଏହା ଅନୁଯାୟୀ, ଯଦି କୌଣସି ଛାତ୍ର ସାତ ଦିନ କିମ୍ବା ତାହାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟରୁ ଅନୁପସ୍ଥିତ ରହେ, ତେବେ ଶିକ୍ଷକ କିମ୍ବା ବିଦ୍ୟାଳୟ ଅଧିକାରୀମାନେ ତାଙ୍କ ଘରକୁ ଯାଇ ସ୍ଥିତି ବିଷୟରେ ତଥ୍ୟ ଗ୍ରହଣ କରିବେ ।

ଡିଇଇ ପକ୍ଷରୁ ୮ ଜାନୁଆରୀ ୨୦୨୬ ତାରିଖରେ ଜାରି କରାଯାଇଥିବା ଔପଚାରିକ ଅଧିସୂଚନା ଅନୁସାରେ, ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ପ୍ରଖଣ୍ଡ ଶିକ୍ଷା ଅଧିକାରୀ (ବିଇଓ) ମାନଙ୍କୁ ଏହି ନିର୍ଦ୍ଦେଶର ତୁରନ୍ତ ଏବଂ କାର୍ଯ୍ୟକାରୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ କୁହାଯାଇଛି । ଏହି ନିର୍ଦ୍ଦେଶ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ଠାରୁ ପ୍ରାପ୍ତ ପତ୍ରାଚାର ପରେ ଜାରି କରାଯାଇଛି ।

- ସରକାରଙ୍କୁ ଡ୍ରପ୍ ଆଉଟ୍ ଚିନ୍ତା
- ଘରକୁ ଯାଇ ପ୍ରକୃତ କାରଣ ବୁଝିବେ ଶିକ୍ଷକ



ଅଧିସୂଚନାରେ କୁହାଯାଇଛି, “ଏକ ସପ୍ତାହ କିମ୍ବା ତାହାଠାରୁ ଅଧିକ ସମୟ ଧରି ଅନୁପସ୍ଥିତ ଥିବା ଛାତ୍ରମାନଙ୍କ ଘରକୁ ଯାଇ ସମ୍ପର୍କ ସ୍ଥାପନ କରିବା ପାଇଁ ବିଦ୍ୟାଳୟ କାର୍ଯ୍ୟାଧିକାରୀମାନଙ୍କୁ ପରାମର୍ଶ ଦିଆଯାଉଛି ।” ଏଥିରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଏହି ପରାମର୍ଶ ଶିଶୁ ଅଧିକାର ସୁରକ୍ଷାର ଉଦ୍ଦେଶ୍ୟରେ ଜାରି କରାଯାଇଛି ଏବଂ ଏହାଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ।

ଚିଠିରେ ସମସ୍ତ ଡିଇଓ ଓ ବିଇଓ ମାନଙ୍କୁ ନିଜ-ନିଜ ସ୍ତରରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ନୂତନ ନିର୍ଦ୍ଦେଶ ଅନୁସାରେ, ସାତ ଦିନରୁ ଅଧିକ ସମୟ ଧରି ଅନୁପସ୍ଥିତ ଥିବା କୌଣସି ଛାତ୍ରଙ୍କ ଘରକୁ ଯାଇ ତାଙ୍କ ଅନୁପସ୍ଥିତିର କାରଣ ଜାଣିବା ଏବଂ ଉପଯୁକ୍ତ ସୁଧାରାତ୍ମକ ପଦକ୍ଷେପ ନେବା ଅନିବାର୍ଯ୍ୟ ହେବ ।

ଏହି ନିର୍ଦ୍ଦେଶ ସମ୍ପର୍କରେ ଔପଚାରିକ ଭାବରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ମଧ୍ୟ ଅବଗତ କରାଯାଇଛି ।

## ଟ୍ରମ୍ପଙ୍କ ଦାବି ବନାମ ସଚିବଙ୍କ ବୟାନ : ଭାରତ - ଆମେରିକା ସମ୍ପର୍କରେ ଦ୍ୱନ୍ଦ

ଗତ ତିନି ଦିନ ମଧ୍ୟରେ ଭାରତ ପ୍ରତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ବେଶ୍ କଠୋର ଜଣାପଡୁଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ନିଜେ ଟ୍ରମ୍ପ ଦେଇଥିବା ବୟାନ ଏବଂ ତାଙ୍କ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ କଥା ମଧ୍ୟରେ ଆଦୌ ମେଳ ଖାଉନାହିଁ ।

୬ ଜାନୁଆରୀ ୨୦୨୬ରେ ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଥିଲେ ଯେ, ଭାରତ ଉପରେ କଠୋର ଟ୍ୟାରିଫ୍ (ଶୁଳ୍କ) ଲଗାଯିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଫୋନ୍ କରିଥିଲେ । ଟ୍ରମ୍ପଙ୍କ କହିବା ଅନୁସାରେ, ମୋଦୀ ଅତ୍ୟନ୍ତ ସମ୍ମାନର ସହ ତାଙ୍କ ସହ କଥା ହୋଇଥିଲେ ଏବଂ ପଚାରିଥିଲେ, ସାର, ମୁଁ କଣ (ଆପଣଙ୍କ ପାଖକୁ) ଆସିପାରିବି ? ଟ୍ରମ୍ପ ଏହା ଦର୍ଶାଇବାକୁ ଚାହୁଁଥିଲେ ଯେ ତାଙ୍କର ଟ୍ୟାରିଫ୍ ନୀତି ଯୋଗୁଁ ବିଶ୍ୱର ବଡ଼ ନେତାମାନେ ନଇଁବାକୁ ବାଧ ହେଉଛନ୍ତି ।

ମାତ୍ର ତିନି ଦିନ ପରେ, ୯ ଜାନୁଆରୀରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏକ ପୋଡକାଷ୍ଟରେ ସମ୍ପୂର୍ଣ୍ଣ ଅଲଗା କଥା କହିଛନ୍ତି । ସେ କହିଛନ୍ତି ଯେ ଭାରତ ସହ ଏକ ବଡ଼ ବ୍ୟାପାର ଚୁକ୍ତି ହେବାର ଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କୁ ଫୋନ୍ ନ କରିବାରୁ ସେହି ଚୁକ୍ତି ଭାଙ୍ଗିଗଲା । ଲୁଟନିକ୍ ?ଙ୍କ ଅନୁସାରେ, ଭାରତ ଏହି ସୁଯୋଗ ହରାଇଛି ଏବଂ ଆମେରିକା ଏବେ ଇଣ୍ଡୋନେସିଆ ଓ ଭିଏତନାମ ସହ ଚୁକ୍ତି କରିସାରିଛି ।

ଏହି ଘଟଣା ଆମେରିକାର ବୈଦେଶିକ ନୀତି ଏବଂ ଭାରତ-ଆମେରିକା ସମ୍ପର୍କର କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ସ୍ପଷ୍ଟ କରୁଛି: ଟ୍ରମ୍ପଙ୍କ ଶୋ-ମ୍ୟାନସିପ୍ ବନାମ ବାସ୍ତବତା: ଡୋନାଲ୍ଡ ଟ୍ରମ୍ପ ସବୁବେଳେ ନିଜର ବ୍ୟକ୍ତିଗତ ସମ୍ପର୍କକୁ ଅତିରଞ୍ଜିତ କରି ଘରୋଇ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି । ମୋଦୀଙ୍କୁ 'ଗ୍ରେଟ୍ ଫ୍ରେଣ୍ଡ' କହିବା ଏବଂ ପୁଣି ତାଙ୍କୁ ନିଜ ନୀତି ଆଗରେ ନଇଁଥିବା ଦର୍ଶାଇବା ତାଙ୍କର ଏକ ରଣନୀତି ।

ଭାରତ-ଆମେରିକା ସମ୍ପର୍କରେ ଦ୍ୱନ୍ଦ୍ୱ ଗତ ତିନି ଦିନ ମଧ୍ୟରେ ଭାରତ ପ୍ରତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ବେଶ୍ କଠୋର ଜଣାପଡୁଛି । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ନିଜେ ଟ୍ରମ୍ପ ଦେଇଥିବା ବୟାନ ଏବଂ ତାଙ୍କ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ କଥା ମଧ୍ୟରେ ଆଦୌ ମେଳ ଖାଉନାହିଁ ।

୬ ଜାନୁଆରୀ ୨୦୨୬ରେ ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଥିଲେ ଯେ, ଭାରତ ଉପରେ କଠୋର ଟ୍ୟାରିଫ୍ (ଶୁଳ୍କ) ଲଗାଯିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଫୋନ୍ କରିଥିଲେ । ଟ୍ରମ୍ପଙ୍କ କହିବା ଅନୁସାରେ, ମୋଦୀ ଅତ୍ୟନ୍ତ ସମ୍ମାନର ସହ ତାଙ୍କ ସହ କଥା ହୋଇଥିଲେ ଏବଂ ପଚାରିଥିଲେ, ସାର ମୁଁ କଣ (ଆପଣଙ୍କ ପାଖକୁ) ଆସିପାରିବି ? ଟ୍ରମ୍ପ ଏହା ଦର୍ଶାଇବାକୁ ଚାହୁଁଥିଲେ ଯେ ତାଙ୍କର ଟ୍ୟାରିଫ୍ ନୀତି ଯୋଗୁଁ ବିଶ୍ୱର ବଡ଼ ନେତାମାନେ ନଇଁବାକୁ ବାଧ ହେଉଛନ୍ତି ।

ମାତ୍ର ତିନି ଦିନ ପରେ, ୯ ଜାନୁଆରୀରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଏକ ପୋଡକାଷ୍ଟରେ ସମ୍ପୂର୍ଣ୍ଣ ଅଲଗା କଥା କହିଛନ୍ତି । ସେ କହିଛନ୍ତି ଯେ ଭାରତ ସହ ଏକ ବଡ଼ ବ୍ୟାପାର ଚୁକ୍ତି ହେବାର ଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କୁ ଫୋନ୍ ନ କରିବାରୁ ସେହି ଚୁକ୍ତି ଭାଙ୍ଗିଗଲା । ଲୁଟନିକ୍ ?ଙ୍କ ଅନୁସାରେ, ଭାରତ ଏହି ସୁଯୋଗ ହରାଇଛି ଏବଂ ଆମେରିକା ଏବେ ଇଣ୍ଡୋନେସିଆ ଓ ଭିଏତନାମ ସହ ଚୁକ୍ତି କରିସାରିଛି । ଏହି ଘଟଣା ଆମେରିକାର ବୈଦେଶିକ ନୀତି ଏବଂ ଭାରତ-ଆମେରିକା ସମ୍ପର୍କର କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ସ୍ପଷ୍ଟ କରୁଛି: ଟ୍ରମ୍ପଙ୍କ 'ଶୋ-ମ୍ୟାନସିପ୍' ବନାମ ବାସ୍ତବତା: ଡୋନାଲ୍ଡ ଟ୍ରମ୍ପ ସବୁବେଳେ ନିଜର ବ୍ୟକ୍ତିଗତ ସମ୍ପର୍କକୁ ଅତିରଞ୍ଜିତ କରି ଘରୋଇ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି । ମୋଦୀଙ୍କୁ 'ଗ୍ରେଟ୍ ଫ୍ରେଣ୍ଡ' କହିବା ଏବଂ ପୁଣି ତାଙ୍କୁ ନିଜ ନୀତି ଆଗରେ ନଇଁଥିବା ଦର୍ଶାଇବା ତାଙ୍କର ଏକ ରଣନୀତି ।

ଆମେରିକାର 'ଟ୍ରାଞ୍ଜାକ୍ସନାଲ' (କାରବାରଭିତ୍ତିକ) ନୀତି: ଲୁଟନିକ୍ ?ଙ୍କ ବୟାନରୁ ସ୍ପଷ୍ଟ ଯେ ଟ୍ରମ୍ପ ପ୍ରଶାସନ ବନ୍ଧୁତା ଅପେକ୍ଷା ଲାଭ-କ୍ଷତିକୁ ଅଧିକ ଗୁରୁତ୍ୱ ଦେଉଛି । ସେମାନେ ଚାହୁଁଛନ୍ତି ଯେ ଭାରତ ନିଜେ ଆଗକୁ ଆସି ସର୍ତ୍ତ ମାନିନେଉ, ଯାହାକୁ ଭାରତ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ଗ୍ରହଣ କରୁନାହିଁ ।

ଭାରତର ଦୃଢ଼ ଆଭିମୁଖ୍ୟ: ଭାରତ ସ୍ପଷ୍ଟ କରିଦେଇଛି ଯେ ସେ କୌଣସି ଚାପରେ ଆସି ବାଣିଜ୍ୟ ଚୁକ୍ତି କରିବ ନାହିଁ । ବିଶେଷ କରି ଋଷ ସହ ସମ୍ପର୍କ ଏବଂ ଶସ୍ତା ତେଲ କିଣିବା ପ୍ରସଙ୍ଗରେ ଭାରତ ନିଜ ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛି । ଯଦି ଆମେରିକା ସହ ସମ୍ପର୍କରେ ତିକ୍ତତା ବଢ଼େ, ତେବେ ଭାରତ ପାଇଁ ଚୀନ୍ ସହ ସୀମା ବିବାଦ ସୁଝାଇବା ଏବଂ ନିଜର ବ୍ୟାପାରିକ ସନ୍ତୁଳନ ରକ୍ଷା କରିବା ପାଇଁ ଏକ ନୂଆ କୂଟନୈତିକ ବାଟ ଖୋଲିପାରେ । ଟ୍ରମ୍ପ ଏବଂ ତାଙ୍କ ଅଧିକାରୀଙ୍କ ମଧ୍ୟରେ ଥିବା ଏହି ବୟାନବାଜି ଦର୍ଶାଉଛି ଯେ ଆମେରିକାରେ ନୀତି ନିର୍ଦ୍ଧାରଣ ଅପେକ୍ଷା 'ଇଗୋ' ବା ଅହଂକାରର ଲଢ଼େଇ ଅଧିକ ଚାଲିଛି । ଭାରତ ପାଇଁ ଏହା ଏକ ସତର୍କ ଘଣ୍ଟି ଯେ, ଆମେରିକା ସହ ବନ୍ଧୁତା ଯେତିକି ଗୁରୁତ୍ୱପୂର୍ଣ୍ଣ, ନିଜର ଆତ୍ମସମ୍ମାନ ଏବଂ ସ୍ୱାଧୀନ ବୈଦେଶିକ ନୀତି ବଜାୟ ରଖିବା ସେତିକି ଆବଶ୍ୟକ ।

## ଶ୍ରବଣ ଶକ୍ତି ହ୍ରାସର ପୂର୍ବାଭାସ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଶ୍ରବଣଶକ୍ତି କ୍ଷୀଣ ହେବା ଆରମ୍ଭ ନକଲା ଯାଏ ଅଧିକାଂଶ ଲୋକ ତାହାକୁ ଅଣଦେଖା କରିଥାନ୍ତି । ଶ୍ରବଣଶକ୍ତି ହ୍ରାସର ପ୍ରାଥମିକ ଓ ସାଧାରଣ ଲକ୍ଷଣ ମଧ୍ୟରୁ ଗୋଟିଏ ହେଉଛି ଅନ୍ୟମାନେ କ୍ଷୀଣ ସ୍ୱରରେ କଥା ହେଉଛନ୍ତି ପରି ଲାଗିବା । ଆପଣଙ୍କୁ ନିୟମିତ ଭାବେ କ'ଣ କହିଲେ, ବୁଝିପାରିଲି ନାହିଁ, ଟିକିଏ ଜୋରରେ କୁହନ୍ତୁ କହିବାକୁ ପଡ଼ିବା ଆଉ ଏକ ଲକ୍ଷଣ । ସେହିପରି ଶ୍ରବଣଶକ୍ତି ହ୍ରାସର ଅନ୍ୟତମ ଲକ୍ଷଣ ହେଲା କୋଳାହଳପୂର୍ଣ୍ଣ ସ୍ଥାନରେ ସ୍ପଷ୍ଟ ଭାବରେ ଶୁଣିବାରେ ସମସ୍ୟା ହେବା । ଯଦି ରେସ୍ତୋରାଁ, କାଫେ, ବଜାର କିମ୍ବା ପାରିବାରିକ ସମାବେଶରେ କଥା ବୁଝିବାରେ ସମସ୍ୟା ହେଉଛି ତାହା ଶ୍ରବଣଶକ୍ତି ହ୍ରାସର ସଙ୍କେତ । ଲୋକେ କଥାବାର୍ତ୍ତା କରୁଥିବା ଶୁଣିପାରୁଥିଲେ ହେଁ ସେମାନେ କ'ଣ କହୁଛନ୍ତି ବୁଝିବା କଷ୍ଟ ହୁଏ । ଏହାକୁ ଅଣଦେଖା କରିବା ଦ୍ୱାରା ସାମାଜିକ ଦୂରତା, ହତାଶା ଓ ଗୋଷ୍ଠୀ କାର୍ଯ୍ୟକଳାପରେ ଅଂଶ ଗ୍ରହଣ ହ୍ରାସ ହୋଇପାରେ । ଅନ୍ୟତମ ଲକ୍ଷଣ ହେଲା ଅନ୍ୟ ମାନଙ୍କ ତୁଳନାରେ ଟିଭି କିମ୍ବା ଫୋନ ଭଲ୍ୟୁମ ଅଧିକ ବଢ଼ାଇବା, ସବୁବେଳେ ସ୍ପିକରଫୋନ ବ୍ୟବହାର କରିବା, ଶାନ୍ତ ଜାଗାରେ ମଧ୍ୟ ଫୋନ ଭଲ୍ୟୁମ ବଢ଼ାଇବା ।

ସେହିପରି କଥାବାର୍ତ୍ତା ପରେ କ୍ଲାନ୍ତ କିମ୍ବା ଚାପଗ୍ରସ୍ତ ଅନୁଭବ କରିବା ହେଉଛି ଅନ୍ୟତମ ଲକ୍ଷଣ । ଶୁଣିବାରେ ଆମ କାନ ଅପେକ୍ଷା ମସ୍ତିଷ୍କର କାମ ଅଧିକ । ଯେତେବେଳେ ଆମ କାନ ସ୍ପଷ୍ଟ ଭାବରେ ଶବ୍ଦ ଗ୍ରହଣ କରେ ନାହିଁ, ସେତେବେଳେ ମସ୍ତିଷ୍କକୁ ଓଠ ପଢ଼ିବା, ଶବ୍ଦ ଅନୁମାନ କରିବା ଏବଂ ସ୍ୱର ଅନୁସରଣ କରିବା ପାଇଁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ । ସେହିପରି ସାଧାରଣତଃ ଶ୍ରବଣ ଶକ୍ତି ହ୍ରାସ ପାଇବା ଆରମ୍ଭ ହେବା ପରେ ଡୋରବେଲ କିମ୍ବା ଫୋନ, ମାଇକ୍ରୋୱେଭ କି ୱାସିଂ ମେସିନ ବିପ, ପିଲା କିମ୍ବା ମହିଳାଙ୍କ ସ୍ୱର ପରି କେତେକ ଉଚ୍ଚଫ୍ରିକ୍ୱେନ୍ସି ଶବ୍ଦ ପ୍ରଥମେ ଅସ୍ପଷ୍ଟ ହୋଇଯାଏ । ତେଣୁ ଉପରୋକ୍ତ ଲକ୍ଷଣ ଗୁଡ଼ିକ ମଧ୍ୟରୁ ଗୋଟିଏ କିମ୍ବା ଦୁଇଟି ଦେଖାଗଲେ ଶ୍ରବଣ ପରୀକ୍ଷା କରିବା ଜରୁରୀ ।


ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ


## ବିକଶିତ ଭାରତ ଯୁବ ନେତାଙ୍କ ଆଲୋଚନା : ବିକଶିତ ଭାରତ ପାଇଁ ଯୁବ ନେତୃତ୍ୱର ସଶକ୍ତିକରଣ

**ଡକ୍ଟର ମନସୁଖ ମାଣ୍ଡଭିୟ**

ଭାରତର ବିକାଶ କାହାଣୀ ସେହିମାନଙ୍କ ଦ୍ୱାରା ଲେଖାଯିବ, ଯେଉଁମାନେ ଆଜି ଏହାର ଚିନ୍ତାଧାରାକୁ ଆକାର ଦେଉଛନ୍ତି । ସାରା ଦେଶରେ ଯୁବ ଭାରତୀୟମାନେ ଗଭୀର ଭାବେ ଏହା ଭାବୁଛନ୍ତି ଯେ, ଭାରତ କିପରି ଦ୍ରୁତ ଗତିରେ ଅଗ୍ରଗତି କରିପାରିବ, ଉନ୍ନତ ଓ କାର୍ଯ୍ୟକୁଶଳ ଶାସନ ବ୍ୟବସ୍ଥା ଗଢ଼ିପାରିବ ଏବଂ ୨୦୪୭ ସୁଦ୍ଧା କିପରି ଏକ ବିକଶିତ ଦେଶ ଭାବେ ନିଜକୁ ସ୍ଥାପିତ କରିପାରିବ । ଏହି ଚିନ୍ତାଧାରା କେବଳ ନୀତି ପତ୍ର କିମ୍ବା ସମ୍ମିଳନୀ କକ୍ଷରେ ସୀମିତ ନୁହେଁ; ଏହା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଓ ଯୁବ ଗୋଷ୍ଠୀରେ, ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ୍ ଓ ଖେଳ ପଡ଼ିଆ, ଶ୍ରେଣୀଗୃହ ସହ ଗ୍ରାମ ସଭାରେ ମଧ୍ୟ ଜୀବନ୍ତ ଭାବେ ପ୍ରକାଶ ପାଉଛି । ପ୍ରକୃତ ପ୍ରଶ୍ନ ଏହା ନୁହେଁ ଯେ ଯୁବପିଢ଼ିଙ୍କ ପାଖରେ ଯୋଗଦାନ ଦେବା ପାଇଁ କିଛି ଅଛି କି ନାହିଁ, ବରଂ ଏହା ଯେ ସେମାନଙ୍କ ଚିନ୍ତାଧାରାଗୁଡ଼ିକୁ ଦେଶର ବିକାଶ ପାଇଁ ଏକ ଶକ୍ତିଶାଳୀ ମଞ୍ଚ ଦିଆଯାଉଛି କି ନାହିଁ । ବିକଶିତ ଭାରତ ଯୁବ ନେତା ଆଲୋଚନା (ଭିବିୱାଇଏଲଡି) ସେହି ଆବଶ୍ୟକତାକୁ ମନରେ ରଖି ଡିଜାଇନ୍ କରାଯାଇଛି-ଯାହା ଯୁବପିଢ଼ିଙ୍କ ଚିନ୍ତାଧାରାକୁ କେବଳ ଶୁଣିବା ପାଇଁ ନୁହେଁ, ବରଂ ତାହାକୁ ଜାତୀୟ ବିକାଶର ଚାଳକଶକ୍ତିରେ ପରିଣତ କରିବା ପାଇଁ ଏକ ସଂଗଠିତ ମଞ୍ଚ ପ୍ରଦାନ କରିବା । ଆଜି, ଭାରତରେ ବିଶ୍ୱର ସର୍ବାଧିକ ଯୁବକମାନେ ରହିଛନ୍ତି । ତେଣୁ, ଏହା ସ୍ୱାଭାବିକ ଦେଶର ଭବିଷ୍ୟତ ଦିଗ କେବଳ ନୀତି କିମ୍ବା ପ୍ରତିଷ୍ଠାନ ଦ୍ୱାରା ନୁହେଁ, ବରଂ ଏହାର ଯୁବ ନାଗରିକଙ୍କ କଳ୍ପନା, ବିଶ୍ୱାସ ତଥା ସାହସ ଦ୍ୱାରା ନିର୍ଦ୍ଧୟ କରାଯିବ । ଯୁବଶକ୍ତିର ଏହି ବିଶାଳ ଭଣ୍ଡାର କେବଳ ଏକ ଜନସଂଖ୍ୟାଗତ ଲାଭାଂଶ ନୁହେଁ; ଏହା ଭାରତର ସର୍ବଶ୍ରେଷ୍ଠ ଜାତୀୟ ସମ୍ପତ୍ତି, ନବସୃଜନକୁ ଚଳାଇ, ଗଣତନ୍ତ୍ରକୁ ସୁଦୃଢ଼ କରି ଦେଶକୁ ସମାବେଶୀ ଓ ସ୍ଥାୟୀ ବିକାଶ ଆଡ଼କୁ ନେବାରେ ସକ୍ଷମ । ଭାରତର ଯୁବ ପିଢ଼ିର ଆକାଂକ୍ଷା ଏକ ଦୃଢ଼ ଉଦ୍ଦେଶ୍ୟ ଏବଂ ସମ୍ଭାବନା ଦ୍ୱାରା ପରିଚାଳିତ । ଆଜିର ଯୁବପିଢ଼ି କେବଳ ବ୍ୟକ୍ତିଗତ ଉନ୍ନତି ଦ୍ୱାରା ପ୍ରେରିତ ନୁହଁନ୍ତି; ସେମାନେ ଦାୟିତ୍ୱ ନେବା ଏବଂ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବାର ଇଚ୍ଛା ଦ୍ୱାରା ମଧ୍ୟ ପରିଚାଳିତ । ସେମାନେ ଏପରି ରାସ୍ତା ଖୋଜନ୍ତି ଯେଉଁଠାରେ ସେମାନଙ୍କର ସୃଜନଶୀଳତାକୁ ସମାଧାନରେ, ସେମାନଙ୍କର ଶକ୍ତିକୁ ନେତୃତ୍ୱରେ ଏବଂ ସେମାନଙ୍କର ମହତ୍ୱାକାଂକ୍ଷାକୁ ସେବାରେ ପରିଣତ କରାଯାଇପାରିବ । ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଭାବରେ ମୋର କାର୍ଯ୍ୟକାଳ ମଧ୍ୟରେ, ମୁଁ ବିଭିନ୍ନ ପରିବେଶରେ ଯୁବ ଭାରତୀୟଙ୍କ ସହିତ ଆଲୋଚନା କରିବାର ସୁଯୋଗ ପାଇଛି - ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ, ଗ୍ରାମୀଣ ଜିଲ୍ଲାଗୁଡ଼ିକରେ, ଖେଳ ପଡ଼ିଆରେ ଏବଂ ଯୁବ-ନେତୃତ୍ୱାଧୀନ ସାମୁଦାୟିକ ପଦକ୍ଷେପରେ । ଯାହା ସର୍ବଦା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ, ତାହା ହେଉଛି ଯୁବକମାନେ ଦେଶର ଭବିଷ୍ୟତ ପ୍ରତି କେତେ ଗମ୍ଭୀରତାର ସହିତ ଚିନ୍ତିତ । ମୁଁ ଗ୍ରାମୀଣ ଯୁବ ସ୍ୱେଚ୍ଛାସେବକମାନଙ୍କ ଏକ ଗୋଷ୍ଠୀକୁ ଭେଟିଥିବା ମନେ ପକାଉଛି, ଯେଉଁମାନେ ସେମାନଙ୍କ ଗାଁରେ ଅନୌପଚାରିକ ଶିକ୍ଷା କେନ୍ଦ୍ର ଆୟୋଜନ କରିଥିଲେ । ସୀମିତ ସମ୍ବଳ ସତ୍ତ୍ୱେ, ଦୃଢ଼ ବିଶ୍ୱାସ ସହିତ, ସେମାନେ ସ୍ଥାନୀୟ ଭାବରେ ଡିଜାଇନ୍ କରାଯାଇଥିବା ହସ୍ତକ୍ଷେପ ମାଧ୍ୟମରେ ଶିକ୍ଷା ଏବଂ ଦକ୍ଷତା ବିକାଶରେ ଥିବା ବ୍ୟବଧାନକୁ ଦୂର କରୁଥିଲେ । ସେମାନଙ୍କର ଚିନ୍ତାଧାରା ବ୍ୟବହାରିକ, ବାସ୍ତବତାରେ ଆଧାରିତ ଏବଂ ଦାୟିତ୍ୱର ସ୍ପଷ୍ଟ ଭାବନା ଦ୍ୱାରା ପରିଚାଳିତ ଥିଲା । ଏପରି ଅଭିଜ୍ଞତା ଏକ ସରଳ ସତ୍ୟକୁ ନିଶ୍ଚିତ କରେ: ଯେତେବେଳେ ଯୁବକମାନଙ୍କୁ ବିଶ୍ୱାସ କରାଯାଏ ଏବଂ ସୁଯୋଗ ଦିଆଯାଏ, ସେମାନେ କେବଳ ଅଂଶଗ୍ରହଣ କରନ୍ତି ନାହିଁ ବରଂ ନେତୃତ୍ୱ ମଧ୍ୟ ନିଅନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରୁ ଆହ୍ୱାନ କରିଥିଲେ ଯେ, କୌଣସି ରାଜନୈତିକ ପୃଷ୍ଠଭୂମି ନଥିବା ଏକ ଲକ୍ଷ ଯୁବକଙ୍କୁ ସାର୍ବଜନୀକ ଜୀବନରେ ଆଣିବା ଉଚିତ । ପ୍ରଧାନମନ୍ତ୍ରୀଙ୍କ ଏହି ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ, 'ବିକଶିତ ଭାରତ ଯୁବ ନେତା ଆଲୋଚନା' କାର୍ଯ୍ୟକ୍ରମ ଜାନୁଆରୀ ୨୦୨୫ରେ ଆରମ୍ଭ କରାଯାଇଥିଲା । ଜାତୀୟ ଯୁବ ମହୋତ୍ସବକୁ ଏକ ସମ୍ପୂର୍ଣ୍ଣ ନୂତନ ଢାଞ୍ଚାରେ ପୁନଃକଳ୍ପନା କରାଯାଇଥିଲା । ପ୍ରତିକ୍ରିୟା ଅଭୂତପୂର୍ବ ଥିଲା । ବିକଶିତ ଭାରତ ଆହ୍ୱାନ ମାଧ୍ୟମରେ ୩୦ ଲକ୍ଷରୁ ଅଧିକ ଯୁବକ ଅଂଶଗ୍ରହଣ କରିଥିଲେ, ଦୁଇ ଲକ୍ଷରୁ ଅଧିକ ପ୍ରବନ୍ଧ ଦାଖଲ କରାଯିବା ସହ ହଜାର ହଜାର ଯୁବକ ରାଜ୍ୟ ସ୍ତରରେ ସେମାନଙ୍କର ଚିନ୍ତାଧାରା ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମ ଦିଲ୍ଲୀର ଭାରତ ମଣ୍ଡପମରେ ଶେଷ ହୋଇଥିଲା, ଯେଉଁଠାରେ ୩୦୦୦ ଯୁବ ନେତା ପ୍ରଧାନମନ୍ତ୍ରୀଙ୍କ ସହ ଏକ ସ୍ପଷ୍ଟ ଆଲୋଚନାରେ ସାମିଲ ହେବାର ସୁଯୋଗ ପାଇଥିଲେ, ଯିଏ ସେମାନଙ୍କ ମତାମତ ଶୁଣିବା ଏବଂ ସେମାନଙ୍କୁ ନେତୃତ୍ୱ ନେବା ପାଇଁ ପ୍ରେରଣା ଦେବାରେ କିଛି ଘଣ୍ଟା ବିତାଇଥିଲେ । ସଂଖ୍ୟାଗତ ଅଂଶଗ୍ରହଣ ଠାରୁ ଅଧିକ, ଅଂଶଗ୍ରହଣର ଗୁଣାତ୍ମକ ସ୍ୱଭାବ ଏହି ଆଲୋଚନାକୁ ପ୍ରକୃତରେ ଐତିହାସିକ କରିଥିଲା । ଏହା ସ୍ପଷ୍ଟ କରିଦେଇଥିଲା ଯେ, ୨୦୪୭ର ଭାରତ ନିର୍ମାଣରେ ଭାରତର ଯୁବ ଶକ୍ତିର ଚିନ୍ତାଧାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁବ ଅଂଶଗ୍ରହଣକାରୀମାନଙ୍କୁ ଜାତୀୟ ଆହ୍ୱାନ ବିଷୟରେ ସମାଲୋଚନାମୂଳକ ଭାବରେ ଚିନ୍ତା କରିବାକୁ, ସମାଧାନ ପ୍ରଦାନ କରିବାକୁ ଏବଂ ଆକାଂକ୍ଷା ତଥା କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରି ଏକ ସହଭାଗୀ ଉଦ୍ଦେଶ୍ୟ ସହିତ ବ୍ୟକ୍ତିଗତ ମହତ୍ୱାକାଂକ୍ଷାକୁ ସଂଯୋଗ କରିବାକୁ ଉତ୍ସାହିତ କରାଯାଇଥିଲା । ବିକଶିତ ଭାରତ ଯୁବ ନେତାମାନଙ୍କ ଆଲୋଚନାର ଶକ୍ତି କେବଳ ଏହାର ପରିମାଣରେ ନୁହେଁ, ବରଂ ଏହାର ଡିଜାଇନରେ ରହିଛି । ଏହି ପ୍ରୟାସର ଗଠନରେ ଚିନ୍ତାଧାରା, ଭାଷା, ସଂସ୍କୃତି ଏବଂ ଅଭିଜ୍ଞତାର ବିବିଧତା ନିହିତ ଅଛି । ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଭାରତର ଯୁବକ, ଛାତ୍ର ଏବଂ ବୃତ୍ତିଗତ, ନବସୃଜନକାରୀ ତଥା ତୃଣମୂଳ ସ୍ତରର ନେତାମାନେ ଏକ ମଞ୍ଚ ଅଂଶୀଦାର କରନ୍ତି । ବିଭିନ୍ନ ସ୍ତରର ଅଂଶଗ୍ରହଣ ନିଶ୍ଚିତ କରେ ଯେ, ଭୌଗୋଳିକ, ଭାଷା କିମ୍ବା ପୃଷ୍ଠଭୂମି ଯୋଗୁଁ ଚିନ୍ତାଧାରା ପରିବର୍ତ୍ତେ ଆଲୋଚନା ଏବଂ ଆଦାନପ୍ରଦାନ ମାଧ୍ୟମରେ ଚିନ୍ତାଧାରା ସ୍ପଷ୍ଟ ହୁଏ । ଏହା ଦ୍ୱାରା, ଆଲୋଚନା ନିଶ୍ଚିତ କରେ ଯେ, ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ଯୁବକଙ୍କୁ ସେମାନଙ୍କର ମତାମତ ପ୍ରକାଶ କରିବାର ସୁଯୋଗ ଏବଂ ସେଗୁଡ଼ିକୁ ବିକଶିତ କରିବା ପାଇଁ ଏକ ମଞ୍ଚ ମିଳିବ । ଭାରତର ଯୁବପିଢ଼ି ସର୍ବଦା ସ୍ୱାଧୀନତା ସଂଗ୍ରାମଠାରୁ ସ୍ୱାଧୀନ ଭାରତର ପ୍ରତିଷ୍ଠାନ ନିର୍ମାଣ ପର୍ଯ୍ୟନ୍ତ, ଦେଶର ନିର୍ଣ୍ଣାୟକ ମୁହୂର୍ତ୍ତଗୁଡ଼ିକରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ପ୍ରତ୍ୟେକ ସମୟରେ, ଯୁବ ଭାରତୀୟ ସାହସ, ଆତ୍ମବିଶ୍ୱାସ ଏବଂ ନେତୃତ୍ୱ ନେବାର ଇଚ୍ଛା ସହିତ ଆଗକୁ ବଢ଼ିଛନ୍ତି । ଆଜି, ଦେଶ ପୁଣି ଥରେ ଏହାର ଯୁବପିଢ଼ିଙ୍କୁ ଚାହିଁ ରହିଛି, କେବଳ ଅଂଶଗ୍ରହଣ କରିବା ପାଇଁ ନୁହେଁ, ବରଂ ଭାରତର ବିକାଶ କାହାଣୀର ସହଭାଗୀ ନିର୍ମାଣର ନେତୃତ୍ୱ ନେବା ପାଇଁ । ୨୦୪୭ ମସିହାରେ ଏକ ବିକଶିତ ଭାରତର ଦୃଷ୍ଟିକୋଣ କେବଳ ଆର୍ଥିକ ପ୍ରଗତି ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ସାମାଜିକ ସମନ୍ୱୟ, ପରିବେଶଗତ ଦାୟିତ୍ୱ, ପ୍ରଯୁକ୍ତିବିଦ୍ୟା ମାର୍ଗଦର୍ଶନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ମଧ୍ୟ ଦାବି କରେ । ଏହି ଜଟିଳ ଆହ୍ୱାନଗୁଡ଼ିକ ପାଇଁ ନୂତନ ଚିନ୍ତାଧାରା, ଅନୁକୂଳନ ଏବଂ ନବସୃଜନକୁ ଗ୍ରହଣ କରିବାର କ୍ଷମତା ଆବଶ୍ୟକ: ଗୁଣଗୁଡ଼ିକ ଯାହା ଭାରତର ଯୁବପିଢ଼ିଙ୍କ ମଧ୍ୟରେ ଦୃଢ଼ ଭାବରେ ଉପସ୍ଥିତ ଅଛି । ପ୍ରଥମ ଐତିହାସିକ ସଂସ୍କରଣର ଉଲ୍ଲେଖନୀୟ ସଫଳତା ଆଧାରରେ ୯ରୁ ୧୨ ଜାନୁଆରୀ ୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା, 'ଭିବିୱାଇଏଲଡି ୨୦୨୬', ଏକ ଜାତୀୟ ଯୁବ ସମ୍ମିଳନୀରୁ ବିଶ୍ୱସ୍ତରୀୟ ମଞ୍ଚ ଆଡ଼କୁ ଏକ ନିର୍ଣ୍ଣାୟକ ଲମ୍ଫ । 'ଭାରତ ପାଇଁ ଡିଜାଇନ୍' ଏବଂ 'ବିକଶିତ ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା' ଭଳି ନୂତନ ପଦକ୍ଷେପ ଓ ଅନ୍ତର୍ଜାତୀୟ ଭାରତୀୟ ଯୁବ ପ୍ରବାସୀମାନଙ୍କ ଅଂଶଗ୍ରହଣ ସହିତ, ଆଲୋଚନା ଏବେ ସୀମା ଅତିକ୍ରମ କରିସାରିଛି । ତଥାପି, ଏହାର ମୂଳ ଉଦ୍ଦେଶ୍ୟ ଅପରିବର୍ତ୍ତିତ ରହିଛି: ଯୁବପିଢ଼ିଙ୍କୁ ସାହସିକ ଭାବରେ ଚିନ୍ତା କରିବା, ନିର୍ଭୀକ ଭାବରେ ସୃଜନ କରିବା ଏବଂ ଦୃଢ଼ତାର ସହିତ ନେତୃତ୍ୱ ନେବା ପାଇଁ ସଶକ୍ତ କରିବା । ଚଳିତ ବର୍ଷର କାର୍ଯ୍ୟକ୍ରମ ଏହି ମହତ୍ୱାକାଂକ୍ଷାର ଗଭୀରତାକୁ ସ୍ପଷ୍ଟ କରେ । ଭିବିୱାଇଏଲଡି ୨୦୨୬ ପାଇଁ ଚୟନର ପ୍ରଥମ ପର୍ଯ୍ୟାୟ, ବିକଶିତ ଭାରତ କୁଇଜରେ ୫୦ ଲକ୍ଷରୁ ଅଧିକ ଯୁବ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ । ଚାରି ଦିନ ଧରି, ଦେଶର ପ୍ରତ୍ୟେକ କୋଣରୁ ଅଂଶଗ୍ରହଣକାରୀମାନେ ପ୍ରମୁଖ ଜାତୀୟ ଏବଂ ବିଶ୍ୱସ୍ତରୀୟ ବ୍ୟକ୍ତିବିଶେଷଙ୍କ ସହିତ ଭାବବିନିମୟ କରିବେ, ଅନ୍ତର୍ଦୃଷ୍ଟି, ଚିନ୍ତାଧାରା ଏବଂ ଦୃଷ୍ଟିକୋଣରୁ ଲାଭ ପାଇବେ ଯାହା ଶୃଙ୍ଖଳା ଏବଂ ଭୌଗୋଳିକ ସୀମା ଅତିକ୍ରମ କରେ । ଭିବିୱାଇଏଲଡି ୨୦୨୬କୁ ପ୍ରକୃତ ଅର୍ଥରେ ସ୍ୱତନ୍ତ୍ର କରୁଥିବା ଦିଗ ହେଉଛି-ଏହା ଯୁବପିଢ଼ିଙ୍କୁ କେବଳ କଥା କହିବାର ସୁଯୋଗ ଦେଇନଥାଏ, ବରଂ ସେମାନଙ୍କ କଥାକୁ ଗୁରୁତ୍ୱ ସହ ଶୁଣାଯିବାର ମଞ୍ଚ ମଧ୍ୟ ପ୍ରଦାନ କରେ । ଏହି ମଞ୍ଚ ଯୁବ ଭାରତୀୟମାନଙ୍କୁ ସେମାନଙ୍କର ଚିନ୍ତାଧାରା, ଆକାଂକ୍ଷା ଏବଂ ସମାଧାନ ସିଧାସଳଖ ଭାରତର ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବାକୁ ସକ୍ଷମ କରେ । ଜାନୁଆରୀ ୧୨ ତାରିଖରେ, ସ୍ୱାମୀ ବିବେକାନନ୍ଦଙ୍କ ସ୍ମୃତିରେ ଦେଶବ୍ୟାପୀ ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତ ମଣ୍ଡପମରେ ଯୁବକମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ଆଲୋଚନା କରିବେ, ସେମାନଙ୍କଠାରୁ ସେମାନେ ଭାରତର ଭବିଷ୍ୟତ କିପରି କଳ୍ପନା କରନ୍ତି ଏବଂ ଏହାକୁ କିପରି ରୂପ ଦେବାକୁ ଚାହୁଁଛନ୍ତି ତାହା ଶୁଣିବେ । ଭାରତ ଯେତେବେଳେ ତାହାର ସ୍ୱାଧୀନତାର ଶତବାର୍ଷିକୀ ଦିଗେ ନିକଟତର ହେଉଛି, ସେତେବେଳେ ଦେଶକୁ ବଡ଼ ସ୍ୱପ୍ନ ଦେଖିବାର ସାହସ ଓ ଚିନ୍ତାଧାରାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାର ଦୃଢ଼ ସଂକଳ୍ପ ଥିବା ଯୁବପିଢ଼ିଙ୍କର ସକ୍ରିୟ ଅଂଶଗ୍ରହଣ ଅତ୍ୟାବଶ୍ୟକ । ଭବିଷ୍ୟତ ଭାରତର ନିର୍ମାଣ କେବଳ ନୀତି ଓ ପରିକଳ୍ପନାରେ ସୀମିତ ନୁହେଁ; ଏହା ପାଇଁ ଯୁବକମାନଙ୍କର ଚିନ୍ତା, ଶକ୍ତି ଓ ନେତୃତ୍ୱ ଦକ୍ଷତାକୁ କାର୍ଯ୍ୟରେ ପରିଣତ କରିବା ଆବଶ୍ୟକ । ଆଲୋଚନା ପାଇଁ କେବଳ ଏକ ମଞ୍ଚ ନୁହେଁ, ବିକଶିତ ଭାରତ ଯୁବ ନେତାମାନଙ୍କ ଆଲୋଚନା ଏକ ଅଭିଯାନ ଯାହା ଭାରତୀୟ ଯୁବପିଢ଼ିଙ୍କୁ ଆଗେଇ ଆସି ନେତୃତ୍ୱ ନେବା, ଜାତୀୟ ଆହ୍ୱାନର ମୁକାବିଲା କରିବା ତଥା ଏକ ବିକଶିତ ଭାରତ ସହିତ ସେମାନଙ୍କର ଆକାଂକ୍ଷାକୁ ସମାନ କରିବା ପାଇଁ ଆହ୍ୱାନ କରେ । ବିକଶିତ ଭାରତ ସେହିମାନଙ୍କ ଦ୍ୱାରା ନିର୍ମିତ ହେବ ଯେଉଁମାନଙ୍କର ନେତୃତ୍ୱ ନେବାର ଆତ୍ମବିଶ୍ୱାସ ଏବଂ ସେବା କରିବାର ପ୍ରତିବଦ୍ଧତା ଅଛି । ଭାରତର ଯୁବପିଢ଼ି ପ୍ରସ୍ତୁତ । ଦେଶ ସେମାନଙ୍କ ସହିତ ଚାଲିବାକୁ ପ୍ରସ୍ତୁତ ରହିବା ଉଚିତ ।


(ଲେଖକ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ତଥା ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ଅଟନ୍ତି)


## ଧ୍ୱଂସ ଅଭିମୁଖେ ବିରଳ ଜୈବ ମଣ୍ଡଳ : ଆରାବଳି ଓ ମହେନ୍ଦ୍ରଗିରିର କାହାଣୀ

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ଦିନକୁ ଦିନ, ଧୂଳି, ଧୂଆଁ ଓ ବ୍ୟାପକ କଂକ୍ରିଟ ଜଙ୍ଗଲ ଆମ ମାନଙ୍କୁ ଅନେକ କିଛି ଶିକ୍ଷା ଦେବା ସତ୍ତ୍ୱେ ଆମ୍ଭ ମାନଙ୍କର ମାନସିକତା ସତେ ଯେପରି ବଦଳୁ ନାହିଁ । ନିକଟରେ ଭାରତର ରାଜଧାନୀ ଦିଲ୍ଲୀ ଠାରୁ ଗୁଜୁରାଟ ପର୍ଯ୍ୟନ୍ତ ପାଖାପାଖି ୮୦୦ କିଲୋମିଟର ପରିବ୍ୟାପ୍ତ ହୋଇଥିବା ଆରାବଳି ପର୍ବତମାଳାକୁ ନେଇ ବିରୋଦ୍ଧାଭାଷ ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଜୈବ ବିବିଧତା ଓ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଏହି ପାର୍ବାତ୍ୟାଞ୍ଚଳକୁ ନେଇ ଦେଶ ବିଦେଶରେ ତର୍କବିତର୍କ ଓ ନାନାଦି ଆଲୋଚନା ଆରମ୍ଭ ହୋଇଯାଇଛି । ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ନିମିତ୍ତ ଆଇନଗତ କ୍ଷେତ୍ରରେ ରହିଥିବା ବର୍ଷ ବର୍ଷର ପ୍ରତିବନ୍ଧକକୁ ହଟାଇବା ପାଇଁ ଏକ ସୁନିର୍ଦ୍ଦିଷ୍ଟ ଯୋଜନା ଦ୍ୱାରା ଆରାବଳିର ସଂଜ୍ଞାକୁ ପରିବର୍ତ୍ତନ କରାଯାଉଥିବାର ଅଭିଯୋଗ ପରିବେଶବିତ୍‌ମାନେ ଉଠାଉଛନ୍ତି । ତେବେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ଆରାବଳିର ୧୪୪ ଲକ୍ଷ ବର୍ଗକିଲୋମିଟର ଅଞ୍ଚଳରୁ ମାତ୍ର ୦.୧୯% ଖଣିଜ କାର୍ଯ୍ୟକଳାପ ପାଇଁ ଅନୁମତି ଦେଇଥିବାର ତଥ୍ୟ ପ୍ରକାଶ କରିଥିଲେ ମଧ୍ୟ ପରିବେଶବିତ୍‌ମାନେ ଏ ନେଇ ଆଶ୍ୱସ୍ତ ନୁହଁନ୍ତି ।

ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିକାଶ ଆଧାରିତ ନିର୍ମାଣ ମାର୍ଗଦର୍ଶିକା ଏବଂ ବିଭିନ୍ନ ବିଶେଷଜ୍ଞ କମିଟିର ପରାମର୍ଶ ଓ ସୁପାରିଶକୁ ଉପେକ୍ଷା କରିବାର ପରିଣତି ଆମେ ପଶ୍ଚିମଘାଟ ପର୍ବତମାଳା ଅଧୀନ କେରଳର ୱାଇନାଡ଼ ଓ ହିମାଳୟ ପାର୍ବାତ୍ୟାଞ୍ଚଳର ଉତ୍ତରାଖଣ୍ଡରେ ଘଟିଥିବା ବଭୀଷିକା ଅଙ୍ଗେ ନିଭାଇଛେ । ତଥାପି ଅର୍ଥନୀତିକୁ ଅଗ୍ରାଧିକାର ଦେଇ ପରିବେଶକୁ ଉପେକ୍ଷା କରିବାର ବେପରୱା ମନୋବୃତ୍ତିକୁ ପରିହାର କରିପାରୁନେ । ତେଣୁ ଏବେ ଏହି ଧାରାରେ ଆରାବଳୀ ସାମିଲ ହେବା ଆଶ୍ଚର୍ଯ୍ୟଜନକ ନୁହେଁ । ଏହି ପାର୍ବତ୍ୟାଞ୍ଚଳରେ ଅନେକ ଅଭୟାରଣ୍ୟ, ସଂରକ୍ଷିତ ଜୈବମଣ୍ଡଳ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆଦି ରହିଛି । ଖଣିଜ କାର୍ଯ୍ୟକଳାପ ଦ୍ୱାରା ସେଗୁଡ଼ିକ ପ୍ରଭାବିତ ହେବା ନିଶ୍ଚିତ । କିନ୍ତୁ ଯାହାକୁ ନେଇ ସବୁଠାରୁ ବିବାଦ ଉଠିଛି ତାହା ହେଲା ଆରାବଳୀର ଉଚ୍ଚତାକୁ ଯେପରି ୧୦୦ ମିଟର ପର୍ଯ୍ୟନ୍ତ ଅବାଧରେ ହ୍ରାସ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ନୀତି ନିୟମକୁ ମୋଡ଼ିମକଚି ଦିଆଯାଇଛି । ସଂଜ୍ଞାର ବ୍ୟୁତ୍ପତ୍ତି କରିବାର ଅଧିକାର ଆମର ନାହିଁ । କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସବୁଜ ସଂକେତ ଦେଇ ସାରିଥିବାରୁ ଏବେ କେବଳ ଆଞ୍ଚଳିକ ବିରୋଧ ହିଁ ଆରାବଳୀକୁ ସୁରକ୍ଷା ଦେଇପାରିବ ବୋଲି ମତ ପ୍ରକାଶ ପାଉଛି ।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ଆଭ୍ୟନ୍ତରୀଣ ସର୍ବେକ୍ଷଣ ରିପୋର୍ଟକୁ ଉଦ୍ଧାର କରି ପରିବେଶବତ୍ ଓ ଭୂବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ନୂତନ ସଂଜ୍ଞା ବଳରେ ଆରାବଳୀ ପାର୍ବତ୍ୟାଞ୍ଚଳର ପ୍ରାୟ ୯୦%ଅଞ୍ଚଳ ନିଷିଦ୍ଧାଞ୍ଚଳ ମାନ୍ୟତା ହରାଇବ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ କଟକଣାମୁକ୍ତ ହୋଇଯିବ । ଏହି ରିପୋର୍ଟ ଅନୁଯାୟୀ ଆରାବଳୀ ପାର୍ବତ୍ୟାଞ୍ଚଳରେ ଥିବା ୧୨୦୮୧ ପର୍ବତ ଓ ମାଳଭୂମି ମଧ୍ୟରୁ ମାତ୍ର ୧୪୦୮ଟି ୧୦୦ ମିଟର ଉଚ୍ଚତାର ସଂଜ୍ଞା ପୂରଣ କରୁଛି । ଏହାଛଡ଼ା କେନ୍ଦ୍ର ସରକାରଙ୍କ ସଂଶୋଧନ ପରେ ଆରାବଳୀର ନିଷିଦ୍ଧ ଅଞ୍ଚଳ ତାଲିକାରେ ରାଜସ୍ଥାନର ସାୱାଇ ମାଧୋପୁର ଜିଲ୍ଲାର ରାନ୍ଥମଭୋର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ଚିତ୍ତେରଗଡ଼ ଆଦି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ସ୍ଥାନ ପାଇନାହିଁ । ଅର୍ଥାତ୍ ସେଠାରେ ନିର୍ମାଣ କାର୍ଯ୍ୟ ଅବାଧରେ ଚାଲିବ ଏବଂ ସେହିସବୁ ଐତିହ୍ୟ ଓ ସ୍ମାରକୀ ପ୍ରତି ବିପଦ ଅବଶ୍ୟାମ୍ଭବୀ ।

ଏହି ପୃଷ୍ଠଭୂମିରେ ଓଡ଼ିଶାର ମହେନ୍ଦ୍ରଗିରି ବିଷୟରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ । ବିରଳ ଜୈବ ବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି । ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି । ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇସାରିଛି । ସେଠାରେ ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ ପାଇଁ ସଂରକ୍ଷିତ ଜଙ୍ଗଲ ୦.୯ ହେକ୍ଟର ଜମିର କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ତେଣୁ ଆରାବଳୀ ଧାରାରେ ମହେନ୍ଦ୍ରଗିରି ଜୈବମଣ୍ଡଳର ସଂଜ୍ଞା ମଧ୍ୟ ବଳି ପଡ଼ିବା ଅସମ୍ଭବ ନୁହେଁ । ଏଠାରେ ସୂଚାଇ ଦେବା ଉଚିତ ହେବ ଯେ ଇକୋ ଟୁରିଜିମକୁ ପ୍ରୋତ୍ସାହନ ଦେବା ପାଇଁ ଖନନ କାର୍ଯ୍ୟ ଯୋଗୁଁ ନିକଟରେ ମହେନ୍ଦ୍ରଗିରି ପର୍ବତ ଅଞ୍ଚଳରେ ଭୂସ୍ଖଳନ ଘଟି ଜୀବନହାନି ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ, ପାଣିପାଗ ଓ ଜୈବ ବିବିଧତା କ୍ଷେତ୍ରରେ ମହେନ୍ଦ୍ରଗିରି ପର୍ବତମାଳାର ଯେଉଁପରି ଭୂମିକା ରହିଛି ତାହା ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଅନେକ ହୁଏତ ଜାଣିନଥିବେ ମହେନ୍ଦ୍ରଗିରି ପୂର୍ବଘାଟ ପର୍ବତମାଳାର ଅଂଶ ଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବପୁରାତନ । ପରିବେଶବିତ୍ ମାନେ ଆଶଙ୍କା କରୁଛନ୍ତି ଯେ ମହେନ୍ଦ୍ରଗିରିର ଦୁର୍ଲ୍ଲଭ ଜୈବ ବିବିଧତା ବହୁ ଦେଶୀୟ କମ୍ପାନୀ ହାତକୁ ଚାଲିଯାଇପାରେ । ତେଣୁ ଏ କ୍ଷେତ୍ରରେ ଓଡ଼ିଶାର ବିଶ୍ୱ ପ୍ରସିଦ୍ଧି ଓ ବିରଳ ଜୈବ ମଣ୍ଡଳର ସୁରକ୍ଷା ନେଇ ଓଡ଼ିଶାବାସୀଙ୍କ ଆଶଙ୍କା ଅମୂଳକ ନ ହୋଇପାରେ ।


**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',**
**ପୁରୁଣା ସୋନାରି, ଜାମସେଦପୁର,**
**ଦୂରଭାଷ : ୭୪୮୮୯୯୮୫୩୨**


## ମନ୍ଦିର ହେଉ, ମସଜିଦ ହେଉ, ଗୀର୍ଜା ହେଉ, କିନ୍ତୁ ଭକ୍ତ କାହାନ୍ତି ?

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଯୁଆଡ଼େ ଯାଅ, ବାଟରେ ହନୁମାନ ମୂର୍ତ୍ତି ଗଦା ପର୍ବତ ଧରି ରାସ୍ତାକଡ଼ରେ ଖରାବର୍ଷରେ ଦଣ୍ଡାୟମାନ, ସେ ଜଗୁଆଳି ସାଜିଛନ୍ତି, ସେ ରାମଦ୍ୱାରେ ରଖୁଆଳ ହେଲେ ରାସ୍ତାର ଧାବିତମାନେ କୋଉ ଗୁଣରେ ରାମ ମେରେ ସମଝାମେ ନେହିଁ ଆତା, କାକ ଶାଗୁଣା ଏବେ ଦର୍ଶନକୁ ଦୁର୍ଲଭ, ହେଲେ ପେଚା ବିଲୁପ୍ତ ନୁହଁନ୍ତି । ହନୁମାନଙ୍କ ଶିର ନ ହେଲେ ହାତରେ ଥିବା ପର୍ବତ ଯେଉଁ ପର୍ବତରେ ଜଡିବୁଟି ଲକ୍ଷ୍ମଣଙ୍କ ପ୍ରାଣ ବଞ୍ଚାଇବାକୁ ଉଦ୍ଦିଷ୍ଟ, ତାରି ଉପରେ ପେଚା ବସୁଛନ୍ତି, ନହେଲେ ଗଦା ଉପରେ ପେଚା ବସୁଛନ୍ତି, ସେ ରାକ୍ଷସ ହଟାଇବେ କ'ଣ । ଏ ପେଚା ଉତ୍ପାତ ନିରବରେ ସହ୍ୟ କରି ନେଉଛନ୍ତି କାରଣ ଏ କଳିଯୁଗ । ଏଯୁଗରେ ଲୋକ କ'ଣ କରୁଛନ୍ତି ପରିଣାମ ବୁଝନ୍ତି ନାହିଁ । ସେ ତ୍ରେତୟା ନାୟକଙ୍କ ସେବକ, ଏ ଯୁଗରେ ତାଙ୍କ ପ୍ରତିମା ସ୍ଥାପକଙ୍କୁ ଅର୍ଥ ସଂଗ୍ରହ କରି ପୋଷିବା ଅବତାର ସେ ହୋଇ ଦଣ୍ଡାୟମାନ ଅଛନ୍ତି । ତାରିଣୀଙ୍କ ନଡ଼ିଆ ଏଠାରୁ ପଠାଯାଏ, ଏ ପ୍ରକାର ବିଜ୍ଞାପନ ଶିରୋନାମା ଅନେକ ସ୍ଥାନରେ ଦେଖିବାକୁ ମିଳିଯାଏ ବିଶ୍ୱାସରେ ସେ ମା ମହିମାମୟୀ, ଏଣେ କ୍ଷମାମୟୀ, ତାଙ୍କ ନାମରେ କେହି ଯଦି ପେଟ ପୋଷିବାକୁ ବସୁଛି ସେ କୌଣସି ପ୍ରତିକ୍ରିୟା ପ୍ରକାଶ କେବେ କରିବେ ନାହିଁ, ହେଲେ ଅଧିକନ୍ତୁ ନିଶା ପଶା ବେଶ୍ୟାରେ ତାଙ୍କ ନାମରେ ଅର୍ଥ ଆଦାୟ କଲେ ଯେ ତ୍ରାହିଁ ନାହିଁ ଏକଥା ଉଦ୍ୟକ୍ତା ମନେ ଟିକେ ଭାବିବେ, ନଡ଼ିଆ ଗୋଟା, ଏବେ ତିରିଶ ଟଙ୍କା ଦର ଧରିଲାଣି । ମାଗିଲେ ଦଶ ଟଙ୍କା ମିଳୁନାହିଁ, ନଡ଼ିଆ ମାନସିକ ଦାନ ଅନେକ ମିଳୁଛି । ଆଉ ତାହା ବାଟ ମାରଣ ହେଉଛି କି ନାହିଁ କିଏ ଦେଖେ ? ତାରିଣୀ ଦେବୋତ୍ତର ହୁଅନ୍ତୁ ବା ସରକାରଙ୍କ କୌଣସି ବିଭାଗ ଏ ପର୍ଯ୍ୟନ୍ତ କୌଣସି ବିଧି ଲଗାଇ ନାହାନ୍ତି । ସମ୍ପତ୍ତି ଉପରେ, କାନୁନ ସବୁ ପ୍ରଶାସନ ସମୟ ସମୟକୁ ବିଧି ନିଷେଧ ଲଗାନ୍ତି ।

ଇସଲାମିକ ପ୍ରଶାସନରେ ଥିଲା ପିରୋତ୍ତର ସମ୍ପତ୍ତି ବାହେଲି, ଦେବୋତ୍ତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାକ ମ୍ପତ୍ତି ଏଥିରେ ଥିଲା ନାମକ ହାରାମ ସମ୍ପତ୍ତି । ଆମ ରାଜ୍ୟରେ ହିନ୍ଦୁ ରାଜ୍ୟରେ ହିନ୍ଦୁ ରାଜ ପ୍ରଶାସନ ମାନଙ୍କର ଥିଲା ବ୍ରହମୋତ୍ତର ବାହେଲି, ଦେବୋତ୍ତର ବାହେଲି, ଗୋଚର ଭୂମି, ଶ୍ମଶାନ ଭୂମି, ଗୋରେସ୍ଥାନ, ଏସବୁ ଏବେ ନାଟକ ବାଜିର ଭାଇ ବଣ୍ଟରା, ଜବର ଦଖଲକାରୀଙ୍କ ଚରାଭୂମି, ଲୋକଙ୍କ ସତ୍ୟ ଧର୍ମ ଚିନ୍ତା ସବୁ ଲୋକ ଦେଖାଣିଆ, ମଠ ମନ୍ଦିର ଜମି କେମିତି ଥିଲା ଏବେ କେମିତି ଅଛି କିଏ ଦେଖିବ ? କିଏ କହିବ କାହା ଜିଭରେ ହାଡ଼ ଅଛି । ଆଗେ ଧୋବା, ଭଣ୍ଡାରୀ, କୁମ୍ଭାର, ଠାକୁରାଣୀ ଠାକୁରଙ୍କ ସେବାକାରୀଙ୍କୁ ଜମି ହେତା ଦିଆଯାଉଥିଲା ସେମାନେ ଜମି ଦେଇଥିବା ବ୍ୟକ୍ତିଙ୍କ ସେବାରେ ବର୍ଷ ତମାମ ଲାଗି ରହୁଥିଲେ । ଧୂଳି ଭାଗ କାନୁନରେ ଜମିର ସେମାନେ ଦାଖଲଦାର ହେଲେ । ସେବାରେ ସମ୍ପୂର୍ଣ୍ଣ ଅବହେଳା ଲାଗୁ ହେବାରୁ ଅନେକଙ୍କ ଭାଗବତ ଗାଦି ଉଜୁଡ଼ି ଗଲା । ମନ୍ଦିର ସେବା ବନ୍ଦ ହେଲା, ଯେଉଁ ଠାକୁରଙ୍କ ରାଜରାଜେଶ୍ୱର ଉପଚାର ଚାଲୁଥିଲା ସେଠାରେ ଶୁକ୍ଲଖିଇ ମୁଠାଏ କେବେ କେବେ ଭୋଗ ଲାଗୁଛି । ଖୋଦ ପ୍ରଭୁ ଜଗନ୍ନାଥଙ୍କ ଅନେକ ଜମି ଲୋକ ଚାଷ କରି ପ୍ରଭୁଙ୍କ ଅମୃତ ମଣୋହୀ ସେବାରେ ଅଂଶୀଦର ପରି ଶସ୍ୟ ଫଳ ପୁଷ୍ପ ତୁଳସୀ ଯୋଗାଉ ଥିଲେ । ସମସ୍ତେ ଜାଣନ୍ତି ଅନେକ ଭକ୍ତ ପ୍ରଭୁଙ୍କ ରଥଯାତ୍ରାକୁ ଆସୁଛନ୍ତି, କେହି ପୂର୍ବେ ହୋଟେଲ ଖାଉ ନଥିଲେ, କି ହୋଟେଲରେ ରହୁନଥିଲେ ଏଥିଲା କୋଠର ଧର୍ମୀୟ ଭାବନା । ଲୋକେ ଚାଲି ଦଣ୍ଡ ଭାଙ୍ଗି ଭାଙ୍ଗି ଆସୁଥିଲେ । ଜମିଦାର ରାଜାରାଜୁଡ଼ାମାନେ ନିଜ ଗୋଡ଼ରେ ନଚାଲି ନର ବାହାନ ସମ୍ବନ୍ଧ ସବାରୀ, ଦୋଳା, ପାଲିକି ତାମଜାନରେ ଥାଟବାଟରେ ସାଙ୍ଗରେ ବହୁ ପ୍ରଜାଜନଙ୍କୁ ଚଳାଇ ଚଲାଇ ନାମକରି, ଜୟ ଜୟକାର ଆସୁଥିଲେ ବାଟରେ ପଥଚାରୀ ମାନଙ୍କୁ ଚଳନ୍ତି ପଥ ପ୍ରାନ୍ତର ଗ୍ରାମବାସୀମାନେ ଖାଦ୍ୟ ପାନୀୟ ଯଥା ଶକ୍ତି ଯୋଗାଉଥିଲେ । ରାସ୍ତା କଡ଼ରେ ଛାମୁଣ୍ଡିଆ ନାଲିଘର କରାଯାଉଥିଲା । ଯେଉଁ ଅଭଡ଼ା ପାଣି ଖରାଦିନେ ରାସ୍ତାରେ ଏବେ କାଁ ଭାଁ ମିଳୁଛି । ତାହା ତତ କାଳର ଶଙ୍କୁ ମାତ୍ର, ପ୍ରଭୁଙ୍କ ଭକ୍ତଙ୍କ ସେବା ହିଁ ପ୍ରଭୁଙ୍କ ସେବା ତତୁଲ୍ୟ ।

ଲୋକେ ଚୁଡ଼ା ଟୋକେଇ ବହି ଆଣି ଚୁଡ଼ାଘଷା କରି ରଥଯାତ୍ରାରେ ସମବେତ ଜନତାଙ୍କୁ ବିତରଣ କରୁଥିଲେ । ଏବେ ଏହା ବ୍ୟାପକ ନୁହେଁ । ଭକ୍ତମାନେ ଏବେ ବଦଳି ଗଲେଣି କାହାକୁ ସମୟ ନାହିଁ, ଚାଲିବା ସାତସପ୍ନ, ଯାନର ଯାତ୍ରୀ, ମହାପ୍ରସାଦ ଧୂପ ଉଠିବା ବିଳମ୍ବ, ସାଥି ସାଥି ହୋଟେଲ ଖୋଜି ଭୋଜନ, ମଠ ଧର୍ମଶାଳା ନୁହେଁ ବଡ଼ ବଡ଼ ଦାମିକା ହୋଟେଲ ବାସ, ବିଳାସ ଭୂମି ଦିଅଁଙ୍କ କ୍ଷେତ୍ରକୁ ଲୋକେ ମନେକଲେଣି । ମନ୍ଦିର ସହ ଜଡ଼ିତ ଅନେକ ପରମ୍ପରାକୁ ଲୋକେ ନା ପସନ୍ଦ କରିଲେଣି । ଏଇତ କାଳର ଗତି, ଧର୍ମଙ୍କ ଦରିଦ୍ରତାକୁ ଲୋକଙ୍କ ମନମାନି । ଏ ପୂର୍ବାଞ୍ଚଳ ଅନ୍ନ ବ୍ରହ୍ମ କ୍ଷେତ୍ରର ବିବରଣୀ, ଏମିତି ସବୁକ୍ଷେତ୍ର ଯାଅ କାଶୀ ଯାଅ ହରିଦ୍ୱାର ଯାଅ ଅବନ୍ତୀ, ସବୁଠାରେ ବାଣିଜ୍ୟ ହାଟ, ଭକ୍ତ ବାହକ ଦାନରେ ବାଣିଜ୍ୟ ଭୋଜନରେ ବାଣିଜ୍ୟ ରହଣୀରେ ବାଣିଜ୍ୟ, ଲୋକେ ରାଜସିକ ଭାବରେ ତୀର୍ଥ ଯାତ୍ରାରେ ବାହାରୁଛନ୍ତି । ଆକ୍ରମଣକାରୀ ବାଣିଜ୍ୟକାରୀ ଧର୍ମାନ୍ତରୀକରଣ ଥୋପରେ ଲୋକଙ୍କ ଦ୍ୱାରା ଲୋକଙ୍କୁ ଆୟତ୍ତ କରିବା ପାଇଁ ଓ ବଂଶାନୁକ୍ରମିକ ଶାସନ ଜାହିର ପାଇଁ ତାଙ୍କ ଧର୍ମ ସ୍ଥାନ ଜୁଲମକାରୀ ହାଣିମାରୀ ଭାଙ୍ଗିରୁଜି ରକ୍ତପାତ କରି ଗଢ଼ିଛନ୍ତି । କେବଳ ଉପାସନା ନୁହେଁ ଏଥିରେବି ସେମାନଙ୍କର କର ଆଦାୟ ଥଲା । ଜିଜିୟା କର, ଯାତ୍ରୀକର, ଦାଢ଼ିଚାରି ଆଙ୍ଗୁଳିରୁ ଅଧିକ ରଖିଲେ ରାଜଦଣ୍ଡ ଥିଲା, ଅନେକ ନାପିତ ଏ ପାଇଁ ରାଜପଥରେ ତତ୍କାଳୀନ ସମୟରେ କ୍ଷୁର କତୁରୀ ଧରି ବୁଲୁଥିଲେ । ଧର୍ମ ବିଭେଦ ମାନ୍ୟତାରେ ବିବାଦ ତତପୂର୍ବରୁ ରହିଛି, ସ୍ୱ ଧର୍ମ ପାଇଁ ଥଇଥାନ ପାତ କେଉଁ ଧର୍ମରେ ରହିବା କଥା କେବେ ନୁହଁ ।

ଏହା କେମିତି ସେ ସବୁ ଥିରେ ରହିଯାଇଛି । ଆମ ଦେଶ ସମ୍ବିଧାନରେ ଦେଶକୁ ସର୍ବ ଧର୍ମ ମାନ୍ୟତା ଦିଆଯାଇଛି । ସଂଖ୍ୟାଲଘୁ ଉଦଘୋଷ ସହିତ ଦେଶ କାନୁନ ମାନ୍ୟତା ସାର୍ବଜନୀନ ସବୁଧର୍ମ ପାଇଁ କରାଯାଇନାହିଁ । ଦେଶ ସ୍ୱାଧୀନ କାଳର ଜନସଂଖ୍ୟାର ବର୍ତ୍ତମାନ ଅଶୀ ଦଶକରେ ଜନବିସ୍ଫୋରଣ ହୋଇଗଲାଣି ପ୍ରତି ଦଶବର୍ଷର ଜନଗଣନା ଧରାକ୍ରମ ୨୦୨୧ ଅଧିକ ଦାମରେ କିଏ ? କହି ଯାଗାରେ ସରକାର ଜମି ଲିଜ ସୂତ୍ରରେ ଲଟାରିରେ ଚଢ଼ା ଦାମରେ ଦେଉଛନ୍ତି । ଏ ମଧ୍ୟରେ ସାମ୍ପ୍ରଦାୟିକ ଧର୍ମୀୟ ସଦଭାବନା ଚିନ୍ତା କରାଯାଇଛି କି ? ଯେଉଁ ବ୍ରାହ୍ମଣ କରଣଙ୍କୁ ଉନ୍ନତବର୍ଗୀୟ ଧରାଯାଇଥିଲା ସେମାନଙ୍କ ବଂଶବୃଦ୍ଧିରେ ସେମାନେ କେମିତି ବର୍ତ୍ତମାନ ଦିନ କାଟୁଛନ୍ତି କିଏ ବୁଝିବ । ସଂଖ୍ୟା ଲଘୁଙ୍କ ସଂଖ୍ୟା ବଢ଼ି କେତେ ହେଲେ ସେମାନେ ସଂଖ୍ୟା ଗୁରୁହେବେ ଏ କାନୁନ କିଏ କରିବ ? ଅନୁନତ ମାନଙ୍କ ସଂଖ୍ୟା କଣ ଏ ମଧ୍ୟରେ ସ୍ଥିର ଅଛି ନା ଉନ୍ନତ ହେଲେଣି ଏହାକିଏ ବୁଝିବ ? ପୂର୍ବ କାନୁନ ସଂସ୍କାର କିଏ କରିବ ? ଧର୍ମ ନାଁରେ ରାଜନୀତି ନହେଉ, ମନ୍ଦିର ମସଜିଦ, ଗୀର୍ଜା, ଗୁରୁଦ୍ୱାର ନିର୍ମାଣ ସ୍ଥିର ରହୁ । ବର୍ତ୍ତମାନ ସବୁଧର୍ମ ଲୋକଙ୍କ ପାଇଁ ଅତି ଉନ୍ନତ ଡାକ୍ତରଖାନା କରାଯାଉ, ରକ୍ତଭଣ୍ଡାର କରାଯାଉ, ୟୁନିଭରସିଟି କଲେଜ କରାଯାଉ ।

ବହୁ କର୍ମ ନିୟୋଗ ଉପାୟ କଟାଯାଉ, ପ୍ରାଚୀନ କାଳ ଶିଳ୍ପୀ ମାନଙ୍କୁ ଏଇ ମନ୍ଦିର ମସଜିଦ ନିର୍ମାଣରେ କର୍ମ ନିୟୋଗ ଶାସକ ମାନେ ହିଁ କରୁଥିଲେ । ଏବେ ନିର୍ମାଣଧରା ବଦଳିଲାଣି । ଅନ୍ୟ ଦିଗରେ ଶିଳ୍ପ ମେଲିଗଲାଣି, ବିଜ୍ଞାନ ଟେକ୍ନିକାଲ ପ୍ରଗତିରେ ଲୋକଙ୍କୁ ଥଇଥାନ ନିହାତି ଜରୁରୀ, ଦେବତା ଅଛନ୍ତି ଅଦୃଶ୍ୟ ତାଙ୍କର ଧର୍ମ ବିଭେଦ କେବେ ନାହିଁ, ଶାସ୍ତ୍ରମାନ ଭଲ ଭାବରେ ପଢ଼ନ୍ତୁ, ସ୍ୱାର୍ଥାନ୍ୱେଷୀ ଚିହ୍ନି ଦୂରେଇ ରୁହନ୍ତୁ, ଭାଇଚାରା ରକ୍ଷା କରନ୍ତୁ, ସରକାରଙ୍କୁ ଅଯଥା ଧନବ୍ୟୟରୁ ରକ୍ଷା କରନ୍ତୁ ।


ଦୂରଭାଷ : ୯୪୩୭୦୩୧୨୫୩

# ବିଚିତ୍ରା







# ବିଶ୍ୱରେ ଟ୍ରମ୍ପଙ୍କ ହଇଚଇ

## ମାଦୁରୋଙ୍କ ପରେ ଏବେ କାହା ପାଳି ?

**ଆମେରିକାର ସେନା ସମୁଦ୍ର ପଥ ଦେଇ ଭେନେଜୁଏଲାରୁ ବାହାରୁଥିବା ତେଲ ଅନ୍ୟ ଟ୍ୟାଙ୍କରଗୁଡ଼ିକୁ ମଧ ଘେରି ରଖିଛି । ଏହି ଟ୍ୟାଙ୍କରଗୁଡ଼ିକୁ ଜବତ କରିବା ପାଇଁ ଏକ ଅଭିଯାନ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ଘୋଷଣା କରିଛି ଆମେରିକା । ଆଟଲାଣ୍ଟିକରେ ତେଲ ଟ୍ୟାଙ୍କରଗୁଡ଼ିକ ଆମେରିକା ପାଇଁ ଏକ ପ୍ରମୁଖ ଲକ୍ଷ୍ୟ ହୋଇଛି । ଭେନେଜୁଏଲାରୁ ଋଷ ଏବଂ ଚୀନ୍ ପର୍ଯ୍ୟନ୍ତ, ଆମେରିକା ସହିତ ସଂଘର୍ଷର ଆଶଙ୍କା ଦେଖାଦେଇଛି । ଆଶଙ୍କା କରାଯାଉଛି ଯେ ଚୀନର ଯୁଦ୍ଧ ଜାହାଜ ଖୁବଶୀଘ୍ର ଏହି ବଡ଼ ମିଶନରେ ସାମିଲ ହେବ । ଭେନେଜୁଏଲାର ବିଶାଳ ତୈଳ ଭଣ୍ଡାରକୁ କେନ୍ଦ୍ର କରି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ଉପୁଜିଛି ।**

ଗ୍ରୀନଲ୍ୟାଣ୍ଡର ଚୀନ୍ ଏବଂ ରୁଷର ପଡ଼ୋଶୀ ହେଉ। ତେଣୁ, ସେ ଯଥାଶୀଘ୍ର ଏହାକୁ ଦଖଲ କରିବେ । କିନ୍ତୁ ପ୍ରଶ୍ନ ଉଠେ: ଏହା କେବଳ ଜାତୀୟ ସୁରକ୍ଷାର ବିଷୟ, ନା ଗ୍ରିନଲ୍ୟାଣ୍ଡ ପାଖରେ ଥିବା ଅମୂଲ୍ୟ ସମ୍ପତ୍ତି ଯାହା ଟ୍ରମ୍ପଙ୍କ ନଜରକୁ ଆସିଛି ? ତେବେ ଗ୍ରିନଲ୍ୟାଣ୍ଡ ପାଖରେ କ'ଣ ଅଛି ଏବଂ ଆମେରିକା କାହିଁକି ଏହାକୁ ଦଖଲ କରିବାକୁ ଚାହୁଁଛି ? ଆସନ୍ତୁ ଜାଣିବା

ଏହି ସ୍ଥାନଟି ଆମେରିକାର ଜାତୀୟ ସୁରକ୍ଷାର ମେରୁଦଣ୍ଡ। ଏହା ଉତ୍ତର ମେରୁର ସବୁଠାରୁ ନିକଟତମ ସାମରିକ ଘାଟି ମଧ୍ୟରୁ ଗୋଟିଏ, ଯାହା ଆର୍କଟିକ ସର୍କଲରେ ଆମେରିକାର ସୁରକ୍ଷାକୁ ଆହୁରି ମଜବୁତ କରିପାରିବ। ଆମେରିକାର ପିଟୁଇଟିକ୍ ସ୍ପେସ୍ ବେସ୍ ମଧ ଏଠାରେ ଅବସ୍ଥିତ, ଯାହା କ୍ଷେପଣାସ୍ତ୍ର ଏବଂ ମହାକାଶ ନିରୀକ୍ଷଣ ବିଷୟରେ ସୂଚନା ପ୍ରଦାନ କରେ। ଏହି ସ୍ଥାନ ଆମେରିକାକୁ ରୁଷ, ୟୁରୋପ ଏବଂ ଚୀନ୍ ସହିତ ନିକଟତର କରିଥାଏ । ତେଣୁ, ଯଦି ଆମେରିକାର ଏହା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ, ତେବେ ଏହା ରୁଷ ଏବଂ ଚୀନ୍ ଭଳି ଦେଶର କାର୍ଯ୍ୟକଳାପ ଉପରେ ନଜର ରଖିପାରିବ।

ଗ୍ରିନଲ୍ୟାଣ୍ଡକୁ କବଜା କରିବାର ଉଦ୍ଦେଶ୍ୟ କେବଳ ଜାତୀୟ ସୁରକ୍ଷାର ବିଷୟ ନୁହେଁ, ବରଂ ଏଥିରେ ଅନେକ ମୂଲ୍ୟବାନ ଜିନିଷ ମଧ ଅଛି, ଯାହା ଆଜି ଆମେରିକାକୁ ମଧ ଆବଶ୍ୟକ। ଗ୍ରିନଲ୍ୟାଣ୍ଡରେ ରେୟର ଆର୍ଥ ଏଲିମେଣ୍ଟସ୍ ? (ଜରରତ୍ନ) ଅଛି, ଯାହାକୁ ପାଇବା ପରେ ଆମେରିକାକୁ ଚୀନ୍ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ, କାରଣ ଚୀନ୍ ରେୟର ଆର୍ଥ ଏଲିମେଣ୍ଟସ୍ ? ର ୯୦ ପ୍ରତିଶତ ପର୍ଯ୍ୟନ୍ତ ନିୟନ୍ତ୍ରଣ କରେ । ଏହା ବ୍ୟତୀତ ଗ୍ରିନଲ୍ୟାଣ୍ଡରେ ୟୁରାନିୟମ ଅଛି, ଯାହାକୁ ଆମେରିକା ବର୍ତ୍ତମାନ ରୁଷରୁ ଆମଦାନୀ କରେ। ଗ୍ରିନଲ୍ୟାଣ୍ଡରେ ମଧ ପ୍ରଚୁର ପରିମାଣରେ ଲିଥିୟମ୍, କୋବାଲ୍ଟ, ସହଜ ନୁହେଁ, କିନ୍ତୁ ଏହା ବିଶ୍ୱ ରାଜନୀତିରେ ଏକ ବଡ଼ ଝଡ଼ ସୃଷ୍ଟି କରିଛି ।

ଆଟଲାଣ୍ଟିକ୍ ମହାସାଗରରେ ବଢୁଛି ଉତ୍ତେଜନା । ଋଷୀୟ ତୈଳ ଟ୍ୟାଙ୍କର ଜବତ ପରେ ଆମେରିକା ସହ ମୁହାଁମୁହିଁ ସ୍ଥିତି । ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଏଭଳି କାର୍ଯ୍ୟକୁ ଡକାୟତି ତୁଳନା କରିବା ସହ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ ଅଭିଯୋଗ ଆଣିଲା ଋଷ । ସେପଟେ ମଝି ସମୁଦ୍ରରେ ଋଷର ଷଡ଼ଯନ୍ତ୍ର ଧରାପଡ଼ିଥିବା କହିଲା ହ୍ୱାଇଟ୍ ହାଉସ୍ । ନିଜ ତେଲ ଟ୍ୟାଙ୍କର୍ ସୁରକ୍ଷା ପାଇଁ ଋଷ ଆଟଲାଣ୍ଟିକ୍ ମହାସାଗରକୁ ଯୁଦ୍ଧଜାହାଜ ପଠାଇଛି । ଏହି ସମୟରେ, ଚୀନ୍ ମଧ ଏହାର ନୌସେନା ବ୍ୟବହାର କରିବାକୁ ଘୋଷଣା କରିଛି । ଫଳସ୍ୱରୂପ, ଆମେରିକା, ଋଷ ଏବଂ ଚୀନ୍ ମଧ୍ୟରେ ଏକ ସାମୁଦ୍ରିକ ସଂଘର୍ଷ ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

ଆମେରିକାର ସେନା ସମୁଦ୍ର ପଥ ଦେଇ ଭେନେଜୁଏଲାରୁ ବାହାରୁଥିବା ତେଲ ଅନ୍ୟ ଟ୍ୟାଙ୍କରଗୁଡ଼ିକୁ ମଧ ଘେରି ରଖିଛି । ଏହି ଟ୍ୟାଙ୍କରଗୁଡ଼ିକୁ ଜବତ କରିବା ପାଇଁ ଏକ ଅଭିଯାନ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ଘୋଷଣା କରିଛି ଆମେରିକା । ଆଟଲାଣ୍ଟିକରେ ତେଲ ଟ୍ୟାଙ୍କରଗୁଡ଼ିକ ଆମେରିକା ପାଇଁ ଏକ ପ୍ରମୁଖ ଲକ୍ଷ୍ୟ ହୋଇଛି । ଭେନେଜୁଏଲାରୁ ଋଷ ଏବଂ ଚୀନ୍ ପର୍ଯ୍ୟନ୍ତ, ଆମେରିକା ସହିତ ସଂଘର୍ଷର ଆଶଙ୍କା ଦେଖାଦେଇଛି । ଆଶଙ୍କା କରାଯାଉଛି ଯେ ଚୀନର ଯୁଦ୍ଧ ଜାହାଜ ଖୁବଶୀଘ୍ର ଏହି ବଡ଼ ମିଶନରେ ସାମିଲ ହେବ । ଭେନେଜୁଏଲାର ବିଶାଳ ତୈଳ ଭଣ୍ଡାରକୁ କେନ୍ଦ୍ର କରି ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ଉପୁଜିଛି ।

ଅସମ୍ଭାଳ ହେଲାଣି ଖାମନେଇଙ୍କ ବିରୋଧରେ ଇରାନର ଜନଆନ୍ଦୋଳନ ।



> "ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଶେଷ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ । ଆମେରିକା ଏହି ସଂଘର୍ଷକୁ ଶେଷ କରିବାକୁ ନିରନ୍ତର ଚେଷ୍ଟା କରୁଛି । ଏହି ସମୟରେ, ଫକ୍ସ ନ୍ୟୁଜର ବରିଷ୍ଠ ହ୍ୱାଇଟ୍ ହାଉସ୍ ସମ୍ବାଦଦାତା ପିଟର ଡୁସି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପଚାରିଥିଲେ ଯେ, ସେ କେବେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେବେ କି, ଯେପରି ଆମେରିକା ପୂର୍ବତନ ଭେନେଜୁଏଲାର ନେତା ନିକୋଲାସ ମାଦୁରୋଙ୍କୁ ଗିରଫ କରିବା ପାଇଁ ଡେଲ୍ଟା ଫୋର୍ସ ମିଶନ କରିଥିଲା । ସେ ଏହି ପ୍ରଶ୍ନ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲଡିମିର ଜେଲେନ୍ସକିଙ୍କ ବୟାନକୁ ନେଇ କରିଥିଲେ ।



ଆମେରିକାର ସୈନ୍ୟବାହିନୀ କାରବିଆନ୍ ସାଗରରେ ଲଗାତାର ତୃତୀୟ ଦିନରେ 'ଓଲିନା'ନାମକ ତେଲ ଟ୍ୟାଙ୍କରକୁ ଜବତ କରିଛି । ଯାହା ଭେନେଜୁଏଲାର ତୈଳ ଉତ୍ପାଦନ ଉପରେ ଟ୍ରମ୍ପ ପ୍ରଶାସନର କଠୋର କାର୍ଯ୍ୟାନୁଷ୍ଠାନକୁ ବୃଦ୍ଧି କରିଛି । ଆମେରିକାର ମେରାଇନ୍ ଏବଂ ନୌସେନା କର୍ମଚାରୀମାନେ ଟ୍ୟାଙ୍କରକୁ ଅଟକାଇ ଜବତ କରିଛନ୍ତି । ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ କ୍ଷମତାରୁ ବହିଷ୍କାର କରାଯିବା ପରଠାରୁ ଆମେରିକା ମୋଟ ପାଞ୍ଚଟି ତୈଳ ଟ୍ୟାଙ୍କର୍ ଜବତ କରିଛି । କାରବିଆନ୍ ସାଗରରେ ଅପରାଧି ମାନେ ଲୁଚିବା ପାଇଁ କୌଣସି ସ୍ଥାନ ନଥିବା ଆମେରିକାର ସେନା ପକ୍ଷରୁ କୁହାଯାଇଛି । ଆମେରିକାର ଗୃହ ସୁରକ୍ଷା ସଚିବ କ୍ରିଷ୍ଟି ନୋଏମ ଇନଷ୍ଟାଗ୍ରାମରେ ପୋଷ୍ଟ କରି କହିଛନ୍ତି, ଆମେରିକା ତଟରକ୍ଷୀ ବାହିନୀ କାରିବିଆନ ସାଗରର ପୂର୍ବରେ ଅନ୍ତର୍ଜାତୀୟ ଜଳସୀମାରେ ମୋଟର ଟ୍ୟାଙ୍କର୍ ଓଲିଆନାକୁ ଅଟକାଇ ଜବତ କରିଛି । ଏହା ତଥାକଥିତ 'ଘୋଷ୍ଟ ଫ୍ଲିଟ୍'ର ଆଉ ଏକ ଟ୍ୟାଙ୍କର୍ । ଯାହା ଚୋରା ତେଲ ବହନ କରୁଥିବା ଏବଂ ଭେନେଜୁଏଲାରୁ ଜଳଯାତ୍ରା କରି ଆମେରିକୀୟ ସେନାକୁ ଏଡ଼ାଇବା ପାଇଁ ଚେଷ୍ଟା କରୁଥିବା ସନ୍ଦେହ କରାଯାଇଥିଲା । ତଟରକ୍ଷୀ ବାହିନୀ ଲଗାତାର ଚୋରା ତେଲ ଟ୍ୟାଙ୍କର୍ ଜବତ କରିବ ଏବଂ ଅନ୍ତର୍ଜାତୀୟ ଆଇନ ଲାଗୁ କରିବ । ନିଶାଦ୍ରବ୍ୟ ସମ୍ବନ୍ଧୀୟ ଆତଙ୍କବାଦ ସମେତ ଅବୈଧ କାର୍ଯ୍ୟକଳାପ ପାଇଁ ପାଣ୍ଠିର ଏହି ଉତ୍ସଗୁଡ଼ିକୁ ସମାପ୍ତ କରାଯିବ ବୋଲି ସେ କହିଛନ୍ତି । ଏହା ପୂର୍ବରୁ ଆମେରିକୀୟ ସେନା ଦୁଇଟି ରୁଷୀୟ ତୈଳବୋଝେଇ ଟ୍ୟାଙ୍କରଙ୍କୁ ମଧ ଜବତ କରିସାରିଛି । ଏହା ମସ୍କୋ ଏବଂ ୱାଶିଂଟନ ମଧ୍ୟରେ ଏକ କୂଟନୈତିକ ଯୁଦ୍ଧ ଆରମ୍ଭ କରିଛି । ରୁଷର ପରିବହନ ମନ୍ତ୍ରଣାଳୟ ଏହାକୁ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି କହିଛି । ମାରିନେରାର କ୍ରୁରେ ତିନି ଜଣ ଭାରତୀୟ ଅଛନ୍ତି, ଏବଂ ମସ୍କୋ ସେମାନଙ୍କ ସୁରକ୍ଷିତ ମୁକ୍ତି ପାଇଁ ଆମେରିକାକୁ ଆବେଦନ କରିଛି ।

### ଗ୍ରିନଲ୍ୟାଣ୍ଡ କାହିଁକି ଅକ୍ତିଆର କରିବାକୁ ଚାହୁଁଛନ୍ତି ଟ୍ରମ୍ପ ?

ଆମେରିକା ଦ୍ୱାରା ଭେନେଜୁଏଲା ଅକ୍ତିଆର ପରେ ଏବେ ଟ୍ରମ୍ପଙ୍କ ନଜର ଗ୍ରିନଲ୍ୟାଣ୍ଡ ଉପରେ । ଗ୍ରିନ୍‌ଲ୍ୟାଣ୍ଡକୁ ଆଖି ପକାଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଏହି ପାହାଡ଼ ଘେରା ଦେଶକୁ କଳେବଳେ କୌଶଳରେ ଅକ୍ତିଆର କରିବା ପ୍ରୟାସରେ ଟ୍ରମ୍ପ । ଏହି ଦେଶକୁ ହାସଲ କରିବା ପାଇଁ ଟ୍ରମ୍ପ ଯେକୌଣସି ସ୍ତରକୁ ଯାଇପାରିବେ ବୋଲି କହିଛନ୍ତି ନିଜେ ଟ୍ରମ୍ପ କହିଛନ୍ତି । ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ୍ ଲେଭିଟ୍ କହିଛନ୍ତି ଯେ ଏହା ଆମେରିକାର ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ତାଙ୍କ ସରକାର ସାମରିକ ଶକ୍ତି ସମେତ ଏହାକୁ ହାସଲ କରିବାର ଉପାୟ ଅନୁସନ୍ଧାନ କରୁଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ ଗ୍ରି ନଲ୍ୟାଣ୍ଡକୁ କବ୍ଜା କରିବା ବିଷୟରେ ବାରମ୍ବାର କଥା ହେଇଛନ୍ତି । ତାଙ୍କର ସଦ୍ୟତମ ବୟାନ ଉତ୍ସାହକୁ ଆହୁରି ବଢାଇ ଦେଇଛି । ଟ୍ରମ୍ପ ଖୋଲାଖୋଲି ଭାବରେ କହିଛନ୍ତି ଯେ ଯଦି ଆମେରିକା 'ସହଜ ଉପାୟ' ଭାବରେ ଗ୍ରୀନଲ୍ୟାଣ୍ଡକୁ ଅଧିଗ୍ରହଣ କରିପାରିବ ନାହିଁ, ତେବେ ସେ 'କଠିନ ଉପାୟ' ଗ୍ରହଣ କରିବେ । ଟ୍ରମ୍ପ ଆହୁରି କହିଛନ୍ତି, 'ମୁଁ ଡେନମାର୍କର ଜଣେ ପ୍ରଶଂସକ; ସେମାନେ ମୋ ପ୍ରତି ଭଲ ବ୍ୟବହାର କରିଛନ୍ତି ।'



ଟ୍ରମ୍ପ ବାରମ୍ବାର କହିଛନ୍ତି ଯେ ଗ୍ରିନଲ୍ୟାଣ୍ଡ ଜାତୀୟ ସୁରକ୍ଷା ପାଇଁ ଅତ୍ୟାବଶ୍ୟକ । ସେଠାରେ ରୁଷ ଏବଂ ଚୀନ୍ ଜାହାଜର ଉପସ୍ଥିତି ଚିନ୍ତାର ବିଷୟ, ଏବଂ ସେ ଚାହାଁନ୍ତି ନାହିଁ ଯେ ନିକେଲ, ତେଲ ଏବଂ ଗ୍ୟାସ୍ ଅଛି । ଯେଉଁଥିପାଇଁ ବ୍ୟାକୁଳ ହେଉଛନ୍ତି ଟ୍ରମ୍ପ ।

ବୈଜ୍ଞାନିକମାନଙ୍କ ଅନୁମାନ ଅନୁଯାୟୀ, ଗ୍ରିନଲ୍ୟାଣ୍ଡର ସମୁଦ୍ର ତଳେ ବିଶାଳ ପରିମାଣର ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ ଗଚ୍ଛିତ ଅଛି । ଆମେରିକା ଭଳି ଏକ ଶକ୍ତି-କ୍ଷୁଧିତ ଦେଶ ପାଇଁ ଏହା ଏକ ବଡ଼ ଜାକପଟ୍ ଭଳି ।

ଟ୍ରମ୍ପ ଜଣେ ବଡ଼ ବ୍ୟବସାୟୀ ଏବଂ ରିଅଲ୍ ଇଷ୍ଟେଟ୍ ଟାଇକୁନ୍। ସେ ଗ୍ରିନଲ୍ୟାଣ୍ଡକୁ ଏକ ବଡ଼ 'ରିଅଲ୍ ଇଷ୍ଟେଟ୍ ଡିଲ୍' ଭାବରେ ଦେଖନ୍ତି । ସେ କହିଛନ୍ତି ଯେ ଡେନମାର୍କ ପ୍ରତିବର୍ଷ ଏହି ଦ୍ୱୀପ ପାଇଁ କୋଟି କୋଟି ଡଲାର ଖର୍ଚ୍ଚ କରୁଛି, ଯାହା ସେମାନଙ୍କ ପାଇଁ ଏକ ବୋଝ। ଟ୍ରମ୍ପଙ୍କ ଯୁକ୍ତି ହେଉଛି, ଆମେରିକା ଏହାକୁ କିଣି ନେଲେ ଡେନମାର୍କର ଆର୍ଥିକ ସହାୟତା ହେବ ଏବଂ ଆମେରିକାର ସମ୍ପତ୍ତି ବଢ଼ିବ।

ଗ୍ରୀନଲ୍ୟାଣ୍ଡ କେବଳ ଏକ ଭୂଖଣ୍ଡ ନୁହେଁ, ବରଂ ଆଗାମୀ ଭବିଷ୍ୟତର 'ଶକ୍ତି କେନ୍ଦ୍ର'। ଖଣିଜ ସମ୍ପଦ, ସାମରିକ ଗୁରୁତ୍ୱ ଏବଂ ନୂତନ ବ୍ୟବସାୟିକ ମାର୍ଗ ପାଇଁ ଟ୍ରମ୍ପ ଏହାକୁ ହାସଲ କରିବାକୁ ଜିଦ୍ ଧରିଛନ୍ତି। ଯଦିଓ ଏହା ଏତେ

ତେହରାନ ସହ ୧୧୧ ସହରକୁ ବ୍ୟାପିଲାଣି ବିକ୍ଷୋଭ । ସେପଟେ ଏଭଳି ସ୍ଥିତି ପାଇଁ ସିଧାସଳଖ ଆମେରିକା ଓ ଇସ୍ରାଏଲକୁ ଦାୟୀ କରିଛି ଇରାନ । କ'ଣ ପାଇଁ ବିକ୍ଷୋଭ ? କାହିଁକି ଖାମନେଇଙ୍କ ବିରୋଧରେ ନିଆଁ ଜଳୁଛି । ଯେବେ ଜନତା ରାଗନ୍ତି, ସରକାରଙ୍କୁ ଦୋହଲାଇ ଦିଅନ୍ତି । କେବଳ ଗଣତନ୍ତ୍ରରେ ନୁହେଁ, ସବୁ ଶାସନ କାଳରେ ଏଭଳି ଘଟିଥାଏ । ଯାହାର ତାଜା ନିଦର୍ଶନ ଇରାନରେ ଦେଖିବାକୁ ମିଳିଛି । ଦେଶର କୋଣ ଅନୁକୋଣରେ ଖାମନେଇଙ୍କ ବିରୋଧରେ ଶୁଣିବାକୁ ମିଳିଛି ସ୍ଲୋଗାନ ।

ସେପଟେ ପ୍ରଶ୍ନ ଉଠୁଛି, କିଛିଦିନ ହେବ ଶାନ୍ତ ପଡ଼ିଥିବା ବିକ୍ଷୋଭ ହଠାତ୍ ଗୁରୁବାର ଉଗ୍ର କାହିଁକି ହେଲା ? ଆୟାତୋଲ୍ଲା ଖାମନେଇଙ୍କ ପ୍ରକୃତ ଶତ୍ରୁ କିଏ ? ଦେଶର ନାଗରିକ ନା ଆଉ କିଏ ? ଜନଆନ୍ଦୋଳନରୁ ଫାଇଦା ନେବ କି ଆମେରିକା ? ସୂଚନା ଅନୁସାରେ, ଇରାନକୁ ଖୁଲମଖୁଲ୍ଲା ଧମକ ଦେଇଛି ଆମେରିକା । ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ପୁଣି ଚେତାବନୀ ଦେଇଛି । ସେପଟେ ଦେଶର ବିତାଡ଼ିତ କ୍ରାଉନ ପ୍ରିନ୍ସ ରେଜା ପହଲବୀ ଆମେରିକାକୁ ଧନ୍ୟବାଦ ଜଣାଇଛନ୍ତି । ଘଟଣା ଆଗକୁ ନୂଆ ମୋଡ଼ ନେଇପାରେ । ଇରାନରେ ଦରଦାମ୍ ବଢୁଥିବାରୁ ଲୋକ ଅତିଷ୍ଠ ହୋଇପଡ଼ିଲେଣି । ତେଣୁ ଦେଶରେ ଉଗ୍ର ହୋଇଛି ଜେନ ଜି ଆନ୍ଦୋଳନ । ସରକାରଙ୍କ ଟିକସ ବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବୋଝ ଦର୍ଶାଇ ଖାମନେଇ ସରକାରଙ୍କୁ ଗାଦିଚ୍ୟୁତ କରିବା ଦାବି ବଢ଼ିବାରେ ଲାଗିଛି ।

# ଚିରାଶାର୍ଟ

ଚିରା ଶାର୍ଟ କନା ଖଣ୍ଡିକ ଏଠି ଗ୍ୟାସ ପୋଛିବା ପାଇଁ ରଖିଥିଲି, କୁଆଡ଼େ ଗଲା ? ନେଇ ଯାଇଥିବା ସାମୀ ସୁଆଗ ଦେଖଉଚି । ଚାକର ପରି ରଖିଥିଲା । ଦେଖେଇ ହଉଚି । ଆହା, ଆହାଲୋ ।

ଚାକରର ସେ ଚିରା ଶାର୍ଟ କନା ଖଣ୍ଡିକ ଏ ଚାକରାଣୀ ପାଖରେ ଥାଉ । ଶେଷବେଳେ ପିନ୍ଧୁଥିଲେ, ମା' କାଟିଲ କାହିଁକି ? ପୁଅ ରଖିଥିଲା । ତା' ବାପାଙ୍କର ଶେଷ ସ୍ମୃତି ।

ରତନି ସେତିକି କହିସାରି ଡାଇନିଂରୁ ଶୋଇବା ଘରକୁ ଉଠିଗଲା । କବାଟ ବନ୍ଦ କରି ଆନନ୍ଦଙ୍କ ଫଟୋ ପାଖରେ ଠିଆହୋଇ ଭେଁ ଭେଁ ହୋଇ କାନ୍ଦି ଉଠିଲା ।

ଏତକ ଶୁଣିବା କ'ଣ ବାକି ଥିଲାରେ କାଳିଆ । କ'ଣ ପାଇଁ ଯମ ଘୋସାରିଲାବେଳେ ତୁ ଘୋସାରି ଆଣିଲୁ ।

ରତନି ଆନନ୍ଦର ସ୍ତ୍ରୀ । ବିନା ଯୌତୁକରେ ବାହା ହୋଇ ଆସିଥିଲା । ଶାଶୁ, ଶ୍ୱଶୁର, ରତନିକୁ କୋଟିନିଧି ପାଇଲା ପରି ପାଳିଥିଲେ । ଖୁସିରେ ଗାଁ ଜାକ କହି ବୁଲନ୍ତି ଆମ ରତନି ସତରେ ରତ୍ନଟିଏ, ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାରରୁ ଉଠଇ ରାତି ଘଡ଼ିଏ ପର୍ଯ୍ୟନ୍ତ ଖଟୁଥାଏ । କେବେ ବି ଥକି ପଡ଼େନାହିଁ, ହସ ହସ ମୁହଁ । ଗଲା, ଅଇଲା ସମସ୍ତଙ୍କର ପ୍ରିୟ । କୋଉଥିରେ ବି ଓଜର ଆପତ୍ତି ନଥାଏ ।

ଘରୁ ଆସିଲାବେଳେ ରତନିର ବୋଉ ବାରବାର କହିଥିଲା ଶାଶୁ, ଶ୍ୱଶୁର, ସ୍ୱାମୀ ଗୁରୁଜନ । ତାଙ୍କୁ ସେବା କଲେ ଘର ସୁନ୍ଦର ହୁଏ । ଶାନ୍ତିରେ ଥିଲେ, ଲକ୍ଷ୍ମୀଥାନ୍ତି । ଆନନ୍ଦ ଶ୍ୱାସରୋଗୀ । ଗୋଟିଏ ବୋଲି ପୁଅ । ଖଟି ପାରେ ନାହିଁ, ତାଙ୍କର ଜମିବାଡ଼ି ଅଛି । ନୂଆ, ପୁରୁଣାରେ ଘରେ ଚଳେ । ତୁଏ ଏ ଅଣ୍ଡିରୀ ଚଣ୍ଡୀଗୁଣ ଛାଡ଼ି ଭଲ ବୁଦ୍ଧି କରିବୁ । ଚାକର, କୋଠିଆଙ୍କ ପେଟ ଚିହ୍ନିବୁ । ସେମାନେ ପୁଅ ପରି । ସେମାନେ ଖୁସିରେ ରହିଲେ ଚୋରି ଚପଟ କରିବେ ନାହିଁ କି କାମରେ ଠକିବେ ନାହିଁ । ଅଧିକ ଅମଳ ହବ । ତାଙ୍କ ଦେହ ମୁଣ୍ଡ, ଅଭାବ ଅସୁବିଧାକୁ ନିଘା ରଖିଥିବୁ । ପୁନେଇ ପର୍ବରେ ତାଙ୍କ ପିଲାଙ୍କ ପାଇଁ ଅର୍ଣ୍ଣିଭର୍ତ୍ତି କରିଦବୁ ।

ରତନି ତା' ବୋଉ କଥା ଶୁଣି ମୁଣ୍ଡ ଟୁଙ୍ଗାରିଲା । ରତନି ମନ୍ଦିରକୁ ଯାଇପାରେ ନାହିଁ । ଶାଶୁ ଶ୍ୱଶୁର ତ ଜୀଅନ୍ତା ଠାକୁର । ସିଏ ଭଲରେ ରହିଲେ କିଛି ଅଘଟଣ ଘଟିବ ନାହିଁ ବୋଲି ଦୃଢ଼ ବିଶ୍ୱାସ ରଖିଥିଲା ।

ଆନନ୍ଦ କଦପା କୋଚିତ ବିଲ ଆଡ଼େ ଯାଆନ୍ତି । ରୋଗୀଣା ବୋଲି ଶାଶୁଶ୍ୱଶୁର କିଛି କହନ୍ତି ନାହିଁ । ସାଙ୍ଗ ମେଳରେ ଭୋଜି କରିବା, ତାସ ଖେଳିବା, ବହି ପଢ଼ିବା, ଗପ ଲେଖିବାରେ ସମୟ କଟାଇ ଦିଅନ୍ତି ।

ରତନି ସ୍ୱାମୀର ମନ ଜାଣି ପିଠାପଣା, ମାଛ, ମାଂସ ତରକାରୀ କରେ । ବିଭିନ୍ନ ପ୍ରକାର ଶାଗ ଖାଇବାକୁ ଭଲ ପାଆନ୍ତି ବୋଲି ଚାକର କୋଠିଆକୁ ଲଗାଇ ବାରିରେ କୋଶଳା, ପାଳଙ୍ଗ, ମେଥି, ବଥୁଆ, ମୂଳା, ଖଡ଼ା ନେଉଟିଆ, କଳମ, ପିତାଶାଗ, ମଦରଙ୍ଗା କରାଇଥାଏ ।

ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ମନ ଫଟାଫଟି ନ ଥିଲା । ହସ ଖୁସିରେ ତାଙ୍କ ସଂସାର ଗଡ଼ି ଚାଲିଥାଏ ।

ଘରକୁ ସୁନ୍ଦର କରିବା ପାଇଁ ବାବୁନା, ସିଲଇ ଆସିଲେ । ସମୟ ଦୌଡ଼ି ଚାଲିଲା । ବାବୁନା, ସିଲି ବଡ଼ ହେଲେ, ପାଠ ପଢ଼ିଲେ ।

ଖୁସି ଜୁଆରରେ ଭଟ୍ଟା ପଡ଼ିଲା । ବୁଢ଼ା, ବୁଢ଼ୀ ଗଲେ । ଆନନ୍ଦ ଘରେ ବସି ବସି ଅଧିକ ରୁଗ୍ଣ ହେଲେ ।



ଝିଅ ଏମ୍.ଏ. ପାସ୍ କଲାପରେ ଗାଁ ଭଲ ପିଲା, ଭଲ ଚାକିରି ଦେଖି ବିଭା ଦେଲେ ।

ପୁଅ ଗାଁ ପାଖ କଲେଜରେ ଅଧ୍ୟାପକ ହେଲା । ରତନି ବୁଢ଼ୀ ହେଲା । ଆଗ ପରି ଆଉ କାମ କରିପାରିଲା ନାହିଁ । ଆନନ୍ଦଙ୍କ ସାଙ୍ଗେ ସାଙ୍ଗେ ଲଗାଇ ଲଗାଇ ପାଖ ଗାଁର ସଂସ୍କାରୀ ପରିବାରରୁ ବି.ଏ. ପାସ୍ କରିଥିବା ଝିଅକୁ ବୋହୂ କରି ଆଣିଲେ ।

ପିଲାଟିର ଗୁଣର, ହସ ଖୁସିଆ ।

ରତନି ପରି ଘରକୁ ସମ୍ଭାଳି ନେଲା ।

ଜୁଲି, ମିଲି ଆସିଗଲେ । ଘରେ ଗହଳି ଲାଗିଲା । ରତନି, ଆନନ୍ଦ ଦୁଇ ନାତୁଣୀ ମେଳରେ ଖୁସିରେ ବେଳ କଟାଇନେଲେ ।

ଆନନ୍ଦଙ୍କର ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ରୋଗଟା ବି ବଢ଼ି ଚାଲିଲା । ଆନନ୍ଦ ଆଉ ବାହାରକୁ ଯାଇପାରିଲେ ନାହିଁ । ପିଲା ଦୁଇଟିଙ୍କ ସାଙ୍ଗରେ ଖୁସି ଗପ କରି ସମୟ କଟାଉଥିଲେ ।

ସବୁଦିନେ ଖୁସି କାହା ଭାଗ୍ୟରେ ନଥାଏ ।

ବୋହୂର ବ୍ରେଷ୍ଟ କ୍ୟାନସର ହେଲା । ଆନନ୍ଦ, ରତନ ବ୍ୟସ୍ତ ହୋଇପଡ଼ିଲେ । ବଡ଼ ବଡ଼ ଡାକ୍ତରଙ୍କୁ ଦେଖାଇଲେ । ରୋଗ ବଢ଼ି ଚାଲିଲା । ଛୁଆ ଦୁଇଟିଙ୍କୁ ରତନି ପାଖରେ ଛାଡ଼ି ସେ ଆଖି ବୁଜିଲା ।

ବୋହୂ ଗଲା । ରତନି କାମ ଚାପାରେ ଭାଙ୍ଗି ପଡ଼ିଲା । ବଡ଼ ନାତୁଣୀଟି ଟିକେ ଡାଗର, ସାନଟି ଛୋଟ । ବଡ଼ ଟିକେ ବୁଝିପାରିଲା ପରି ହେଲାଣି । ସାନ, ରତନି ପଛେ ପଛେ ଚାଲିଲା । ରତନି ଆଗପରି ଯତ୍ନ ନେଇପାରିଲା ନାହିଁ ।

ଚାଷରୁ ଆୟ କମିଲା । ଅର୍ଥର ଅଭାବ ପଡ଼ିଲା । ଅଣ୍ଟିରୁ ଖଇ ସରିବାରୁ କୁଆମାନେ ଉଡ଼ିଗଲେ ।

ଘରର ପରିସ୍ଥିତି ଦେଖି ବାବୁନା ତା' ବୋଉର ପରାମର୍ଶ ନେଇ ଦ୍ୱିତୀୟ ବିବାହ କରିବାକୁ ସ୍ଥିର କଲା । ମାଟ୍ରିମନିରୁ ପଲଫୁଲିଆ ଝିଅଟିଏ ଦେଖି ସ୍ଥିର କଲା ।

ପଲାସ ଫୁଲର ଅବସ୍ଥା ହେଲା ସଜେଇ ହବା । ମନ୍ଦିରରେ ବିଭା ହୋଇ ଘରକୁ ଆଣିଲା । ମଣିଷ ଚିହ୍ନିବାରେ ଭୁଲ୍ କଲା । ଥା ଥା ମା ମାରେ ଦିନ କେଇଟା ଯିବାପରେ ଫୁଲର ଅସଲ ଚେହେରାଟା ପଦାକୁ ଆସିଲା ।

ଫୁଲ ଫୁଲଦାନୀର ଶୋଭା ମଣ୍ଡନ କରିବାକୁ ଚାହିଁଲା । ପିଲା କି ଶ୍ୱଶୁରଙ୍କ ଯତ୍ନ ନେବାରେ ଅବହେଳା କଲା ।

ପିମ୍ପୁଡ଼ି ଦୀପରୁଖାର ଉପରକୁ ଉଠିଲେ ଭାବେ ସ୍ୱର୍ଗ ଆଉ ଦୁଇ ଆଙ୍ଗୁଳି ।

ନଥିଲା ଘରର ଝିଅ । ଧନ ସମ୍ପତ୍ତି ଦେଖି ଆଖି ତା'ର ଝଲସି ଉଠିଲା । ମନରେ ଅୟସ ଭାବ ଆସିଲା ।

ଆନନ୍ଦ ଭାଙ୍ଗି ପଡ଼ିଲେ । ମାନସିକ ଯନ୍ତ୍ରଣା ବଢ଼ିଲା । ରତନିର ଶୁଖିଲା ମୁହଁ ତାଙ୍କୁ କଷ୍ଟ ଦେଲା । ଘୁଣ ଖାଇଲା, କାଠ ପରି ହୋଇ ଝରି ପଡ଼ିଲେ ସେ କିଛି କହିଲେ ନାହିଁ ।

ଆନନ୍ଦ ଯିବାପରେ ରତନି ଭାବି ଭାବି ଶଯ୍ୟାଶାୟୀ ହେଲା । ଦେଶକୁ କରୋନା ମାଡ଼ି ଆସିଲା । ଅକାଳରେ କୁଢ଼ କୁଢ଼ ଝଡ଼ି ପଡ଼ିଷଳ । ଅତି ମଳାରେ ରତନି ପିଲା ଦୁଇଟିଙ୍କର ଲୁହ ଛଳ ଛଳ ଆଖି, ଶୁଖିଲା ମୁହଁ, ମଇଳା ବେଶ ପୋଷାକ ଦେଖି ଚମକି ପଡିଲା । ଜ୍ଞାନ ପଶିଲା, ବିଛଣାରୁ ଉଠିଲା । ଅଣ୍ଟାରେ କଷଇ କରି କାନିଟା ଭିଡିଲା । ବୁଝି ପାରିଲା, ପୁଅ ତାର ତାହାର ହୋଇନାହିଁ ।

ଦିନ କର କଥା ଖରାଦିନ । ମିଲି ସକାଳେ ପଖାଳ, ଆଳୁ ଚକଟାଖାଇ ଦେଇ ସାଇକୁ ଖେଳିବାକୁ ଚାଲିଗଲା । କରୋନା ପାଇଁ ସ୍କୁଲ ବନ୍ଦ । ସାଇ ପିଲାଙ୍କ ସାଙ୍ଗେ ଖେଳିଖେଳି ଖରା ବେଳକୁ ଘରକୁ ଫେରିଲା । ଗାଧୋଇ ପଡ଼ି ଡାକ ପକାଇଲା- ବୋଉ ! ଭୋକ କଲାଣି ।

ବୋଉ ତାର ଟିଭି ଦେଖୁଥିଲା । ଶୁଣିଲା ନାହିଁ । ରୋଷେଇ ଘରକୁ ଦୌଡି ଗଲା । ମୁହୂର୍ତ୍ତକ ଭିତରେ ଦୌଡ଼ି ଆସିଲା । ଦେଖିଲା ଖାଲଇ ଭାତ ନଗେଇ ଖାଇବାକୁ ଆଉ କିଛି ନାହିଁ । ମା'କୁ ଛାଡି ବୋଉପାଖକୁ ଫେରି ଆସିଲା ।

ବୋଉ, ଭୋକ କଲାଣି । ଖାଇବାକୁ ଦେ, ବୋଉଲୋ, ଭାରି ଭୋକ ହେଲାଣି, ମୋ ପେଟ କ'ର ହୋଇଯାଉଚି ବୋଉ ଲୋ.... କହି ଏଁ ଏଁ ହୋଇକାନ୍ଦିଲା ।

ଭାତ ଥୁଆ ହେଇଚି, ଖାଉନୁ ।

କ'ଣ ନଗେଇ ଖାଇବି ?

ମୁଁ ଏତେ ଥର କରିପାରିବି ନାଇଁ । ସବୁବେଳେ ଖାଇବୁ, ଖାଇବୁ ହଉଚୁ, ମତେ ଖାଉନୁ ।

ସେତିକି କହିସାରି ଫୁଲଦାଣ୍ଡ ପିଣ୍ଡାରୁ ତା' ଶୋଇବା ଘରକୁ ଉଠିଯାଇ କବାଟ ବନ୍ଦ କରିଦେଲା ।

ମିଲି ଚୁପ ହୋଇଯାଇ ତା' ଖଟରେ ଶୋଇପଡ଼ିଲା । ରତନି ଆଉ ସମ୍ଭାଳି ପାରିଲାନାହିଁ । ମୁଣ୍ଡକୁ ଧରି କଷ୍ଟରେ ଉଠିଲା । ମିଲିକୁ ଟାଇ ଉଠାଇ ଆଣିଲା ।

ବଡ଼ ଅପା ଆସିଥିଲା । ଚେୟାରରେ ବ୍ୟାଗ ଟଙ୍ଗା ହୋଇଛି । ତା' ଭିତରରେ ବିସ୍କୁଟ, ମିକଶ୍ଚର ଅଛି, ବିସ୍କୁଟ ଆଣ ।

ବୋଉ ମାରିବ ।

ରତନି ବ୍ୟଶଗରୁ ବିସ୍କୁଟ ଆଣିଦେଲା ।

ମିଲି, ଫୁଲ ଶୋଇବା ଘର କବାଟ ଫାଙ୍କରେ ଡରି ଡରି ଚାହିଁଲା ।

ମା', ବୋଉ ଶୋଇଚି ।

ବିସ୍କୁଟ ନେ, ଶୋଇବା ଘରକୁ ଯା, ବିସ୍କୁଟ ଖାଇ ଝରକାବାଟେ ଜରି ପକାଇଦବୁ । ପାଣି ପିଇ ଶୋଇପଡିବୁ ।

ମିଲି ଚାଲିଗଲା ।

ରତିନ ଅତୀତ ଭିତରେ ହଜିଗଲା, ମନେ ପଡ଼ିଲା, ଫୁଲ ଆସିବାର ଅଳ୍ପ ଦିନର କଥା, ଜୁଲି ଘରକୁ ଅସୁସ୍ଥ ହୋଇ ଫେରିଲା ଘରେ ବାନ୍ତି କରି ପକାଇଲା । ବୋଉ, ବୋଉ ହୋଇ କାନ୍ଦିଲା ।

ରତନି କଷ୍ଟରେ ଉଠିଲା । ଜୁଲି ମୁହଁ ଧୋଇଦେଲା । ପାଣି ଟିକେ ପିଆଇଦେଲା । ଆଉଁସି ଦେଲା, ସେ ଶୋଇ ପଡ଼ିଲା ।

ରତନି ବୋହି ଆସୁଥିବା ଲୁହକୁ ପୋଛି ଘର ସଫା କଲା, ସମୟ ଆଗେଇଗଲା ।

ପୁଅର ବ୍ୟବହାର ବଳଦି ଯିବାର ସେ ଅନୁଭବ କଲା । ମନ କଥା ମନରେ ମାରି ଚୁପ ରହିଲା । ପାଟି ବନ୍ଦ କରି ସବୁ କାମ ଘୁସୁରି ଘୁସୁରି କଲା । ସ୍କୁଲ ବ୍ୟବହାର ଯୋଗୁ ସମସ୍ତଙ୍କର ଆସିବାର ଆସିବା ବନ୍ଦ ହେଲା ।

ରତନି ଅସହାୟ ହୋଇ ଜଗନ୍ନାଥଙ୍କୁ ଜାବୁଡ଼ି ଦରିଲା । କାନ୍ଦିଲା ନାଇଁ, ସେ ଧୈର୍ଯ୍ୟ ଧରି ସ୍ମୃତିକୁ ସାଉଁଟି ଚଢେଇ ଛୁଆ ଦୁଇଟି ଉଡ଼ିବା ପର୍ଯ୍ୟନ୍ତ ତୁଟ ପଥର ହୋଇ ପଡି ରହିଲା ।

*କାଞ୍ଚନବାଳା ମହାନ୍ତି*
*ଗୋପାଳପୁର*
*୯୪୩୮୦୨୩୫୮୫*

## ବାହାଘର ନିମନ୍ତ୍ରଣ

ଆମ ଘରେ ପରା ଚରଚା ହେଲାଣି
ମୋ ବାହାଘର ପାଇଁ
ସେହି କଥା ଟିକେ ଭାବିଦେଲେ ମନ
ଉଡୁଅଛି ସାଇଁ ସାଇଁ ।।
ବିବାହ କରିବି ଘରକୁ ଆଣିବି
ଜୀବନ ସାଥି ଯା ସାଜି
ଗୁଣବତୀ ଆଉ ରୂପବତୀ ବୋଲି
ଘରେ ହୋଇଗଲେ ରାଜି ।।
ମନ ମୋର ଭାରି ଉଛନ୍ନ ହେଲାଣି
ବିବାହ କରିବି ବୋଲି
ଦିନ ରାତି ତାକୁ ଚବିଶି ଘଣ୍ଟା ମୁଁ
ସପନ ଦେଖୁଛି ଖାଲି ।।
ଦିନ ଯେତେ ଯେତେ ପାଖେଇ ଆସୁଛି
ମନ ହେଉଛି ମୋ ଖୁସି
ଭଲରେ ଭଲରେ ବିବାହ ହେବାକୁ
ଠାକୁର ଙ୍କୁ ଡ଼ାକେ ବସି ।।
ବନ୍ଧୁ ବାନ୍ଧବଙ୍କ କୋଳାହଳରେ ଯେ
ପୂରି ଉଠିବ ମୋ ଘର
ଚଳିତ ମାସର ଷୋହଳ ତାରିଖେ
ହୋଇବ ମୋ ବାହାଘର ।।
ନିମନ୍ତ୍ରଣ କଲି ଅଠର ତାରିଖେ
ଆସିବାକୁ ଭୋଜି ଖାଇ
ଫେରିଯିବେ ସବୁ ଆମ ଦୁହିଁଙ୍କୁ ତ
ଆଶୀର୍ବାଦ ଟିକେ ଦେଇ ।।
ଜଗନ୍ନାଥ ଙ୍କୁ ମୁଁ ଗୁହାରି କରୁଛି
ଦୁଃଖ ନ ଦିଅନ୍ତୁ କେବେ
ଖୁସିରେ କେମିତି ସଂସାର ରଚିବୁ
ସେଇ କଥା ବସି ଭାବେ ।।

*ବିକାଶ କୁମାର ହୋତା, ଦକ୍ଷିଣକାଳୀ*
*ରୋଡ଼ ବିଦ୍ୟାନଗର, ଢେଙ୍କାନାଳ,*
*୭୦୦୮୯୨୮୭୯୮,୮୬୫୮୨୯୨୦୫୧*

## ରାତି ସପନର ଲୁହ

ପାଉନି ତୁମକୁ ଯେତେ ଖୋଜିଲେବି
ଲୁଚି ରହିଅଛ କାହିଁ
ଚାତକ ପରି ମୁଁ ଲୋତକ ଝରାଇ
ତୁମବାଟ ଅଛି ଚାହିଁ ।।
ଖରାରେ ଶିଝିଚି ମେଘରେ ଭିଜିଚି
ସହୁଚି ଶୀତର ଦାଉ
ତୁମଠୁ ନିଜର ଅତି ଆପଣାର
କିଏ ଅବା ଅଛି ଆଉ ।।
ଗୋଧୂଳି ଫେରନ୍ତା ଗୋରୁପଲ ପରି
ଦିନକୁ ଯାଉଚି ଭୁଲି
ଫୁଲଟିଏ ହେଇ ତମେ ମହକନ୍ତ
ଗଛଡାଳେ ଝୁଲି ଝୁଲି ।।
ପକ୍ଷୀଟିଏ ପରି ଖୋଜୁଛି ଗଢିବି
ସୁଖର ସୁନ୍ଦର ନୀଡ
ଅପହଞ୍ଚ ଏକ ଇଲାକାରେ ଅଛ
ଯେଉଁଠି ଗହଳି ଭିଡ ।।
ରାତି ସପନରେ ଦେଖିଦେଲେ ଥରେ
ଆଖିଲୁହ ପଡେ ଝରି
ହୃଦୟର ସବୁ ସୁଖ ଅନୁରାଗ
ଆପେ ଆପେ ଯାଏ ସରି ।।
ମୋ ଛାତିର ପ୍ରୀତି ତୁମପାଇଁ ନିତି
ଉଛୁଳେ ଯମୁନା ପରି
ଦେଖୁଥାଏ ମାୟାବିନୀ ରାତି ଛି
ତୁମକୁ ପ୍ରତୀକ୍ଷା କରି ।।
ଆହତ ମନକୁ ଟିକେ ଶାନ୍ତି ଦିଅ
ମନର ମାନସୀ ଆସି
ପ୍ରୀତିର କୁସୁମ ଫୁଟିବାସିଉଠୁ
ଶେଷ ହେଉ ଦୁଃଖ ନିଶି ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଲାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

## ବିଶ୍ୱବିଜୟୀ ବିବେକାନନ୍ଦ



ଅଠରସ ତେଷଠି ମସିହା ଜାନୁଆରୀ ବାର ତାରିଖରେ
ଜନମିଲ ବିବେକାନନ୍ଦ କଲିକତାର ସିମିଳା ପଲ୍ଲୀରେ ।
ମାତା ଭୁବନେଶ୍ୱରୀ ଦେବୀ ଓ ପିତା ଥିଲେ ବିଶ୍ୱନାଥ ଦତ୍ତ
କୋଳକୁ ମଣ୍ଡନ କରିଥିଲ ତୁମେ ଜନମି ପ୍ରଥମ ସୁତ ।
ଛୋଟ ବେଳୁ ଧର୍ମ ଭାବତୁମ ଠାରେ ହୁଅଇ ପରିଲକ୍ଷିତ
ଉପାସନାରେ ଯୋଗ ଦେଇ ହେଲତୁମେ ବ୍ରାହ୍ମ ସମାଜଭୁକ୍ତ ।
ସନାତନ ଧର୍ମକୁ ପରିଚିତ କରିଲ ବିଶ୍ୱ ଦରବାରେ
ପ୍ରତିନିଧିତ୍ୱ କରିଲ ଚିକାଗୋ ବିଶ୍ୱଧର୍ମ ସମ୍ମିଳନୀରେ ।
ବିଶ୍ୱବିଜୟୀ ହୋଇ ଇତିହାସ ରଚିଲ ହିନ୍ଦୁ ଧର୍ମ ଉପରେ
ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲ ତୁମେ ଅଭିଭାଷଣରେ ।
ପିଲାଟି ଦିନରୁ ଥିଲା ଇଚ୍ଛା ତୁମର ଭଗବତ୍ ଦର୍ଶନ
ରାମକୃଷ୍ଣ ପରମହଂସଙ୍କୁ ଗୁରୁ ରୁପେ କରିଲ ବରଣ ।
ଭରତୀୟ ଜନତାଙ୍କ ଦାରିଦ୍ର୍ୟ ଅଶିକ୍ଷା ସହି ନପାରିଲ
ସନ୍ନ୍ୟାସୀ ହୋଇ ହିନ୍ଦୁ ଧର୍ମ ପ୍ରଚାର ପ୍ରସାର କରିଲ ।
ତୁମ ପିଲାଦିନ ନାମ ରଖିଥିଲେ ନରେନ୍ଦ୍ରନାଥ ଦତ୍ତ
ବେଦାନ୍ତର ବିଶ୍ୱ ପ୍ରସିଦ୍ଧ ଧର୍ମଗୁରୁ ଭାବେ ହେଲ ପରିଚିତ ।
ବିଶ୍ୱରେ ପ୍ରସିଦ୍ଧ ହେଲ ତୁମେ ସ୍ୱାମୀ ବିବେକାନନ୍ଦ ନାମରେ
ହିନ୍ଦୁ ଧର୍ମକୁ ସମ୍ମାନ ଦେଇ ଆଗେଇ ନେବା ଆମ କାମରେ ।

*ନଳିନୀ ଦାଶ, ଭିକାରିପଡ଼ା,ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## ଉତ୍ତରାୟଣରେ ଗୁହାରି.......



ଆରାଧ୍ୟ ଦେବତା ପ୍ରଭୁ ଦିବାକର
ମକର ଆତିଥ୍ୟ ସ୍ୱୀକାରି
ଉତ୍ତର ଦିଶାକୁ ଗତି ବଦଳାଇ
ଉଷ୍ମ ରଶ୍ମି ଦେବେ ବିଛୁରି
ଦିନର ଅବଧି ବଢିବ
ଶୀତର ପ୍ରକୋପ କମି କମି ଯିବ
ପ୍ରକୃତି ମୁରୁକି ହସିବ ।
ଉତ୍ତରରେ ଜନେ ଭକ୍ତିଭାବ ସହ
ପୂଣ୍ୟ ଗଂଗା ସ୍ନାନ କରିବେ
ଦକ୍ଷିଣ ରାଇଜେ ପବିତ୍ର ପୋଂଗଲ
ଶ୍ରଦ୍ଧାରେ ସଭିଏଁ ପାଳିବେ
ପଂଜାବ ରାଇଜେ ଲୋହଡି
ମହା ଆଡମ୍ବରେ ନୃତ୍ୟ ତାଳେ ତାଳେ
ସଂଗୀତ ପଡିବ ଉଛୁଳି ।
ସାରା ଭାରତର ନୀଳ ଆକାଶରେ
ଗୁଡିର ଝଲକ ଦିଶିବ
ଜଗତ କଲ୍ୟାଣେ ଧରଣୀ ବୁକୁରେ
ଦୀପ୍ତିର ତପତ ବଢିବ
ନାନା ଜାତି ପୁଷ୍ପ ଗହଣେ
ଛିଟ ଶାଢୀ ପିନ୍ଧି ପବିତ୍ର ବସୁଧା
ଖୁସି ଭରିଦେବ ପରାଣେ ।
ଧରାକୁ ଆସନ୍ତି ଛଅ ଭିନ୍ନ ଋତୁ
ନୀତି ନିୟମକୁ ଆଦରି
ସେ ଅଟନ୍ତି ପରା ପ୍ରକୃତିର ଦାନ
ମଂଗଳ କରନ୍ତି ସବୁରି
ଉତ୍ତରାୟଣରେ ଗୁହାରି
ସୂର୍ଯ୍ୟ ଉପାସନା କରନ୍ତୁ ସଭିଏଁ
ଭକ୍ତିଭାବ ହୃଦେ ସୁମରି ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ମଣିକାଞ୍ଚନ

ସାବିତ୍ରୀ ଖୁବ ଡେରିରେ କାମକୁ ଆସିବା ଦେଖି ସିପ୍ରା କିଛି ନକହିଲେ ମଧ ସାବିତ୍ରୀର ବାହୁନା ଶୁଣି ତଟସ୍ଥ ହୋଇଗଲେ । କିଛି ବୁଝି ପାରିଲେନି କଥାଟା । ପାଠ ପଢ଼ିନଥିବା ସାବିତ୍ରୀକୁ ପାଠ ପଢ଼େଇ, ଅକ୍ଷର ବର୍ଣ୍ଣମାଳା ଶିଖେଇ, ଏବେ ସେ ଲେଖି ପଢି ପାରୁଛି । ଫୌଜିରେ ତା ପୁଅ ଭର୍ତ୍ତି ହେବା ପରେ ତା ପାଖକୁ ଚିଠି ଲେଖିପାରୁଛି । ପୁଣି ମାଆ ଦୁର୍ଗାଙ୍କ ମଣ୍ଡପରେ ନିଜ ଦୁଃଖ ଲେଖି ନବରାତ୍ରୀ ପୂର୍ବରୁ ବାକ୍ସରେ ପକାଅଇବାକୁ ସିପ୍ରା ନେଇଯାଇଥିଲେ ସାବିତ୍ରୀକୁ । ନବରାତ୍ରୀ ଦିନ ସେହି ସବୁ ଲେଖା ପଢିବାକୁ ଦାନବୀରମାନେ ଅନେଇ ଥାଆନ୍ତି । ଗୁଳା ଯାହା ହାବୁଡ଼ରେ ଯାହା ପଡିଲା, ଲେଖା ଥିବା ଫୋନ ନମ୍ବରରେ ସେହି ଦାନବୀର ସକ୍ଷମତା ଅନୁଯାଇ ଅର୍ଥ ସାହାଯ୍ୟ କରିଥାନ୍ତି । ତେବେ ସାବିତ୍ରୀର ଅର୍ଥ ସବୁକୁ ତା ମଦ୍ୟପ ସ୍ୱାମୀ ଉଡାଇ ଦେଲାକି ? ? ନହେଲେ ଏମିତି ବାହୁନା ପକାଇବାର କାରଣ କଣ ? ?ଆସ୍ତେ ବୁଝେଇଲେ ସିପ୍ରା, କାନ୍ଦେନା ସାବିତ୍ରୀ । ମାଆ ଦୁର୍ଗାଙ୍କ ପୂଜା ଚାଲିଛି । କାନ୍ଦିଲେ ନିଜର ଅମଙ୍ଗଳ ହେବ । ତୁନି ହ । ତୁନି କଣ ହେବି ହେ ମାଆ ମୋ ପୁଅତ ଆଜି ଶହୀଦ ହୋଇ ତ୍ରିରଙ୍ଗା ଭିତରେ ବନ୍ଦେ ମାତରଂ ଧ୍ୱନିରେ ଯାଆନ୍ତାଣି । ଚୁପ କର ସାବିତ୍ରୀ । ତୋ ପୁଅ ପରା ଆସିଛି ଘରକୁ ବରଷକେ ଥରେ ଦୁର୍ଗା ପୂଜାରେ । ମାଆ ଦୁର୍ଗା ତାକୁ ଆୟୁଷ, ଆଶିଷ ଓ ନିରୋଗ ରଖିଥାଆନ୍ତୁ । ତୁମେ ଏତେ ଆଶୀର୍ବାଦ ଦେଉଛ ମାଆ ହେଲେ ତୁମରି ପୁଅ ଗାଡି ଚକ ତଳେ ଆଜି ମୋ ପୁଅ ଜୀବନ ଯାଇଥାନ୍ତା ହେ ମାଆ । ଏଁ କଣ କହିଲୁ,ମୋ ପୁଅ ଗାଡି ତଳେ ! ମାଆ ତମେ ଭଲ ଲୋକ ବୋଲି ମୁଁ କିଛି କହୁନି ସତ ହେଲେ ମୁଁ କଣ ଦେଖୁନି ? କଣ ଦେଖୁଛୁ ତୁ ! ଏଇ ବାବୁଙ୍କ କଥା । ମଦ ପିଇ ଶୋଇରହିଥାଆନ୍ତି ଦିନ ଦଶଟା ଯାଏଁ । ପୁଣି ତୁମ ଦେହ ଖରାପ ହେଲେ, ତୁମ ପାଇଁ ଔଷଧ ପତ୍ର ନକହିଲେ ଆଣନ୍ତିନି ପରା । ମଦ ନିଶାରେ ମଣିଷକୁ କୋଉ ଶୁଭିବ ନା ସେ ବୁଝିବ । ଆଉ ତାଙ୍କରି ପୁଅ ଫଉଜରେ ବଡ଼ ଚାକିରୀ ପାଇ ବଡ଼ ଅଫିସର ହେଇଛନ୍ତି ଯେତେବେଳେ, ସେ ତ ନିଶ୍ଚୟ ପିଉଥିବେ । ମୋରି ପୁଅକୁ ଗାଡି ଚଢେଇ ଦେବାର ଥିଲା ତାଙ୍କର ଆଜି ନବମୀ ଦିନରେ !ହଉ ଭଗବାନ ବୁଝିବେ ।

ସାବିତ୍ରୀର ଶେଷ କେଇପଦ କଥା ଯେତିକି ଦୁର୍ଭେଦ୍ୟ ସେତିକି ଅସହଣୀ ଥିଲା । ଦୁଇବର୍ଷ ହେଲାଣି ତାଙ୍କ ଘରେ କାମ କରେ ସାବିତ୍ରୀ । ନିଜଠାରୁ ଭିର୍ନ୍ନ ବୋଲି କେବେ ଭାବନ୍ତିନି ତାକୁ ସିପ୍ରା । ଅନ୍ୟ ମାନେ ତାକୁ ଛୁଁ ନଥିବା, ଅନ୍ୟ ବାସନରେ ଖାଇବାକୁ ଦେବା, ସେ ଥରେ ମାଜି ସାରି ବାସନ ଉଗୁଡେଇ ସାରିବା ପରେ ଆଉଥରେ ଧୋଇବା କେବେ କରନ୍ତିନି ସିପ୍ରା ବରଂ ସାବିତ୍ରୀ ନିଜେ ଫ୍ରିଜ ଖୋଲେ, ଆକ୍ୱାଗାର୍ଡ଼ରୁ ପାଣି ପିଏ । କେତେଥର ପାଣି ପିଇ ଗ୍ଲାସ ନମାଜି ଚାଲିଯାଏ ତ ସେ ନିଜେ ଆଉଥରେ ମାଜିନିଅନ୍ତି ଭିମ ପାଉଡର ଲଗାଇ । ପୁଣି ପାଠ ପଢ଼ାନ୍ତି, ଔଷଧ ଆଣିଦିଅନ୍ତି । ଏତେ ସବୁ କରିବାର ଫଳ ଆଜି ସେ ଦେଲା ତାଙ୍କ ସ୍ୱାମୀଙ୍କ ଚରିତ୍ର ସହ ପୁଅର ଚରିତ୍ର ସଂହାର କରି ଯେ ବାପ ପୁଅ ମଦୁଆ । ସକାଳ ଭୋର ଚାରିଟାରୁ ଉଠି ବଗିଚାରେ ଦୁଇ ଚାରି ଘଣ୍ଟା କାମ କରି ଫେରିବା ପରେ ସ୍ୱାମୀ ଜଳଖିଆ ଖାଇ ରେଷ୍ଟ ନେବା ଭିତରେ ସାବିତ୍ରୀ ଆସେ । ବାସନ ମଜା ମଜି ପରେ ଘର ଓଳେଇଲା ବେଳେ ସୀତାଂଶୁ ଶୋଇଥିବାର ଦେଖି ଭାବିଛି ସେ ମଦ ଖାଇ ଶୋଇଛନ୍ତି ଏଯାଏଁ । ସେ ଜାଣିନି ସକାଳ ଚାରିଟାରୁ



ଛଅଟା ଯାଏଁ ବଗିଚା କାମ କରି ଫେରି ବିଶ୍ରାମ ପରେ ସେ ଚାଲିଯାଆନ୍ତି ଅଫିସ । ହଉ ସୀତାଂଶୁଙ୍କୁ ଯାହା ଭାବିଲା ଭାବିଲା,ତାଙ୍କ ପୁଅକୁ ବି ମଦୁଆ କହିଲା ? ସତରେ କଣ ଭବାନୀ ମଦ ପିଇ ଆଜି ଗାଡି ଚଢେଇ ଦେଇଥାଆନ୍ତା ସାବିତ୍ରୀ ପୁଅ ଘନିଆ ଉପରେ ? ? ଆସୁ ଆଜି ତାର ଦିନେ କୁ ସିପ୍ରାଙ୍କର ଦିନେ । କିନ୍ତୁ ଏ କଣ !ପୁଅ ସଙ୍ଗେ କେତେ ଲୋକ ତାଙ୍କ ଘରେ, ସମସ୍ତଙ୍କ ମୁହଁରେ ଗୋଟିଏ କଥା ଘନିଆ ସକାଳୁ ତାଡି ପିଏ । ସେ ବାଟର ନିୟମ ନଜାଣି ତୁମ ଗାଡି ସାମ୍ନାକୁ ଆସିଗଲା । ତୁମର କିଛି ଦୋଷ ନାହିଁ ଆମେ ଆଖିରେ ଦେଖିଛୁ । ସେ ଥାନାକୁ ଯିବ ତ ଯାଉ । କିଛି ତ ହେଇନି ତାର ପୁଣି ତା ପାଟିରୁ ଦୁର୍ଗନ୍ଧ ବାହାରୁଛି । ତୁମେ ନେଇ ତାକୁ ସୈନ୍ୟ ବିଭାଗରେ ଭର୍ତ୍ତି କରିଦେଲ ତ ମୁହଁ ବଢ଼ିଯିବାରୁ, ଭସ୍ମାସୁର ପରି ନିଜ ହର୍ତ୍ତା କର୍ତ୍ତା ଦଇବ ବିଧାତାଙ୍କ ଉପରେ ଦାଉ ସାଧୁଛି । ଯୁଗେ ଯୁଗେ ଭସ୍ମାସୁରମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ତ ନବରାତ୍ରୀ ପୂଜା ଚାଲିଛି, ତୁମେ ବ୍ୟସ୍ତ ହୁଅନାହିଁ, ଆମେ ତା ମାଆକୁ କହୁଛୁ । ବାପ ପୁଅ ତ ମଦୁଆ, ମାଆ କାଳେ ବୁଝିବ । ସାବିତ୍ରୀ ସେତେବେଳକୁ ବାଡ଼ିପଟ ଦେଇ ଛୁ । ସିପ୍ରା କିନ୍ତୁ ବୁଝିସାରିଥିଲେ, ଦୁର୍ଗାପୂଜା ବେଳେ ଷଷ୍ଠୀ ପୂଜା ଦିନ ଜନ୍ମ ପୁଅ ମାଆଙ୍କ ନାମ ଅନୁଯାଇ, ପୁଅର ନାମ ଭାବାନୀ ରଖିଥିବା ଭାବାନୀ କେବେ ଅନ୍ୟାୟ ଅନୀତି କରିପାରେନା । ପୁଅକୁ କିଛି ପଚାରିନଥିଲେ ବି ପୁଅ ସବୁ କହିଥିଲା ସିପ୍ରାଙ୍କୁ ଆଉ ସୀତାଂଶୁ କହିଥିଲେ ସବୁ ଦୋଷ ତୋ ମାଆର । ନିଜ କାମ ନିଜେ ନକରି ତା ମାଆକୁ ରଖିଛି ।ଦ୍ୱିତୀୟରେ ତା ମାଆକୁ ପାଠ ଶାଠ ପଢ଼େଇ, ଭଲ ମନ୍ଦ,ପାପ ପୁଣ୍ୟ, ବିଚାର ଆଚାର, ନିତି ଅନୀତି, ନ୍ୟାୟ ଅନ୍ୟାୟ ଶିକ୍ଷା ଦେଉଛି । ସେ ଯାହା ସବୁ ଏଠି କହି କାନ୍ଦୁଥିଲା ସବୁ ଶୁଣିଛି ମୁଁ । ପୁଣି ମତେ ଓ ତତେ ମଦୁଆ ରୂପରେଖ ଦେଇଛି । ସବୁ ଭୁଲ ତୋ ମାଆର । ସୀତାଂଶୁଙ୍କ ଶେଷ କେଇପଦ ଶେଷ ହୋଇନି ସାବିତ୍ରୀ ପହଁଚିଲା । ଭୁଲ ମାଗିଲା । କହିଲା ତୁମେ କହିବା ଅନୁଯାଇ ଦାନବୀର କେହି ମୋ ଦୁଃଖ ଶୁଣି ମୋ ନାମରେ ଦଶ ହଜାର ପଠେଇଛି ମାଆ ।ମାଆ ଦୁର୍ଗାଙ୍କ ଯୋଗୁଁ ଏତେ ଟଙ୍କା ପାଇଲି, ତୁମକୁ ଜଣାନ୍ତି ନାହିଁ ? ଏଇ ଭୋଗ ନିଅ ମାଆ । ରଖ ରଖ ତୋ ଭୋଗ, କହି ଭାବାନୀ ଓ ଶୀତାଂଶୁ ଯେବେ କହିଥିଲେ, ତୋର ଆଉ କାଲିଠୁ କାମକୁ ଆସିବା ଦରକାର ନାହିଁ, ତ ଉଚ୍ଚ ସ୍ୱରରେ ବାହୁନା ପକେଇ ସାବିତ୍ରୀ କହୁଥିଲା ମୋ ମାଆ ମୁହଁ ନଦେଖିଲେ ମୁଁ ରହିପାରିବି ନାହିଁ ହେ ବାବୁ । ମୋ ମାଆ ହାତ ରନ୍ଧା ନଖାଇଲେ ମୁଁ ବଞ୍ଚିବି କେମିତି ହେ ଛୁଆ ବାବୁ ? ତାକୁ ତୁନି କରି, ଖାଇବାକୁ ଦେଇ, ସାବିତ୍ରୀକୁ ଛାଡିଲେ ସିପ୍ରା । ସୀତାଂଶୁ କହୁଥିଲେ ଏଇ ବଜାତ ମାଇକିନା ଯୋଗୁଁ ଆଜି ଥାନାଦୁଆର ମାଡିଥାଆନ୍ତୁ ବାପ ପୁଅ ଦୁହେଁ ଆମେ । ସେ କୋଉ ଥାନାକୁ ଗଲା ? ସିପ୍ରାଙ୍କ କଥା ଛଡେଇ ସୀତାଂଶୁ କହୁଥିଲେ, ତୁମ ଯୋଗୁଁ ଦଶ ହଜାର ପାଇଲା, କାହିଁକି ଯିବ ଥାନାକୁ, ସେତକ ବୁଝେଇବାକୁ ? ? ସବୁ ନାଟ ତୋ ମାଆର । ସିପ୍ରା ତଥାପି କହୁଥିଲେ ଦୁର୍ଗା ପୂଜାରେ ଶାନ୍ତ ରୁହ, ଭଦ୍ରୋଚିତ ଆଚରଣ ଓ ଉଚ୍ଚାରଣ କର ମାଆ ସଦୟ ହେବେ । ସୀତାଂଶୁ କହୁଥିଲେ ଗାନ୍ଧି ନିଜେ ସତ୍ୟ ଅହିଂସା ପଥର ଯାତ୍ରୀ ହୋଇ ଶେଷକୁ ଗୁଳି ଖାଇ ପ୍ରାଣ ତ୍ୟାଗ କଲେ ଆଉ ତମେ ଗାନ୍ଧିବାଦୀ ହୋଇ କଣ ପାଇବ ଆମେ ଦେଖୁଛୁ । ସିପ୍ରା କହିଲେ ଗାନ୍ଧି ସେଇଥିପାଇଁ ମହାତ୍ମା ଜାତିର ପିତା,ସଭିଙ୍କ ଆଦରର ବାପୁ, ଆଉ ମୁଁ ତ ଛାର ନାରୀଟିଏ ଯାହାର ମମତା ପୂର୍ଣ୍ଣ ପଣତରେ ଟିକେ ସ୍ନେହ ବିଞ୍ଚିଦେବାର ମାଗୁଣି । ନଦେଲେ ନାହିଁ ଦେଲେ ମଣିକାଞ୍ଚନ ପାଲଟିବାକୁ ଗୋଟେ ସେକେଣ୍ଡ ନିଅଣ୍ଟ ।

*ସୁନନ୍ଦା ମହାନ୍ତି*
*ସାକ୍ଷୀଗୋପାଳ, ପୁରୀ*
*ମୋ- ୯୦୪୦୯୭୭୩୨୭*



## ବୋଉ

ବୋଉ ପରା
କୋଇଲିର କୁହୁ ବିନା ବସନ୍ତରେ
ବୋଉ ପରା ନରମ ସକାଳ
ନିଦାଘ କାଳରେ
ନିଜ ଲୁହ ଠାରୁ ବଳି ଆପଣାର
ପ୍ରିୟତମ ସ୍ମୃତି ସବୁ ନେଇ
ବୋଉ ଚିର ସମୁଜ୍ଜଳ
ପତିତପାବନ ଭଳି ପରମ ପବିତ୍ର
ବୋଉର ପଣତ କାନି
ଲୋଭନୀୟ ଚିରକାଳ
ଅନନ୍ତ ସାଗର ପରି
ବୋଉ ଆଦରି ନେଇପାରେ
ଯେତେ ଝଡ଼ ଝଞ୍ଜା ଜଞ୍ଜାଳ ଦୁଃଖ
ଅକାତରେ କିନ୍ତୁ ଯାଚି ଦେଇପାରେ
ହୀରା ନୀଳା ମାଣିକ୍ୟ ମୁକ୍ତା
ସ୍ନେହ ସଦିଚ୍ଛା ବାତ୍ସଲ୍ୟ ମମତା
ବୋଉ ଆତ୍ମବିଶ୍ୱାସର ଦୃଢ଼ ଦମ୍ଭୋକ୍ତି
ଝଡରାତ୍ରି ସହ ଲଢିବାର ଅମୋଘ ଶକ୍ତି
ଲୁହ କୋହ ଯନ୍ତ୍ରଣାରେ
ଜୀଇଁବାର କଳା ଶିଖିଥିବା ଜୀବନ୍ତ ମୂର୍ତ୍ତି
ବୋଉ ଅନାବିଳ ସେନେହର
ଅବିରାମ ଧାରା
ଭାବନାରେ ଆଲୋକିତ ସମ୍ଭାବନା
ପରଶରେ ତା'ର ଚୁମ୍ବକୀୟ ଶକ୍ତି
ଭରାଥାଏ ଉତ୍ସାହ ଉନ୍ମାଦନା
ବୋଉ ଧରିତ୍ରୀ, ଧାତ୍ରୀ
ପୂଣ୍ୟତୋୟା ଗଙ୍ଗୋତ୍ରୀ
ବୋଉ ଶତସୂର୍ଯ୍ୟର ଶକ୍ତି.. ! !

*ଆଦ୍ୟାଶା ମହାପାତ୍ର*
*ନୂଆପଡା, କଟକ*

## ଜୀବନ ମୃତ୍ୟୁ

ତିମିର ଡରାଏ ପ୍ରତ୍ୟହ
ଆଲୋକ ଲୁଚେ ତା ପଶ୍ଚାତେ
ଆଢୁଆଳେ ରଖି ତାର ମୋହ
ଧରା ନ ଦେଇଣ କାହା ହାତେ ।
ତମସା ଟା ଅପମାନ ସହି
ନିଶବ୍ଦରେ ରହଇ ମଉନ
ଧୈର୍ଯ୍ୟ ତ ଆପଣେ ନାହିଁ କେହି
ଆଲୋକେ ଯେ ପିପାସିତ ମନ ।
ସୁଖ ଦୁଃଖ ମାନସିକ ସ୍ଥିତି
କିଏ ବା ବୁଝେ ଯା ସହଜେ
ସବୁର ଅଟିରେ ହୁଏ ଇତି
ତଥାପି ଲୁହରେ ମନ ଭିଜେ ।
ସ୍ଥିତପ୍ରଜ୍ଞ ଶବ୍ଦରେ ସୀମିତ
ମାୟା ପଟଳେ ସର୍ବେ ଆଚ୍ଛନ୍ନ
ଜୀବନ ଯନ୍ତ୍ରଣାରେ ମୋହିତ
କେ ବୁଝଇ ମୃତ୍ୟୁଟା ଆସନ୍ନ ।
ଆଲୋକର ଛାୟା ତଳେ ଆହା
ନିଃଶ୍ୱାସଟା ରାହା ଟିକେ ଖୋଜେ
ଅଜ୍ଞାନ ବି ଜ୍ଞାନେ ପାଏ ରାହା
ମୃତ୍ୟୁ ଜୀବେ ନୂତନତ୍ୱ ସୃଜେ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ତୋ ଠାରୁ ଭଲ ତୋ ସ୍ମୃତି

ତୋ'ଠାରୁ ଭଲ ତୋ ସ୍ମୃତି
କନ୍ଦାଏ ସେ ସିନା
ହେଲେ ପ୍ରିୟା ତୋ ପରି ସେ
ଛାଡ଼ି ତ ଯାଏନା ।
ମିଠା ମିଠା କଥା କହୁ
ପାଶେ ମୋ'ର ଥାଉ
କେବେ ରାଗିଗଲେ ତୁହି
ଯାଇ ଦୂରେ ରହୁ
ହେଲେ ସ୍ମୃତି ରହେ ପାଖେ
ଯେମିତି ସେ ଚିହ୍ନ ।
ସେଥିପାଇଁ ସିଏ ମୋ'ର
ଅତି ଆପଣାର
ଜୀବନରେ କରେନିରେ
କେବେ ସିଏ ପର
ଜିଇଁବା ହୁଏ ବିଷମ
ସେ ସ୍ମୃତିର ବିନା ।
ପ୍ରିୟା, ପ୍ରିୟା ସ୍ମୃତି ମଧ୍ୟେ
ଫରକ ତ ଇଏ
ନିରିଜନେ ଆସି ମନେ
ଛୁଇଁଯାଏ ଯିଏ
ପ୍ରିୟା ଥାଉ ସ୍ମୃତି ଥାଉ
କରୁନି ମୁଁ ମନା ।

*ନୀଳମଣି ଚାନ୍ଦ*
*ମନ୍ତ୍ର ମାନୋର,ଗୋଠପାଟଣା*
*ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭*

## ଭଲ କଥା ଆଉ ଲାଗେନା ଭଲ

ଭଲ କଥା ଆଉ କହିବିନି ଜମା
ଲାଗେନା କାହାକୁ ଭଲ
ବଡ଼ କୁହାଳିଆ କହୁଛନ୍ତି ମୋତେ
କରୁଛନ୍ତି କଲବଲ ।
ସଭିଏଁ ନିଜର ହାତେ ଚଉଦ ପା'
ମୁଣ୍ଡକୁ ପାଇଛି ହାତ
କାହା କଥା କିଏ ଶୁଣୁଛି କହୁନ
ଦୂରୁ ତାଙ୍କୁ ପ୍ରଣିପାତ
ଭଲ କଥା ଯିଏ କହୁଛି କୁଆଡ଼େ
ପାଟି ତା'ର ଗଲଗଲ ।
ଭଲ କଥା କିଏ ମାନୁଛି କହୁନ
କହିକରି କେଉଁ ଲାଭ
ଧୀରେ ଧୀରେ ସର୍ବେ ଖରାପ କଥାରେ
ଗୁପତେ କରନ୍ତି ଭାବ
ଯିଏସେ ଏଥିରେ ବିରୋଧ କରିବ
ତା ଜୀବନ ହଲଚଲ ।
ପାରୁଛ ତ ଯଦି ନିଜ ପାଇଁ ନିଜେ
କିଛି ଭଲ କାମ କର
ନିଜର ମନକୁ ଭଲ ବୁଦ୍ଧି ଆଣି
ଭଲ ବାଟ ନିଜେ ଧର
କାହାକୁ କହିବା ଦରକାର ନାହିଁ
ଝୁଣି ଯିବେ ପଲପଲ ।
ନିଜର ତୁଣ୍ଡରେ ତୁଣ୍ଡି ବାନ୍ଧିଦେବା
ଅଟେ ବୁଦ୍ଧିମାନ କାମ
ନହେଲେ ଭଲରେ ଭେଲ ମିଶାଇକି
ଭଲକି ଦେବେ ତ ନାମ
ତା ଅପେକ୍ଷା ନିଜ କାମରେ ଲାଗିଲେ
ଜୀବନଟା ଝଲମଲ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

## ପ୍ରୀତି ଫୁଲର ଆମନ୍ତ୍ରଣ

ପ୍ରୀତିର ଚିଟାଉ
ଫୁଲର ବାସ୍ନା ପରି ମୁଗ୍ଧ ଅନୁଭୂତି
ଚାରିପାଖେ ଲେଖେ ବିଭୋର ରଚନା
ଅନ୍ତରରୁ ବହୁତ୍ୱଯାଏ ଘନିଷ୍ଠତା
ଭୂମିରୁ ଭୂମାଯାଏ ଘନତା ।
ତିଆରେ ଏକ ଅକୂଳ ଦରିଆ
ପାରିହେବାରେ ବିତିଯାଏ
ଯୁଗ ଯୁଗାନ୍ତର
ତଥାପି ଥାଏ ପ୍ରତୀକ୍ଷଣ
ପ୍ରତ୍ୟନ୍ତରେ ସେ ନୀଳ ଆମନ୍ତ୍ରଣର ।
ପ୍ରୀତିମନସ୍କ ପ୍ରମୂର୍ତ୍ତନ
ପ୍ରତୀକ୍ଷିତ ସମ୍ମୋହନର ପ୍ରତିସ୍ନେହ
ଯିଏ ନିର୍ଜୀବକୁ କରେ ସଜୀବ
ପଥରରେ ଭରେ ସ୍ଫୂର୍ତ୍ତିପ୍ରଦ ପ୍ରାଣ ।
ଭାସିଆସେ ବଂଶୀର ଆମଞ୍ଜନ
ସପ୍ତରଙ୍ଗୀ ଝରର ତେଜରୂପେ ଲାବଣ୍ୟ
ମନରୁ ନୟନରୁ ହୃଦକନ୍ଦରରୁ
ଓଠର ଦରଜାରୁ ପାଦର ପାଉଁଜିରୁ
ଚିରକାଳ ଊର୍ଦ୍ଧ୍ୱ ଉଡାଣ ଭରେ
ଭାଗ୍ୟ ଭବିଷ୍ୟ ସବୁର ।

*ଅନସୂୟା ପଣ୍ଡା*
*ବୁର୍ଲା, ସମ୍ବଲପୁର,*
*୯୪୩୯୨୧୧୯୭୧*



# ମକର ସଂକ୍ରାନ୍ତି

## ଆରମ୍ଭ ହେଲା ଦେବତାଙ୍କ ଦିନ

**ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି । ବିଶ୍ୱାସ କରାଯାଏ, ଏହି ଦିନ ଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି । ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି । ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ । ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ । ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ । ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଦେଶର ଅଗ୍ରଗତି ହେବ । ମୂଲ୍ୟବାନ ଧାତୁର ଚାହିଦା ବଢ଼ିବ । ବ୍ୟବସାୟ ବାଣିଜ୍ୟ ବଢ଼ିବ, କେତେକ ଦେଶରେ କ୍ଷମତା ପରିବର୍ତ୍ତନ ହୋଇପାରେ । ଅଧିକାଂଶ ଶୁଭଫଳ ପ୍ରଦାନ କରିବ । ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି । ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ ।**

ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବରେ ଗ୍ରହଣ କରାଯାଏ । ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି । ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି । ବିଶ୍ୱାସ କରାଯାଏ, ଏହି ଦିନ ଠାରୁ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି । ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି । ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ । ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ । ଏ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର ଶୁଭ ପ୍ରଭାବ ପଡ଼ିବ । ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଦେଶର ଅଗ୍ରଗତି ହେବ । ମୂଲ୍ୟବାନ ଧାତୁର ଚାହିଦା ବଢ଼ିବ । ବ୍ୟବସାୟ ବାଣିଜ୍ୟ ବଢ଼ିବ, କେତେକ ଦେଶରେ କ୍ଷମତା ପରିବର୍ତ୍ତନ ହୋଇପାରେ । ଅଧିକାଂଶ ଶୁଭଫଳ ପ୍ରଦାନ କରିବ । ତେବେ ସରକାର, ପ୍ରଶାସନ ଏବଂ ଜନତା ମଧ୍ୟରେ ବିରୋଧ ବଢ଼ିବାରେ ସମ୍ଭାବନା ରହିଛି । ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ । ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ । ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ ।



ମକର ସଂକ୍ରାନ୍ତିର ଗୋଟିଏ ଦିନ ପୂର୍ବରୁ ବସନ୍ତ ପୂର୍ବର ଉତ୍ସବ ଲୋହଡି ଉତ୍ତର-ଭାରତ ବିଶେଷକରି ପଞ୍ଜାବରେ ପାଳନ କରାଯାଏ । ମକର ସଂକ୍ରାନ୍ତି ଦିନ ତାମିଲ ହିନ୍ଦୁମାନେ ପୋଙ୍ଗଲ ପର୍ବ ମନାନ୍ତି । ସମଗ୍ର ଦକ୍ଷିଣ ଭାରତୀୟଙ୍କ ପାଇଁ ଏହା ସବୁଠାରୁ ବଡ଼ ପର୍ବ । ଆସାମରେ ବିହୁ ଭାବରେ ପାଳନ କରାଯାଏ ମକର ସଂକ୍ରାନ୍ତି । ଭାରତର ବିଭିନ୍ନ ପ୍ରଦେଶରେ ମକର ସଂକ୍ରାନ୍ତି, ଏହାର ପର୍ବ ଓ ପରଦିନରେ ନାନା ପର୍ବ ପାଳନ କରାଯାଏ । ସୂର୍ଯ୍ୟଙ୍କ ଗତି ସହ ସମ୍ପର୍କ ଥିବା ଯୋଗୁଁ ଏହି ପର୍ବ ଋତୁଚକ୍ର ଓ ଫସଲ ସହ ଜଡ଼ିତ । ସାରା ଭାରତରେ ଏହା ବିଭିନ୍ନ ରୂପରେ ମନାଯାଏ । ଦକ୍ଷିଣାୟନକୁ ଦେବତା ମାନଙ୍କ ରାତି ଅର୍ଥାତ୍ ନକାରାତ୍ମକତା ଓ ଉତ୍ତରାୟଣକୁ ଦେବତାମାନଙ୍କ ଦିନ ଅର୍ଥାତ୍ ସକାରାତ୍ମକତାର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ଅନ୍ୟ ଅର୍ଥରେ କୁହାଯାଇପାରେ ଦକ୍ଷିଣାୟନରେ ରାତି ସୁଖଦ ହୁଏ, ଉତ୍ତରାୟଣରେ ଦିନ ଭଲ ହୁଏ । ବୈଦିକ ଯୁଗରେ ଉତ୍ତରାୟଣକୁ ଦେବାୟନ ଓ ଦକ୍ଷିଣାୟନକୁ ପିତୃୟାନ କୁହାଯାଉଥିଲା । ବିଶ୍ୱାସ କରାଯାଏ ପୁଣ୍ୟବାନ ଆତ୍ମାମାନେ ସ୍ୱର୍ଗରେ ମଧ୍ୟ ଏହି ଦିନରେ ପ୍ରବେଶ କରନ୍ତି । ତେଣୁ ଏହା ଆଲୋକର ପର୍ବ । ମକର ସଂକ୍ରାନ୍ତି ଦିନ ସାରା ଦେଶରେ ଗୁଡ଼ିଉଡା ଆରମ୍ଭ କରାଯାଏ । ଭାରତୀୟ ସଂସ୍କୃତି ପଞ୍ଚଦେବତାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ । ଶିବ, ବିଷ୍ଣୁ, ଗଣପତି, ଆଦ୍ୟାଶକ୍ତି ଓ ସୂର୍ଯ୍ୟ ଏହି ପଞ୍ଚଦେବତା । ପଞ୍ଚଦେବତାଙ୍କ ପୂଜା, ଉପାସନା, ଆରାଧନା ଓ ଜପ ଦ୍ୱାରା ସାଧକଙ୍କୁ ଲୌକିକ - ପରଲୌକିକ, ନୈତିକ - ଆଧ୍ୟାତ୍ମିକ ସମସ୍ତ ପ୍ରକାର ଲାଭ ମିଳେ । ମକର ସଂକ୍ରାନ୍ତିରେ ନୂତନ ସଂକଳ୍ପ ମଧ୍ୟ ନିଆଯାଏ । ମହାଭାରତ ଯୁଦ୍ଧ ପରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ୫୮ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ । ସୂର୍ଯ୍ୟ ଆତ୍ମଦେବର ପ୍ରତୀକ ଅର୍ଥାତ୍ ଆମ ଆତ୍ମାର ଯେଉଁ ଦେବତ୍ୱ ନିହିତ ଅଛି ତାହାର ପ୍ରତୀକ । ସୂର୍ଯ୍ୟ ଜ୍ଞାନଶକ୍ତି ଓ ତେଜର ପ୍ରତୀକ । ସେ ସାରା ସଂସାରକୁ ପ୍ରକାଶିତ କରନ୍ତି । ମକର ସଂକ୍ରାନ୍ତି ନିଜ ଭିତରେ ଏହି ଚେତନାକୁ ବିକଶିତ କରିବାର ପର୍ବ । ଆମ ଭିତରେ, ଆମ ଆତ୍ମାରେ ଯେଉଁ ସୂର୍ଯ୍ୟ ଅଛନ୍ତି, ତାଙ୍କ ତେଜ ପ୍ରଖର କରିବାର ଏହା ପର୍ବ । ସୂର୍ଯ୍ୟ ଯେମିତି ବାଦଲରେ ଢ଼ାଙ୍କି ହୋଇଯାଆନ୍ତି, ସେମିତି ଆମର ଆତ୍ମା ମଧ୍ୟ କାମ, କ୍ରୋଧ ଓ ଅହଂକାରରୂପୀ ବାଦଲରେ ଆଚ୍ଛାଦିତ ହୋଇ ରୁହେ । ସୂର୍ଯ୍ୟ ବାଦଲ ମଧ୍ୟରୁ ପୁନଃ ପ୍ରକାଶିତ ହେବା ପରି ଆମେ ନିଜ ଆତ୍ମାର ତେଜ ବିକାଶ କରିବା ଉଚିତ । ଯେମିତିକି ନିରାଶଜନକଙ୍କ ମନରେ ମଧ୍ୟ ଉତ୍ସାହ ଓ ଆନନ୍ଦ ଭରିଯିବ । ତେଣୁ ମନକୁ ବିକାରମୁକ୍ତ କରିବା ପାଇଁ ଆମେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିବା ଉଚିତ ।

ଭାରତୀୟ ପରମ୍ପରା ମହାନ ପର୍ବ ହେଉଛି ମକର ସଂକ୍ରାନ୍ତି । ଦେଶର ବିଭିନ୍ନ ପ୍ରାନ୍ତରେ ଏହି ପର୍ବ ମିଳିଥାଏ । ପ୍ରାତଃ କାଳରୁ ଉଠି ସ୍ନାନ କରିବା ସହ ସୂର୍ଯ୍ୟ ଦେବଙ୍କ ପୂଜା କଲେ ମନୁଷ୍ୟର ସମସ୍ତ ଗ୍ରହ ଦୋଷ ଖଣ୍ଡିତ ହୋଇଥାଏ । ମକର ସଂକ୍ରାନ୍ତିର ପର୍ବକୁ ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳନ କରାଯାଉଥିଲେ ମଧ୍ୟ ସବୁଆଡ଼େ ଗୋଟିଏ ଉଦ୍ଦେଶ୍ୟ ନେଇ ଏହି ପର୍ବ ପାଳିତ ହୁଏ । ଆସାମରେ ଲୋକମାନେ ଏହି ଦିନକୁ ମାଘ ବିହୁ କୁହନ୍ତି । ପଞ୍ଜାବ, ହରିଆନା, ହିମାଚଳ ପ୍ରଦେଶରେ ମାଘି ନାମରେ ଏହି ପର୍ବ ପାଳିତ ହୁଏ । ସାରା ଦେଶରେ ଏହା ମକର ସଂକ୍ରାନ୍ତି ନାମରେ ପାଳିତ ହେଉଥିବାବେଳେ ଉତ୍ତରାଖଣ୍ଡ, ଗୁଜୁରାଟ ଓ ରାଜସ୍ଥାନ ଏହାକୁ ଉତ୍ତରାୟଣ ନାମରେ ପାଳନ କରାଯାଇଥାଏ । ଦକ୍ଷିଣ ଭାରତରେ ଏହି ପୋଙ୍ଗଲ



ପର୍ବକୁ ଭିନ୍ନ ଭିନ୍ନ ଢ଼ଙ୍ଗରେ ପାଳନ କରାଯାଇଥାଏ । ପୌଷ ମାସର ଏହି ସଂକ୍ରାନ୍ତି ତିଥିରେ ସୂର୍ଯ୍ୟ ଉତ୍ତରାୟଣ ହୋଇ ମକର ରାଶିରେ ପ୍ରବେଶ କରିଥାନ୍ତି । ଏଥି ସହିତ ଦେବତା ମାନଙ୍କ ଦିନ ଏବଂ ପିତୃପୁରୁଷଙ୍କ ରାତ୍ରି ଆରମ୍ଭ ହୋଇଥାଏ । ମକର ସଂକ୍ରାନ୍ତି ପରଠାରୁ ସମସ୍ତ ପ୍ରକାରର ମାଙ୍ଗଳିକ କାର୍ଯ୍ୟ, ଯଜ୍ଞୋପବୀତ, ବିବାହବ୍ରତ, ଗୃହପ୍ରବେଶ ଆଦି ଅନୁଷ୍ଠିତ ହୋଇଥାଏ । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ପୃଥିବୀବାସୀଙ୍କ ପାଇଁ ବରଦାନ ସଦୃଶ । ସମସ୍ତ ଦେବୀ ଦେବତା, ଯକ୍ଷ, ଗନ୍ଧର୍ବ, ନାଗ, କିନ୍ନର ଆଦି ଏହି ଅବଧିରେ ତୀର୍ଥରାଜ ପ୍ରୟାଗରେ ଏକତ୍ରିତ ହେବା ସହ ସଂଗମ ତଟରେ ସ୍ନାନ କରିଥାନ୍ତି । ଏହି ସମୟରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ସେମାନଙ୍କୁ ମୁକ୍ତି ନାମରେ ପ୍ରସିଦ୍ଧ । ତାମିଲ ନୂଆ ବର୍ଷ ପୋଙ୍ଗଲ ଠାରୁ ଆରମ୍ଭ ହୋଇଥାଏ । ଦେଶବ୍ୟାପୀ ଗୁଡ଼ି ଉଡା ଉତ୍ସବ ମଧ୍ୟ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥାଏ । ସେହି ଅନୁଯାୟୀ ଆମ ଦେଶରେ ମକର ସଂକ୍ରାନ୍ତି ଅବସରରେ ପିତା ମାତା ଏବଂ ଗୁରୁଜନଙ୍କ ପୂଜା କରାଯାଇଥାଏ । ମକର ସଂକ୍ରାନ୍ତିରେ ଧାର୍ମିକ ଏବଂ ସାମାଜିକ କର୍ମର ବିଶେଷ ମହତ୍ତ୍ୱ ରହିଛି । ସ୍ନାନ, ଦାନ ଆଦି କାର୍ଯ୍ୟ ପାଇଁ ଏହି ତିଥି ପରମ ଲାଭକାରୀ ।

*ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର*
*ସହ-ପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*



# ସାଇ ନବବର୍ଷ ଓ ମକର ସଂକ୍ରାନ୍ତି

ଆମ ଦେଶରେ ମକର ସଂକ୍ରାନ୍ତିକୁ ଏକ ପବିତ୍ର ଦିବସ ରୂପେ ପାଳନ କରାଯାଏ । ଏହିଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ଓ ତାଙ୍କର ଉତ୍ତରାୟଣ ଆରମ୍ଭ ହୁଏ । ଏହି ଦିନର ଆଉ ଏକ ପୌରାଣିକ ତାତ୍ପର୍ଯ୍ୟ ହେଲା ଯେ ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ୫୬ଦିନ ଶୟନ କଲାପରେ ମର ଶରୀର ତ୍ୟାଗ କରିବା ପାଇଁ ଏହି ପବିତ୍ର ଦିନଟିକୁ ଅପେକ୍ଷା କରି ରହିଥିଲେ । ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହେବାରୁ ତାଙ୍କ ଆତ୍ମା ପରମାତ୍ମାଙ୍କ ଶରୀରରେ ଲୀନ ହେଲା । ସତ୍ୟସାଇ ବାବା ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନଟିକୁ ସତ୍ୟସାଇ ସଂଗଠନର ନବବର୍ଷର ଆରମ୍ଭ ରୂପେ ପାଳନ କରି ଏହି ପବିତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଦିବ୍ୟ ସମ୍ଭାଷଣମାନ ଦେଇଥାନ୍ତି । ତାଙ୍କ ମତରେ ମକର ସଂକ୍ରାନ୍ତି ଆବାହମାନ କାଳରୁ ଏକ ପରିପୂର୍ଣ୍ଣତା ଓ ଆନନ୍ଦର ଦିବସ ରୂପେ ପାଳିତ ହୋଇ ଆସୁଅଛି । ଏହି ପର୍ବ ସାମାଜିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ସଂକ୍ରାନ୍ତିର ଅର୍ଥ ହେଲା ସମ୍ୟକକ୍ରାନ୍ତି । କ୍ରାନ୍ତି କହିଲେ ପରିବର୍ତ୍ତନକୁ ବୁଝାଏ । ଏହି ପବିତ୍ର ଦିବସର ପ୍ରଭାବରେ ସମଗ୍ର ମାନବ ଜାତି ମଧ୍ୟରେ ପବିତ୍ର ବାତାବରଣ ସୃଷ୍ଟି ହୁଏ । ସେଥିପାଇଁ ସାଇ ବାବା ଏହି ପର୍ବରେ ଭକ୍ତମାନଙ୍କ ସମାବେଶରେ ଶୁଭ ସନ୍ଦେଶ ଦେଇକହିଥାନ୍ତି ଯେ ସଂକ୍ରାନ୍ତି ହୃଦୟର ପରିବର୍ତ୍ତନ ଆଣିଲେ ସମସ୍ତେ ସୁଖ ସମୃଦ୍ଧ ଭରା ଗୌରବମୟ ଜୀବନଯାପନ କରିବେ ।

ସାଧାରଣତଃ ଗ୍ରାମ ମାନଙ୍କରେ ଚାଷକାର୍ଯ୍ୟରେ ବ୍ୟସ୍ତ ଥିବା ବ୍ୟକ୍ତିମାନେ ଜମି ହଳ କରିବା, ପାଣି କାଦୁଅରେ ଦିନରାତି ପରିଶ୍ରମ କରି ବେଉଷଣ କରିବା, ଶୀତ କାକରରେ ଧାନ ଅମଳ କରି ଖଳାରେ ଗଦା ମାରିବା ଓ ଧାନ ଅମଳ କରିବାରେ ଯେଉଁ କଷ୍ଟ ସ୍ୱୀକାର କରିଥାଆନ୍ତି ମକର ସଂକ୍ରାନ୍ତି ପରି ଏକ ପବିତ୍ର ଦିନ ଉପସ୍ଥିତ ହେଲେ ମନଭରି ଆନନ୍ଦ ଉଲ୍ଲାସରେ ମାତି ଯାଆନ୍ତି । ଟିକିଏ ଆରାମ କରିବା ସହିତ ଭାଗବତ ଆରାଧନା କରିବାରେ ଦିନଟିକୁ କାଟି ଥାଆନ୍ତି । ଘରେ ଘରେ ନୂଆ ଧାନର ଚାଉଳରେ ନଡ଼ିଆ, ଛେନା ଆଦି ବ୍ୟବହାର କରି ସୁସ୍ୱାଦୁ ପୋଡ଼ପିଠା କରି ମକର ଚାଉଳ ସହିତ ଠାକୁରଙ୍କ ନିକଟରେ ଭୋଗ ଲଗାନ୍ତି । ମକର ସଂକ୍ରାନ୍ତି ସାରା ବିଶ୍ୱରେ ସତ୍ୟସାଇ ସଂଗଠନ ଦ୍ୱାରା ନବବର୍ଷ ରୂପେ ପାଳନ କରାଯାଏ । କାରଣ ଏହି ପବିତ୍ର ଦିବସରେ ସତ୍ୟସାଇ ସମିତି ଗୁଡ଼ିକରେ ଆଗାମି ବର୍ଷ ପାଇଁ ସର୍ବସମ୍ମତ ଭାବେ ସ୍ଥିର କରାଯାଇଥିବା ଓ ରାଜ୍ୟ ସଂଗଠନ ଦ୍ୱାରା ଅନୁମୋଦିତ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟସ୍ତରୀୟ କିମ୍ବା ଜିଲ୍ଲାସ୍ତରୀୟ କିମ୍ବା ବିଶିଷ୍ଟ ବ୍ୟକ୍ତିମାନେ ପୌରହିତ କରିଥାନ୍ତି ଏବଂ ବାବାଙ୍କ ବାଣୀ ଓ ଲୀଳା ବିଷୟରେ ଉପସ୍ଥିତ ଦର୍ଶକ ମାନଙ୍କୁ ସମ୍ଭାଷଣ ଦେଇ ବାତାବରଣକୁ ପବିତ୍ରତାରେ ଭରି ଦିଅନ୍ତି । ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ସମ୍ଭାଷଣ ପ୍ରଦତ୍ତ ଓ ମାର୍ଗ ନିର୍ଦ୍ଦେଶିତ ଜୀବନଚର୍ଯ୍ୟା ଓ ସଂଗଠନରେ ଆଧ୍ୟାତ୍ମିକ ଦାୟିତ୍ୱବୋଧକୁ ସ୍ମରଣୀୟ କରିବାର ପବିତ୍ର ଦିନଟି ହେଉଛି ମକର ସଂକ୍ରାନ୍ତୀ । କହିବାକୁଗଲେ ମକର ସଂକ୍ରାନ୍ତି ହେଉଛି ଶ୍ରୀ ସତ୍ୟସାଇ ସେବା ସଂଗଠନର ଆଧ୍ୟାତ୍ମିକ ବର୍ଷର ଆରମ୍ଭ ଦିନ ବା ନୂଆ ବର୍ଷ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତିଟି ସାଇ ଆଶ୍ରିତ ଏହି ଦିନଟିକୁ ଅତ୍ୟନ୍ତ ଆଧ୍ୟାତ୍ମିକ ଭାବପୂର୍ଣ୍ଣ ଭାବେ ଗ୍ରହଣ କରିଥାନ୍ତି । ପ୍ରତ୍ୟୁଷରୁ ଓଁକାରମ୍ ସୁପ୍ରଭାତମ୍, ନଗରସଂକୀର୍ତ୍ତନରୁ ଆରମ୍ଭ ହୋଇ ବିଭିନ୍ନ ସେବାକାର୍ଯ୍ୟ, ପୂଜା, ପ୍ରାର୍ଥନା ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ସତସଙ୍ଗ ଓ ସତନ୍ତ୍ର ପ୍ରଶାନ୍ତି ଭଜନ ପରିବେଷଣ ହୋଇଥାଏ । ଏହି ଦିନରୁ ସଂଗଠନର ସମସ୍ତ ଶାଖାର ନୂଆ କର୍ମକର୍ତ୍ତାମାନେ ଭଗବାନଙ୍କ ପାଦପଦ୍ମରେ ଶପଥ ଓ ପ୍ରଣାମ ପୂର୍ବକ ଦାୟିତ୍ୱ ଗ୍ରହଣ କରିଥାନ୍ତି । ସଙ୍ଗଠନର ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଶପଥ ଗ୍ରହଣ କରି ଘୋଷଣା କରିଥାନ୍ତି - ମୁଁ ଉଦ୍‌ଘୋଷଣା କରୁଛି କି ମୋର ଭଗବାନ ବାବାଙ୍କ ପ୍ରଦତ୍ତ ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି । ମୁଁ ନବବିଧ ଆଚରଣ ବିଧି ଓ ସଂଗଠନର ସମସ୍ତ ନିୟମ ମାନି ଚଳିବି, ମୁଁ ନିଶାଦ୍ରବ୍ୟ ଧୂଆଁପତ୍ର, ଆମିଷ ଭୋଜନ ଓ ଜୁଆ ଖେଳରୁ ଦୂରେଇ ରହିବି । ମୁଁ ମୋର ସମସ୍ତ କର୍ତ୍ତବ୍ୟ ଭଗବାନ ସତ୍ୟସାଇ ବାବାଙ୍କ ପାଦପଦ୍ମରେ ଅର୍ପଣ କରିବି ।



ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ । ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି । ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ । ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ । ଫଳରେ ତାପମାତ୍ରା କମେ । ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ । ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ । ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ । ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ । ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ । ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ । ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ ।

*ନିରୂପମା ଭୂୟାଁ*
*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୯୩୭୪୭୦୯୮୦*

## ପୋଙ୍ଗଲ

ପୋଙ୍ଗଲ ବା ଥାଇ ପୋଙ୍ଗଲ ହେଉଛି ଦକ୍ଷିଣ ଭାରତର ଏକ କୃଷିଭିତ୍ତିକ ପର୍ବ । ବିଶେଷତଃ ତାମିଲ ଭାଷାଭାଷୀ ଲୋକମାନେ ଏହି ପର୍ବ ପାଳିଥାନ୍ତି । ଦକ୍ଷିଣ ଭାରତରେ ଏହା ଗଣପର୍ବର ମାନ୍ୟତା ପାଇଛି । ତାମିଲ ମାସ ମାର୍ଗାଝି ର ଶେଷ ଦିନ ଠାରୁ ଆରମ୍ଭ ହୋଇ ଥାଇ ମାସର ପ୍ରଥମ ତିନି ଦିନ ପର୍ଯ୍ୟନ୍ତ ୪ ଦିନ ଧରି ପୋଙ୍ଗଲ ପାଳିତ ହୋଇଥାଏ । ତାମିଲନାଡୁ, ପୁଡୁଚେରୀ ସମେତ ଶ୍ରୀଲଙ୍କା, ମାଲେସିଆ, ମରିସସ୍ ଆଦି ସ୍ଥାନରେ ରହୁଥିବା ତାମିଲମାନେ ବେଶ୍ ଉତ୍ସାହର ସହ ପୋଙ୍ଗଲ ପର୍ବ ପାଳିଥାନ୍ତି । ଏହି ପର୍ବର ତୁଳନା ନବାନ୍ନ ସହ କରାଯାଇଥାଏ । ଫସଲ ଅମଳ ସମୟରେ ସାଧାରଣତଃ ଏହି ପର୍ବ ପାଳିତ ହୋଇଥାଏ । ପୋଙ୍ଗଲର ଅର୍ଥ ହେଉଛି ବିପ୍ଳବ । ପାରମ୍ପରିକ ଭାବେ ଏହି ପର୍ବ ସମୃଦ୍ଧି ଆଣିବା ଉଦ୍ଦେଶ୍ୟରେ ପାଳିତ ହୁଏ । ଏହି ଦିନରେ ବର୍ଷା, ଖରା, ଭୂମି ଏବଂ କୃଷି ସହ ଜଡ଼ିତ ସମସ୍ତ ଉପକରଣର ପୂଜାର୍ଚ୍ଚନା କରାଯାଇଥାଏ । ପୋଙ୍ଗଲ ପର୍ବ ପାଳନର ପରମ୍ପରା ହଜାର ହଜାର ବର୍ଷ ପୁରୁଣା । ଏହି ପର୍ବର ମୂଳଭିତ୍ତି ହେଉଛି ପୂର୍ବପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ଭଲ ଜୀବନ ଓ ଏକ ଯଥାର୍ଥ ଗୃହସ୍ଥ ଜୀବନ ସହ ଜନକଲ୍ୟାଣର ବ୍ରତୀ ହେବା । ପୋଙ୍ଗଲ ଦିବସରେ ତେଲଗୁ ଓ ତାମିଲ ଭାଷାଭାଷୀମାନେ ଆନନ୍ଦ ଉଲ୍ଲାସ ଭିତରେ ଜନ ସେବାରେ ନିଜକୁ ନିୟୋଜିତ ରଖନ୍ତି । ପାରିବାରିକ ଖୁସି, ସୁଖ, ଆନନ୍ଦ ଭିତରେ ପାରମ୍ପରିକ ପୋଙ୍ଗଲ ଭାଇଚାରା ବନ୍ଧନକୁ ସୁଦୃଢ଼ କରିଥାଏ । କେବଳ ସେତିକି ନୁହେଁ ସମାଜ ଓ ଦେଶକୁ ଭଲପାଇବା ସହ ସେମାନଙ୍କ ଉନ୍ନତିକଳ୍ପେ ନିଜକୁ ଉତ୍ସର୍ଗୀକୃତ କରିବାର ମହାପାର୍ବଣ ହେଉଛି ପୋଙ୍ଗଲ । ପୋଙ୍ଗଲର ଆଧ୍ୟାତ୍ମିକ, ନୈତିକ ଓ ସାମାଜିକ ଜୀବନାଦର୍ଶ ଆମ ସମସ୍ତଙ୍କୁ ସତକର୍ମ ପାଇଁ ଅନୁପ୍ରେରଣା ଯୋଗାଉ ଏହା ହିଁ କାମନା ।

*ମହେଶ୍ୱର ରାଓ*
*ଓଡ଼ିଆ ବଜାର, ତନ୍ତୀ ସାହି, କଟକ, ଦୂରଭାଷ : ୯୦୪୦୨୨୮୪୯୧*

# ବକ୍ସ ଅଫିସରେ 'ଦ ରାଜା ସାବ' ଧମାକା



ସାଉଥ ସୁପରଷ୍ଟାର ପ୍ରଭାସଙ୍କ ଫିଲ୍ମ 'ଦ ରାଜା ସାବ'ଗତକାଲି, ଜାନୁଆରୀ ୯, ୨୦୨୬ରେ ବଡ଼ ପରଦାରେ ରିଲିଜ୍ ହୋଇଛି । ଫିଲ୍ମ ରିଲିଜକୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ବର୍ତ୍ତମାନ ଫିଲ୍ମ ପରଦାକୁ ଆସିଛି । ପ୍ରଥମ ଦିନର ପ୍ରଥମ ଶୋ' ଦେଖିବାକୁ ଥିଏଟରରେ ଭିଡ଼ ଜମିଥିଲା । 'ଦି ରାଜା ସାବ' ରିଲିଜର ପ୍ରଥମ ଦିନରେ ବକ୍ସ ଅଫିସରେ ୪୫ କୋଟି ଟଙ୍କା ରୋଜଗାର କରିଛି । ସେହିପରି ରିଲିଜ୍ ପୂର୍ବରୁ କରିଥିବା ଆୟକୁ ମିଶାଇ, ଫିଲ୍ମର ମୋଟ ଆୟ ଏବେ ୫୪.୧୫ କୋଟି ଟଙ୍କାରେ ପହଞ୍ଚିଛି । ଏହା ରାଧେ ଶ୍ୟାମଙ୍କ ଓପନିଂ ଡେ କଲେକ୍ସନକୁ ଅତିକ୍ରମ କରି ୪୩.୧ କୋଟି ଅଭିନେତାଙ୍କ ଷଷ୍ଠ ସର୍ବାଧିକ ଓପନର ହୋଇଛି । ତଥାପି ଏହା ପ୍ରଭାସଙ୍କ ଶ୍ରେଷ୍ଠ ୫ଟି ଓପନରଙ୍କ ମଧ୍ୟରେ ସ୍ଥାନ ପାଇନାହିଁ । 'ଦ ରାଜା ସାବ' ହୁଏତ ନକାରାତ୍ମକ ସମୀକ୍ଷା ପାଇଥାଇପାରେ କିନ୍ତୁ ଏହା ଆସିବା ମାତ୍ରେ, ଏହା ୨୦୨୫ ର ଦୁଇଟି ସବୁଠାରୁ ବଡ଼ ଫିଲ୍ମ, ଧୁରନ୍ଧର ଏବଂ ଚାବାର ପ୍ରଥମ ଦିନର କଲେକ୍ସନକୁ ପଛରେ ପକାଇ ଦେଇଛି । ଆପଣଙ୍କୁ କହି ରଖୁଛୁ ଯେ, ଧୁରନ୍ଧର ୨୮ କୋଟି ସହିତ ଓପନିଂ କରିଥିଲା ଯେତେବେଳେ ଚାୱାର ପ୍ରଥମ ଦିନର କଲେକ୍ସନ ୩୧ କୋଟି ଥିଲା । 'ଦ ରାଜା ସାବ' ପ୍ରଥମ ଦିନ ୪୫ କୋଟି ରୋଜଗାର କରିଥିଲା ଏବଂ ପ୍ରି-ସେଲ୍ସକୁ ମିଶାଇ, ଏହାର ପ୍ରଥମ ଦିନର କଲେକ୍ସନ ୫୪.୧୫ କୋଟି । ଫିଲ୍ମରେ ଅନେକ ଜଣାଶୁଣା ଅଭିନେତା ଅଛନ୍ତି, ଯେଉଁଥିରେ ପ୍ରଭାସଙ୍କ ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ସଞ୍ଜୟ ଦତ୍ତ ମଧ୍ୟ ଅଛନ୍ତି । ଜରିନା ୱାହାବ, ବୋମନ ଇରାନୀ, ମାଳବିକା ମୋହନନ, ନିଧି ଅଗ୍ରୱାଲ ଏବଂ ରିଦ୍ଧି କୁମାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଫିଲ୍ମ ରିଲିଜ୍ ପୂର୍ବରୁ ଦର୍ଶକଙ୍କ ମଧ୍ୟରେ ସଞ୍ଜୟ ଦତ୍ତଙ୍କ ଉପସ୍ଥିତି ଉତ୍ସାହ ଆଣିଥିଲା । ତେବେ 'ଦ ରାଜା ସାବ' ହେଉଛି ପ୍ରଭାସଙ୍କର ପରବର୍ତ୍ତୀ ବଡ଼ ଫିଲ୍ମ । ମାରୁତି ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ସହ ଫିଲ୍ମର କାହାଣୀ ମଧ୍ୟ ସେ ହିଁ ଲେଖିଛନ୍ତି । ପ୍ରଭାସଙ୍କ ବ୍ୟତୀତ ନିଧି ଅଗ୍ରୱାଲ, ମାଳବିକା ମୋହନନ ଏବଂ ରିଦ୍ଧି କୁମାର ମୁଖ୍ୟ ଅଭିନେତ୍ରୀ ଭାବେ ଅଭିନୟ କରିଛନ୍ତି । 'ଦ ରାଜା ସାବ' ପିପୁଲ୍ ମିଡିଆ ଫ୍ୟାକ୍ଟ୍ରି ବ୍ୟାନରରେ ଟିଜି ବିଶ୍ୱ ପ୍ରସାଦଙ୍କ ଦ୍ୱାରା ପ୍ରଯୋଜିତ । ସିନେମାଟୋଗ୍ରାଫି କାର୍ତ୍ତିକ ପଲାନି କରିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଥମନ ଏସ୍ ଏବଂ ଫିଲ୍ମର ନିର୍ମାତା ଅଟନ୍ତି ଟିଜି ବିଶ୍ୱ ପ୍ରସାଦ । ଏଥିରେ ସଞ୍ଜୟ ଦତ୍ତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି ।

# କରୀନା ହିଁ ବେଷ୍ଟ



କରୀନା

ରଚନା

କରୀନା କପୁର ଏବେ ଏକ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି । ଏହାର ଟାଇଟଲ୍ ରହିଛି 'ଦାୟରା' । ଖାସ୍ କଥା ହେଲା ଏହାକୁ ମେଘନା ଗୁଲଜାର ନିର୍ଦ୍ଦେଶନା ଦେଇଛନ୍ତି । ମେଘନା ଯେତେବେଳେ ଏହାର କାହାଣୀ ଫାଇନାଲ୍ କଲେ ସେତେବେଳ ଏହାର ଲିଡ୍ ରୋଲ୍‌ରେ କାହାକୁ ସାଇନ କରିବେ ସେ ନେଇ ଟିକେ ଦ୍ୱନ୍ଦ୍ୱରେ ପଡ଼ିଥିଲେ । ହେଲେ ଠିକ୍ ବେଳକୁ ତାଙ୍କ ମନକୁ କରୀନାଙ୍କ କଥା ଆସିଲା । ବାସ୍, ତା' ପରେ ସତେ ଯେମିତି ତାଙ୍କୁ ଖୋଜିଲା ଚିଜ ମିଳିଗଲା । ଏ ନେଇ କରୀନା କହନ୍ତି, "ଯେତେବେଳେ ମୋତେ ମେଘନା ମ୍ୟାଡାମ ଏହି ଫିଲ୍ମ ବିଷୟରେ ସୂଚନା ଦେଲେ ସେତେବେଳେ ମୋର ଖୁସିର ସୀମା ରହି ନ ଥିଲା । କାରଣ ମେଘନାଙ୍କ ଫିଲ୍ମରେ ଅଭିନୟ କରିବାକୁ କିଏ ବା ନ ଚାହେଁ ? ଏଥିରେ ମୋତେ ଯେଉଁ ଭୂମିକାଟି ଦେଇଛନ୍ତି ତାହାକୁ ଠିକ୍ ଭାବରେ ତୁଲାଇବାକୁ ନିଶ୍ଚୟ ଚେଷ୍ଟା କରିବି । ଏ ନେଇ ମେଘନାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ।" ଏହି ଫିଲ୍ମର ଶୁଟିଂ ନିକଟରେ ଶେଷ ହୋଇଛି । ଏହାର କାହାଣୀ ଏକ କ୍ରାଇମ୍ ଉପରେ ଆଧାରିତ । ସୀମା ଅଗ୍ରୱାଲ, ମେଘନା ଗୁଲଜାର ଏବଂ ଯଶ କେଶୱାନୀ କାହାଣୀ କରିଛନ୍ତି ।

# ଆଶାରେ ଅକ୍ଷୟ

ଇତି ମଧ୍ୟରେ ଅକ୍ଷ କୁମାର ନିଜକୁ ଜଣେ ଅଲ୍‌ରାଉଣ୍ଡର ଭାବରେ ସାବ୍ୟସ୍ତ କରିସାରିଛନ୍ତି । ଆକ୍ସନ ଭୂମିକାରେ ପ୍ରଥମେ ଅବତୀର୍ଣ୍ଣ ହୋଇଥିବା ଏହି ଅଭିନେତା ଏବେ ନିଜ ଆଗାମୀ ଫିଲ୍ମର ସଫଳତାକୁ ନେଇ ଢେର ଆଶା ବାନ୍ଧିଛନ୍ତି । ଫିଲ୍ମଟିର ଟାଇଟଲ୍ ରହିଛି 'ୱେଲକମ୍ ଟୁ ଦ ଜଙ୍ଗଲ' । ଫିଲ୍ମଟିର ଶୁଟିଂ ଶେଷ ହେବା ସହ ଏହାର ମୁକ୍ତିଲାଭ ତାରିଖ ବିଷୟରେ ସୂଚନା ଦେଇଛନ୍ତି ଅକ୍ଷୟ । ସେ କୁହନ୍ତି, "ଯାହାହେଉ ଏହି ଫିଲ୍ମର ଶୁଟିଂ ଶେଷ ହୋଛି । ତା' ସହ ପ୍ରଯୋଜନା ସଂସ୍ଥା ଏହାକୁ ଚଳିତ ବର୍ଷ ଖ୍ରୀଷ୍ଟମାସ ଅବସରରେ ରିଲିଜ କରିବାକୁ ସ୍ଥିର କରିଛି । ମୋର ଯେତିକି ବିଶ୍ୱାସ ରହିଛି, ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜସେ କରିବ । ଶୁଟିଂ ସମୟରେ କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ସମସ୍ତ କଳାକାର ଚେଷ୍ଟା କରିଛନ୍ତି ।

# ଅକ୍ଷୟଙ୍କ ଫିଟନେସ୍ ମନ୍ତ୍ର

'ଧୁରନ୍ଧର' ଫିଲ୍ମ ରିଲିଜ୍ ହେବା ପରଠୁ ଅକ୍ଷୟ ଖାନ୍ନା ଚର୍ଚ୍ଚାରେ ଅଛନ୍ତି । ୫୦ ବର୍ଷୀୟ ଅକ୍ଷୟ ଖାନ୍ନା ତାଙ୍କର ଫିଟନେସ୍ ରାଜର ଖୁଲାସା କରିବା ସହ ଅଭିନେତା ତାଙ୍କର ଦୈନନ୍ଦିନ କାର୍ଯ୍ୟସୂଚୀ ମଧ୍ୟ ପ୍ରଶଂସକଙ୍କ ସହ ସେୟାର କରିଛନ୍ତି । ଏକ ସାକ୍ଷାତକାରରେ ଅକ୍ଷୟ ନିଜ ଫିଟନେସ୍ ବିଷୟରେ ସେୟାର କରିଥିଲେ । ଅକ୍ଷୟ କହିଥିଲେ ସେ ଦିନକୁ କେବଳ ଦୁଇଥର ଖାଆନ୍ତି । ସେ କେବେ ବ୍ରେକ୍‌ଫାଷ୍ଟ କରନ୍ତିନି । କହିଥିଲେ ମୁଁ ସିଧାସଳଖ ଲଞ୍ଚ କରେ ତା'ପରେ ରାତିରେ ଡିନର । ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ମଧ୍ୟରେ କିଛି ଖାଏ ନାହିଁ, ଏପରିକି ସାଣ୍ଡୱିଚ୍ କିମ୍ବା ବିସ୍କୁଟ୍ ମଧ୍ୟ ନୁହେଁ । ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଯାହା ବି ହେଉନା କାହିଁକି କି ସେ ପୂରା ୧୦ ଘଣ୍ଟା ଶୋଇଥାନ୍ତି ।





ଅକ୍ଷୟ

# ଆୟୁଷ୍ମାନଙ୍କ ପ୍ରଶଂସାରେ ୟାମି

ଏବେ ୟାମି ଗୌତମଙ୍କ ମୁହଁରେ ଆୟୁଷ୍ମାନ ଖୁରାନାଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି । ପୁଣି ପୁରୁଣା ଦିନର ସ୍ମୃତିକୁ ମନେ ପକାଉଛନ୍ତି । କଥା କ'ଣ କି ନିକଟରେ ସେ ଅଭିନୟ କରିଥିବା 'ବାଲା' ଫିଲ୍ମ ବିଷୟରେ ତାଙ୍କ ସାଙ୍ଗମାନଙ୍କୁ କହୁଥାଆନ୍ତି । ଏହି ସମୟରେ ସେ ଆୟୁଷ୍ମାନଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ । ଏପରିକି ଭବିଷ୍ୟତରେ ଏହି ସିନେମା ଅଭିନୟ କ୍ଷେତ୍ରରେ ବହତ ଆଗକୁ ଯିବେ ବୋଲି ସେ ପୂର୍ବାନୁମାନ କରିଛନ୍ତି । ୟାମି କୁହନ୍ତି, 'ଆୟୁଷ୍ମାନଙ୍କ ସହ 'ବାଲା' ଫିଲ୍ମରେ ଅଭିନୟର ସ୍ମୃତିକୁ କେବେ ଭୁଲିପାରିବି ନାହିଁ । ଶୁଟିଂ ସମୟରେ ଯେତେବେଳେ ମୁଁ କିଛି ଅସୁବିଧାର ସମ୍ମୁଖୀନ ହେଉଥିବାର ସେ ଦେଖିବାକୁ ପାଉଥିଲେ ବିଳମ୍ବ ନ କରି ତାହାର ସମାଧାନ କରିଦେଉଥିଲେ । ଏ ନେଇ ତାଙ୍କୁ ଯେତେ ପ୍ରଶଂସା କରିବି ତାହା କମ୍ ହେବ ।" ୟାମି ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଇଚ୍ଛା ଥିଲା ଜଣେ ଓକିଲ ହେବାକୁ । ଏପରିକି ସେ ପଞ୍ଜାବ ୟୁନିଭର୍ସିଟିରେ ଏଲଏଲବି ମଧ୍ୟ କରୁଥିଲେ । ହେଲେ ତାଙ୍କର ଏହି ଆଶା କେବଳ ଆଶାରେ ହିଁ ରହିଯାଇଥିଲା ।



ଆୟୁଷ୍ମାନ-ୟାମି

# ଗାୟିକାରୁ ନାୟିକା

ସେ ପ୍ରଥମେ କିଛିମାସ ଭିଡିଓ ଜକି ଭାବରେ କାମ କରିଥିଲେ । ତା' ସହ ତାଙ୍କର ଗୀତ ଗାଇବା ଏକ ନିଶା ଥିଲା । ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ଗୀତ ଗାଇ ସେ ପ୍ରଶଂସା ସାଉଁଟିଥିଲେ । ତା' ପରେ 'ତାରେଁ ଜମିନ୍ ପର୍' ଏବଂ 'ଗୁଜାରିସ୍' ଫିଲ୍ମ ପାଇଁ ମଧ୍ୟ କଣ୍ଠଦାନ କରିଥିଲେ । ପରବର୍ତ୍ତୀ ସମୟରେ ସେ ଅଭିନୟକୁ ଆଦରି ନେଇଥିଲେ । ହଁ, ସେ ହେଲେ ତାରା ସୁତାରିଆ । ୨୦୧୯ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ । ହିନ୍ଦୀ ସିନେମା ଜଗତର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ କରନ୍ ଜୋହର ତାଙ୍କୁ 'ଷ୍ଟୁଡେଣ୍ଟ ଅଫ ଦ ଇୟର୨'ରେ ବ୍ରେକ୍ ଦେଇଥିଲେ । ଫିଲ୍ମଟି ଭଲ ବିଜନେସ ମଧ୍ୟ କରିଥିଲା । ଏ ନେଇ ତାରା କୁହନ୍ତି, "ଅଭିନୟ ଜୀବନରେ ଉତ୍‌ଥାନ-ପତନ ଲାଗି ରହିଥାଏ । ଏ କଥା ସତ ଯେ, ମୁଁ ମୋ ଛଅବର୍ଷର କ୍ୟାରିୟର ଭିତରେ ମାତ୍ର ହାତଗଣତି ସିନେମାରେ ଅଭିନୟ କରିଛି । ହେଲେ ଦୃଢ଼ ଆଶା ରହିଛି ଦିନେ ନା ଦିନେ ମୁଁ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପ୍ରତିପାଦନ କରିପାରିବି ।"



ତାରା



# କୋର୍ଟଙ୍କ ନୋଟିସ୍ ପାଇଲେ ପୀୟୂଷ

ଯାତ୍ରା ଅଭିନେତା ପୀୟୂଷ ତ୍ରିପାଠୀଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଆଉ ମଞ୍ଚରେ ଛଡ଼ିପାରିବେ ନାହିଁ ପୀୟୂଷ । କୋର୍ଟଙ୍କ ନୋଟିସ ପରେ ଏହି ଚର୍ଚ୍ଚା ହୋଇଥିଲା । କିନ୍ତୁ ଅଭିନେତା କହିଥିଲେ କୋର୍ଟଙ୍କ ନୋଟିସ ତାଙ୍କୁ ମିଳି ନାହିଁ । ଆଉ ସେ ଗୁରୁବାର କଟକ ଟାଙ୍ଗୀରେ ମଞ୍ଚରେ ଚଢ଼ି ଅଭିନୟ ବି କରିଥିଲେ । ଏବେ ପୀୟୂଷଙ୍କ ପାଇଁ ଦୁଃଖ ଖବର ଆସିଛି । ତାଙ୍କୁ ମିଳିଛି କୋର୍ଟଙ୍କ ନୋଟିସ୍ । କୋର୍ଟଙ୍କ ନିଷ୍ପତ୍ତିକୁ ଅବମାନନା କରିବେ ନାହିଁ ବୋଲି ସେ କହିଥିଲେ । ଏବେ ସେ କୋର୍ଟଙ୍କ ନୋଟିସ୍ ପାଇଥିବା ବେଳେ ଅଭିନୟ କରିବେ କି ନାହିଁ ତାହା ବଡ଼ ପ୍ରଶ୍ନବାଚୀ । ଯାତ୍ରା ସିଂହବାହିନୀର 'ତୁ ମୋ ବଜରଙ୍ଗୀ'ରେ ପୀୟୂଷ ଅଭିନୟ କରୁଛନ୍ତି । ଏହି ନାଟକଟି ଖୁବ ଲୋକପ୍ରିୟତା ପାଇଥିବା ବେଳେ ପୀୟୂଷଙ୍କ ଅଭିନୟକୁ ନେଇ ସସପେନ୍ସ ବଢ଼ିଛି । ସୂର୍ଯ୍ୟମନ୍ଦିର ମାଲିକ ତାଙ୍କ ବିରୋଧରେ କୋର୍ଟକୁ ଯାଇଥିଲେ । ଯାତ୍ରା ପାର୍ଟି ସହ ଚୁକ୍ତି ଖିଲାପ କରିଥିବା ନେଇ ପୀୟୂଷ ତ୍ରିପାଠୀଙ୍କ ବିରୋଧରେ ଅଭିଯୋଗ ହୋଇଛି । ପ୍ରାୟ ଗୋଟିଏ ବର୍ଷ ବିରତୀ ନେଇ ୨୦୨୬ ଜାନୁଆରୀରେ ଯାତ୍ରା ରାଣୀ ସିଂହବାହିନୀ ପାର୍ଟି ମାଧ୍ୟମରେ ମଞ୍ଚକୁ ଫେରିଥିଲେ ହାଇଦର ଷ୍ଟାର ପୀୟୂଷ । ହେଲେ ଏବେ ତାଙ୍କ ଆଗରେ ଆଉ ଏକ ଚ୍ୟାଲେଞ୍ଜ ଆସିଛି । ମାମଲା କୋର୍ଟରେ ଥିବା ବେଳେ, ତାଙ୍କୁ ଏବେ ନୋଟିସ୍ ମଧ୍ୟ ମିଳିସାରିଛି । ଯଦି ପୀୟୂଷ ଅଭିନୟ ନକରନ୍ତି ତେବେ ସିଂହବାହିନୀ କ୍ଷତି ସହିବାର ମଧ୍ୟ ଆଶଙ୍କା ରହିଛି । କୋର୍ଟରେ ଜାନୁଆରୀ ୧୨ରେ ଆଗାମୀ ଶୁଣାଣି ହେବାକୁ ଥିବା ବେଳେ, ପୀୟୂଷ ତ୍ରିପାଠୀ ଅଭିନୟ ଜାରି ରଖିବେ ନା ସ୍ଥିତି କିଛି ଅଲଗା ହେବ ତାହା ସ୍ପଷ୍ଟ ହେବ ।



# 'ରେସପେକ୍ଟର ଅର୍ଥ ସ୍ପେସ୍'

ଫ୍ୟାନ୍ସ ଏବଂ କଳାକାର ମଧ୍ୟରେ ସମ୍ପର୍କ ବହୁ ନିବିଡ଼ । ଜଣେ କଳାକାରଙ୍କ ପାଇଁ ଫ୍ୟାନ୍ସ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ମାତ୍ର ବେଳେବେଳେ କିଛି ଭିଡ଼ିଓ ସାମ୍ନାକୁ ଆସିଥାଏ ଯେତେବେଳେ କଳାକାରଟିଏ ନିଜ ଫ୍ୟାନ୍ସଙ୍କ ଉପରେ ରାଗିଯାଏ । ମାତ୍ର ଫ୍ୟାନ୍ସ ତାର ପ୍ରିୟ କଳାକାରକୁ ପାଖରେ ପାଇ ଏହାକୁ ଭ୍ରୂକ୍ଷେପ କରେନାହିଁ । ବରଂ କେବେ ରାଗିଯାଏ ତ କେବେ ହସିଦିଏ । ଅଭିନେତ୍ରୀ ନିଧି ଅଗ୍ରୱାଲଙ୍କ ଏହା ଉପରେ ଏକ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ସେ କହିଛନ୍ତି , 'ରେସପେକ୍ଟ ଅର୍ଥ ସ୍ପେସ୍' । ଆସନ୍ତୁ ଜାଣିବା କାହିଁକି ନିଧି କହିଲେ ଏଭଳି କଥା । ଅଭିନେତ୍ରୀ ନିଧି ଅଗ୍ରୱାଲଙ୍କ କିଛି ଦିନ ପୂର୍ବରୁ ଏକ ଭିଡ଼ିଓ ଭାଇରାଲ ହୋଇଥିଲା । ଏହି ଭିଡ଼ିଓରେ ଦେଖାଯାଇଥିଲା କି ନିଧି ଏକ ଇଭେଣ୍ଟରୁ ବାହାରିଥିଲେ ଏବଂ ଗାଡ଼ିରେ ବସିବାକୁ ଯାଉଥିଲେ । କିନ୍ତୁ ଅଭିନେତ୍ରୀ ଜଣଙ୍କ ଭିଡ଼ରେ ଫସି ଯାଇଥିଲେ । ନିଧିଙ୍କୁ ବହୁତ କଷ୍ଟରେ ସେହି ଭିଡ଼ରୁ ବାହାର କରାଯାଇଥିଲା । ଅଭିନେତ୍ରୀଙ୍କ ଅବସ୍ଥା ପୂରା ଖରାପ ହୋଇଯାଇଥିଲା । ଏବେ ଅଭିନେତ୍ରୀ ଜଣଙ୍କ ଏହାକୁ ନେଇ ରିଆକ୍ଟ କରିଛନ୍ତି । ଫିଲ୍ମ 'ଦ ରାଜା ସାବ'ର ପ୍ରମୋଶନ ସମୟରେ ଏକ ସାକ୍ଷାତକାରରେ ନିଧି ଏହି ଘଟଣାକୁ ନେଇ କହିଛନ୍ତି । ସେ କହିଛନ୍ତି କି, ଆନ୍ଧ୍ର ପ୍ରଦେଶ ଏବଂ ତେଲେଙ୍ଗାନାରେ ସବୁଠାରୁ ଅଧିକ ଫିଲ୍ମ ହଲ୍ ରହିଛି । ଫିଲ୍ମ ସଂସ୍କୃତିର ଭାଗିଦାରୀ ଅଟେ । ଲୋକେ ପ୍ରତି ୱିକେଣ୍ଡରେ ଫିଲ୍ମ ଦେଖିଥାନ୍ତି । ଷ୍ଟାର୍ସଙ୍କୁ ଫ୍ୟାମିଲିଙ୍କ ଭଳି ସେଲିବ୍ରେଟ କରିଥାନ୍ତି । ଏହି ଭଲପାଇବା ଖୁବ୍ ସୁନ୍ଦର ଅଟେ । କିନ୍ତୁ ଅତି କେଉଁଣସି ଜିନିଷ ଖରାପ ହୋଇଥାଏ । ନିଧି ଏହି ଘଟଣାକୁ ସମ୍ବେଦନଶୀଳ କହିଛନ୍ତି । ଅଭିନେତ୍ରୀ କହିଛନ୍ତି କି ତାଙ୍କ ପାଖରେ ଏହି ଘଟଣା ଉପରେ କହିବାକୁ ବହୁତ କିଛି ଅଛି । କିନ୍ତୁ ସେ ଏହା ଉପରେ ବୁଝି ବିଚାରି ଏବଂ ସଠିକ୍ ପ୍ଲାଟଫର୍ମରେ କହିବାକୁ ଚାହୁଁଛନ୍ତି । ତାଙ୍କ କହିବା କଥା କି ଏହି ଘଟଣାରେ ଦାୟିତ୍ୱବାନର ସହ କଥା ହେବା ଜରୁରୀ ଅଟେ ।



# ନୂଆ ଅନ୍ଦାଜରେ ପରଦାକୁ ଆସିବେ ଅମୃତା

ଅମୃତା ଖାନଭିଲକର । ତାଙ୍କ ଅପ୍‌କମିଙ୍ଗ ସିରିଜ୍ 'ତସ୍କରୀ'ର ଟ୍ରେଲର୍ ରିଲିଜ୍ ହୋଇଛି । ଯେଉଁଥିରେ ଡିଜିଟାଲ ପ୍ଲାଟ୍‌ଫର୍ମରେ ତାଙ୍କୁ ପ୍ରଥମ ଥର ଆକ୍ସନ୍ ମୋଡ୍ରେ ଦେଖିବାକୁ ପାଇବେ ଦର୍ଶକ । ନୀରଜ ପାଣ୍ଡେଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ୍-ଥ୍ରିଲର୍ରେ ଇମ୍ରାନ ହାଶମି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଆସନ୍ତା ୧୪ ତାରିଖରେ ନେଟ୍‌ଫ୍ଲିକ୍ସରେ ପ୍ରସାରିତ ହେବ 'ତସ୍କରୀ' । ଅମୃତାଙ୍କର ଏହା ପ୍ରଥମ ଆକ୍ସନ୍ ୱେବ୍ ସିରିଜ୍ ହୋଇଥିବାରୁ ତାଙ୍କ କ୍ୟାରିଅର୍ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ଶୋ'ରେ ସେ ଅନେକ ଆକ୍ସନ୍ ସିନ୍ କରିଛନ୍ତି । ଏଥିରେ ସେ ମିତାଲି ଚରିତ୍ର ନିର୍ବାହ କରିଛନ୍ତି, ଯିଏ କଷ୍ଟମ୍ ଟିମ୍ର ଜଣେ ପ୍ରମୁଖ ସଦସ୍ୟ । ଏହି ଶୋ' ଜରିଆରେ ନେଟ୍‌ଫ୍ଲିକ୍ସରେ ପଦାର୍ପଣକୁ ସେ ସ୍ୱତନ୍ତ୍ର ବୋଲି କହିଛନ୍ତି । ତେବେ 'ତସ୍କରୀ' ମିତାଲିଙ୍କର ଏ ମାସର ଏକମାତ୍ର ରିଲିଜ୍ ନୁହେଁ ।



# ଓସ୍କାର ଦୌଡ଼ରେ କାନ୍ତାରା, ତନ୍ୱି ଦି ଗ୍ରେଟ୍

ଚଳିତ ବର୍ଷର ଓସ୍କାର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ ହେବାକୁ ଯୋଗ୍ୟତା ଅର୍ଜନ କରିଥିବା ୨୦୧ଟି ଫିଚର ଫିଲ୍ମ ମଧ୍ୟରେ କନ୍ନଡ ଚଳଚ୍ଚିତ୍ର 'କାନ୍ତାରା: ଏ ଲିଜେଣ୍ଡ- ଚାପ୍ଟର ୧' ଏବଂ ହିନ୍ଦୀ ଚଳଚ୍ଚିତ୍ର 'ତନ୍ୱି ଦି ଗ୍ରେଟ୍' ରହିଛି । ଦି ଏକାଡେମୀ ଅଫ୍ ମୋଶନ ପିକ୍ଚର ଆର୍ଟସ ଆଣ୍ଡ ସାଇନ୍ସ ପକ୍ଷରୁ ଏହା ଘୋଷଣା କରାଯାଇଛି । ୯୮ତମ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ଚଳଚ୍ଚିତ୍ରଗୁଡ଼ିକର ତାଲିକା ଗୁରୁବାର ପ୍ରକାଶ ପାଇଥିଲା । ଆସନ୍ତା ୨୨ରେ ନାମାଙ୍କନ ଘୋଷଣା ହେବ । ୯୮ତମ ଏକାଡେମୀ ପୁରସ୍କାର ପାଇଁ ମୋଟ ୩୧୭ ଫିଚର ଫିଲ୍ମ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେଥିରୁ ୨୦୧ଟି ଚଳଚ୍ଚିତ୍ର ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି । ଅନୁପମ୍ ଖେର୍‌ଙ୍କ ନିର୍ଦ୍ଦେଶିତ ବହୁଭାଷୀ ଆନିମେଟେଡ୍ ଚଳଚ୍ଚିତ୍ର 'ମହାବତାର ନରସିଂହ' ଏବଂ ପ୍ରଥମ ଥର ଫିଲ୍ମ ନିର୍ମାତା ହୋଇଥିବା ଅବିଶାନ ଜୀବିନ୍ଥଙ୍କ ତାମିଲ ଟାଇଟଲ୍ 'ଟୁରିଷ୍ଟ ଫାମିଲି' ଏବଂ ରାଧିକା ଆପ୍‌ଟେ ଅଭିନୀତ 'ସିଷ୍ଟର ମିଡ୍‌ନାଇଟ୍' ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି ।

**ହଜାର ବର୍ଷର ଗଭୀର ଆସ୍ଥା ଓ ସଭ୍ୟତାଗତ ଗୌରବ**

# ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର ୧୦୦୦ତମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ସୋମନାଥ ସ୍ୱାଭିମାନ ପର୍ବ ପାଳନ କରାଯାଉଛି




ନୂଆଦିଲ୍ଲୀ (ପିଆଇବି) : ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ତୋତ୍ରମର ଏହି ପ୍ରାରମ୍ଭିକ ଶ୍ଳୋକଟି ବାରଟି ପବିତ୍ର ଜ୍ୟୋତିର୍ଲିଙ୍ଗ ମଧ୍ୟରେ ଗୁଜରାଟର ସୋମନାଥକୁ ପ୍ରଥମେ ସ୍ଥାନିତ କରେ, ଯାହା ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ଏହାର ଗୁରୁତ୍ୱକୁ ପ୍ରକାଶ କରେ। ଏହା ସଭ୍ୟତାର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ସୋମନାଥ ଭାରତର ଆଧ୍ୟାତ୍ମିକ ଭୂଗୋଳର ମୂଳଦୁଆ। ଗୁଜରାଟର ଭେରାଭଲ ନିକଟବର୍ତ୍ତୀ ପ୍ରଭାସ ପାଟନରେ ଅବସ୍ଥିତ, ସୋମନାଥ କେବଳ ଏକ ପୂଜାସ୍ଥଳ ନୁହେଁ ବରଂ ଭାରତର ସଭ୍ୟତାର ନିରନ୍ତରତାର ଏକ ଜୀବନ୍ତ ପ୍ରତୀକ। ଶତାବ୍ଦୀ ଧରି, ସୋମନାଥ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଭକ୍ତି ଏବଂ ବିଶ୍ୱାସର କେନ୍ଦ୍ର ହୋଇ ରହିଛି। ଏହା ବାରମ୍ବାର ଆକ୍ରମଣକାରୀଙ୍କ ଦ୍ୱାରା ଟାର୍ଗେଟ କରାଯାଇଥିଲା ଯାହାର ଉଦ୍ଦେଶ୍ୟ ଭକ୍ତି ନୁହେଁ, ବରଂ ବିନାଶ ଥିଲା। ତଥାପି, ସୋମନାଥର କାହାଣୀ ଲକ୍ଷ ଲକ୍ଷ ସମର୍ପିତ ଭକ୍ତଙ୍କ ଅଦମ୍ୟ ସାହସ, ବିଶ୍ୱାସ ଏବଂ ଦୃଢ଼ ସଂକଳ୍ପ ଦ୍ୱାରା ପରିଭାଷିତ।

ସ୍ୱାଭିମାନ ପର୍ବ: ସାମୂହିକ ଗର୍ବର ଏକ ଜାତୀୟ ପରିପ୍ରକାଶ :

ସୋମନାଥ ସ୍ୱାଭିମାନ ପର୍ବ ଜାନୁଆରୀ ୮ ରୁ ଜାନୁଆରୀ ୧୧, ୨୦୨୬ ପର୍ଯ୍ୟନ୍ତ ଏକ ଜାତୀୟ ଉତ୍ସବ ଭାବରେ ପାଳନ କରାଯାଉଛି, ଯାହା ଜାନୁଆରୀ ୧୦୨୬ ରେ ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣର ୧୦୦୦ ତମ ବାର୍ଷିକୀ ଭାବରେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ବିନାଶର ସ୍ମାରକୀ ଭାବରେ ନୁହେଁ, ବରଂ ସଭ୍ୟତାର ସ୍ଥିରତା, ବିଶ୍ୱାସ ଏବଂ ସ୍ୱାଭିମାନର ଶ୍ରଦ୍ଧାଞ୍ଜଳି ଭାବରେ ପରିକଳ୍ପନା କରାଯାଇଛି। ଶତାବ୍ଦୀ ଧରି, ସୋମନାଥ ବାରମ୍ବାର ବାହ୍ୟ ଆକ୍ରମଣକାରୀମାନଙ୍କ ଆକ୍ରମଣର ସମ୍ମୁଖୀନ ହୋଇଛି, ଯେଉଁମାନଙ୍କ ମୂଳ ଉଦ୍ଦେଶ୍ୟ ଥିଲା ଧ୍ୱଂସସାଧନ। ତଥାପି, ପ୍ରତ୍ୟେକ ଥର, ଦେବୀ ଅହଲ୍ୟା ବାଈ ହୋଲକରଙ୍କ ପରି ଭକ୍ତଙ୍କ ସାମୂହିକ ସଂକଳ୍ପ ମାଧ୍ୟମରେ ମନ୍ଦିର ପୁନଃନିର୍ମାଣ କରାଯାଇଥିଲା। ପୁନରୁଦ୍ଧାରର ଏହି ଅଖଣ୍ଡ ଚକ୍ର ସୋମନାଥକୁ ଭାରତରେ ସଭ୍ୟତାର ନିରନ୍ତରତାର ଏକ ଶକ୍ତିଶାଳୀ ପ୍ରତୀକରେ ପରିଣତ କରିଛି। ୧୧ ମଇ ୧୯୫୧ରେ ଭକ୍ତମାନଙ୍କ ପାଇଁ ବର୍ତ୍ତମାନର ସୋମନାଥ ମନ୍ଦିର ପୁନଃଖୋଲିବାର ୭୫ତମ ବାର୍ଷିକୀ ମଧ୍ୟ ଚଳିତ ବର୍ଷ ପାଳନ କରାଯାଉଛି। ଏହି ଦୁଇଟି ମାଇଲଖୁଣ୍ଟ ଏକାଠି ହୋଇ ସୋମନାଥ ସ୍ୱାଭିମାନ ପର୍ବର ଭିତ୍ତିଭୂମି ଗଠନ କରେ। ଏହି ଚାରି ଦିନିଆ ମହୋତ୍ସବ ସମୟରେ, ସୋମନାଥ ଆଧ୍ୟାତ୍ମିକ କାର୍ଯ୍ୟକଳାପ, ସାଂସ୍କୃତିକ ପ୍ରତିଫଳନ ଏବଂ ଜାତୀୟ ସ୍ମରଣର କେନ୍ଦ୍ର ହୋଇଯାଏ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେଉଛି ୭୨ ଘଣ୍ଟିଆ ଅଖଣ୍ଡ ଓମକାର ଜପ, ଯାହାକି ଏକତା ଏବଂ ସାମୂହିକ ବିଶ୍ୱାସର ପ୍ରତୀକ। ଏହା ସହିତ, ଏହି ମନ୍ଦିର ନଗରୀରେ ଭକ୍ତି ସଙ୍ଗୀତ, ଆଧ୍ୟାତ୍ମିକ ପ୍ରବଚନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସୋମନାଥ ସ୍ୱାଭିମାନ ପର୍ବ ଭାରତର ଅନନ୍ତ ସଭ୍ୟତା ଯାତ୍ରାରେ ଗର୍ବ, ସ୍ମୃତି ଏବଂ ବିଶ୍ୱାସର ଏକ ସାମୂହିକ ପ୍ରକାଶ ଭାବରେ ଠିଆ ହୋଇଛି।

ଐତିହାସିକ ପ୍ରସଙ୍ଗ: ସ୍ଥିରତାର ଏକ ସହସ୍ରାବ୍ଦ :

ସୋମନାଥ କ୍ଷେତ୍ରର ସୃଷ୍ଟି ପ୍ରାଚୀନ ଭାରତୀୟ ପରମ୍ପରାରେ ଗଭୀର ଭାବରେ ନିହିତ। ପ୍ରଭାସ ତୀର୍ଥ, ଯେଉଁଠାରେ ସୋମନାଥ ମନ୍ଦିର ଅବସ୍ଥିତ, ଭଗବାନ ଶିବ ଏବଂ ଚନ୍ଦ୍ର ଦେବଙ୍କ ପୂଜା ସହିତ ଜଡିତ। ପରମ୍ପରା ଅନୁଯାୟୀ, ଚନ୍ଦ୍ର ଦେବ ଏଠାରେ ଭଗବାନ ଶିବଙ୍କୁ ପୂଜା କରିଥିଲେ ଏବଂ ତାଙ୍କ ଅଭିଶାପରୁ ମୁକ୍ତ ହୋଇଥିଲେ, ଯାହା ଏହି ସ୍ଥାନକୁ ମହାନ ଆଧ୍ୟାତ୍ମିକ ଗୁରୁତ୍ୱ ଦେଇଥିଲା। ଶତାବ୍ଦୀ ଶତାବ୍ଦୀ ଧରି, ସୋମନାଥ ନିର୍ମାଣର ଅନେକ ପର୍ଯ୍ୟାୟ ଦେଖିଛନ୍ତି, ପ୍ରତ୍ୟେକ ପର୍ଯ୍ୟାୟ ଏହାର ସମୟର ଭକ୍ତି, କଳା ଏବଂ ସମ୍ପଦକୁ ପ୍ରତିଫଳିତ କରେ। ପ୍ରାଚୀନ ବିବରଣୀଗୁଡ଼ିକ ଅନୁସାରେ ଏହି ସ୍ଥାନରେ ବିଭିନ୍ନ ସମୟରେ ବାରମ୍ବାର ମନ୍ଦିର ନିର୍ମାଣ ହୋଇଛି, ଯାହାକି ନବୀକରଣ ଓ ନିରନ୍ତରତାକୁ ଦର୍ଶାଉଛି। ତେବେ ସୋମନାଥର ଇତିହାସର ସବୁଠାରୁ ଅଶାନ୍ତ ସମୟ ଏକାଦଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା। ଜାନୁଆରୀ ୧୦୨୬ରେ, ମହମୁଦ ଗଜନବୀ ସୋମନାଥ ଉପରେ ପ୍ରଥମ ଆକ୍ରମଣ ଆରମ୍ଭ କରିଥିଲା। ଏହା ଏକ ଲମ୍ବା ଅସ୍ଥିରତାପୂର୍ଣ୍ଣ ସମୟର ଆରମ୍ଭ ଥିଲା ଯେଉଁ ସମୟରେ ମନ୍ଦିରକୁ ବାରମ୍ବାର ଧ୍ୱଂସ କରାଯାଇଥିଲା, କିନ୍ତୁ ତାହାର ପୁନଃନିର୍ମାଣ ମଧ୍ୟ କରାଯାଇଥିଲା। ତଥାପି, ଲୋକଙ୍କ ସାମୂହିକ ଚେତନାରୁ ସୋମନାଥ କେବେ ବି ଲୁଚି ଯାଇନଥିଲା। ମନ୍ଦିରର ଧ୍ୱଂସ ଏବଂ ପୁନଃନିର୍ମାଣର ଏହି ଚକ୍ର ବିଶ୍ୱ ଇତିହାସରେ ବିରଳ। ଏହା ଦର୍ଶାଏ ଯେ ସୋମନାଥ କେବଳ ଏକ ପଥର ଗଠନ ନଥିଲା, ବରଂ ବିଶ୍ୱାସ, ପରିଚୟ ଏବଂ ସଭ୍ୟ ଗର୍ବର ଏକ ଜୀବନ୍ତ ପ୍ରତୀକ ଥିଲା। ନଭେମ୍ବର ୧୨, ୧୯୪୭ରେ କାର୍ତ୍ତିକ ସୁଦ ୧ ଅର୍ଥାତ୍ ଦୀପାବଳି ଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସୋମନାଥର ଧ୍ୱଂସାବଶେଷ ପରିଦର୍ଶନ କରିଥିଲେ ଏବଂ ମନ୍ଦିର ପୁନଃନିର୍ମାଣ ପାଇଁ ତାଙ୍କର ସଂକଳ୍ପ ପ୍ରକାଶ କରିଥିଲେ। ତାଙ୍କର ଦୃଷ୍ଟିକୋଣ ଏହି ବିଶ୍ୱାସ ଉପରେ ଆଧାରିତ ଥିଲା ଯେ ଭାରତର ସାଂସ୍କୃତିକ ବିଶ୍ୱାସକୁ ପୁନଃସ୍ଥାପିତ କରିବା ପାଇଁ ସୋମନାଥର ପୁନଃନିର୍ମାଣ ଆବଶ୍ୟକ। ଏହି ପୁନର୍ନିର୍ମାଣ ଜନଭାଗୀଦାରୀ ଏବଂ ଜାତୀୟ ସଂକଳ୍ପ ସହିତ କରାଯାଇଥିଲା। କୈଳାସ ମହାମେରୁ ପ୍ରସାଦ ସ୍ଥାପତ୍ୟ ଶୈଳୀରେ ନିର୍ମିତ ବର୍ତ୍ତମାନର ମନ୍ଦିରକୁ ୧୧ ମଇ ୧୯୫୧ରେ ତତ୍କାଳୀନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ ପ୍ରତିଷ୍ଠା କରାଯାଇଥିଲା। ଏହି ସମାରୋହ କେବଳ ମନ୍ଦିରର ନୁହେଁ ବରଂ ଭାରତର ସଭ୍ୟତାର ସ୍ୱାଭିମାନର ମଧ୍ୟ ପ୍ରତୀକ ଥିଲା।

# ଆର୍ଥିକ ସ୍ୱାବଲମ୍ବନ ଏବଂ ସ୍ୱାୟତ୍ତତା ହାସଲ କରିବା ଲାଗି ଆତ୍ମନିର୍ଭର ହେଉଛି ଭାରତ : ଶକ୍ତିକାନ୍ତ ଦାସ

ନୂଆଦିଲ୍ଲୀ (ପିଆଇବି) : ବିବେକ ଦେବରାୟ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ ଏବଂ ଜଣେ ପ୍ରବୀଣ ଲେଖକ ଥିଲେ। ସେ ଭାରତକୁ ଯୋଜନା ଆଧାରିତ ଅର୍ଥବ୍ୟବସ୍ଥାରୁ ବଜାର ଆଧାରିତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ ବୋଲି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ ଶକ୍ତିକାନ୍ତ ଦାସ। ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନେସନାଲ ସେଣ୍ଟର ଠାରେ ବିବେକ ଦେବରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ଦାସ କହିଛନ୍ତି, ସ୍ୱର୍ଗତ ଦେବରାୟ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ, ନୀତି ଆୟୋଗ ସଦସ୍ୟ ଭଳି ବହୁ ପ୍ରମୁଖ ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କର କାର୍ଯ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତି ଓ ନୀତିଗତ ସଂସ୍କାରକୁ ପ୍ରଭାବିତ କରିଥିଲା। ସେ ଶିକ୍ଷାବିତ୍ ଏବଂ ନୀତି ନିର୍ଦ୍ଧାରଣକାରୀ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥିଲେ ଏବଂ ଅର୍ଥନୀତି, ଆଇନ ଓ ସାହିତ୍ୟ ଉପରେ ବ୍ୟାପକ ଭାବେ ଲେଖିଥିଲେ ବୋଲି ଶ୍ରୀ ଦାସ କହିଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି, କେବଳ ଅର୍ଥନୀତି ନୁହେଁ ବେଦ, ରାମାୟଣ, ମହାଭାରତ ଏବଂ ଭଗବଦ୍ ଗୀତା ଉପରେ ମଧ୍ୟ ବିବେକ ଦେବରାୟ ଅନେକ ପ୍ରଭାବୀ ରଚନା ଲେଖିଯାଇଛନ୍ତି। ସାହିତ୍ୟ, ଶିକ୍ଷା ଏବଂ ଜନନୀତି କ୍ଷେତ୍ରରେ ଯୋଗଦାନ ପାଇଁ ତାଙ୍କୁ ୨୦୨୫ରେ ମରଣୋତ୍ତର ଭାବେ ପଦ୍ମ ଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏସବୁ ଅସାଧାରଣ ଉପଲବ୍ଧି ସତ୍ତ୍ୱେ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଏବଂ ସଚ୍ଚୋଟତା ପାଇଁ ସେ ପରିଚିତ ଥିଲେ। ଏହି କାର୍ଯ୍ୟକ୍ରମରେ "ଭାରତୀୟ ଅର୍ଥବ୍ୟବସ୍ଥା; ବର୍ଦ୍ଧିତ ବିଶ୍ୱସନୀୟତାର ଏକ କାହାଣୀ ଶୀର୍ଷକ" ବିଷୟବସ୍ତୁ ଉପରେ ମତ ରଖି ଶକ୍ତିକାନ୍ତ ଦାସ କହିଛନ୍ତି, ବର୍ତ୍ତମାନ ଆମେ ଏପରି ଏକ ବିନ୍ଦୁରେ ଛିଡ଼ା ହୋଇଛୁ, ଯେଉଁଠି ପରିବର୍ତ୍ତିତ ଭୂରାଜନୈତିକ ଏବଂ ବାଣିଜ୍ୟ ନୀତି ବିଶ୍ୱ ଅର୍ଥବ୍ୟବସ୍ଥାକୁ ଏକ ନୂଆ ଆକାର ଦେଉଛି। ପାରମ୍ପରିକ ବହୁପକ୍ଷବାଦ ବର୍ତ୍ତମାନ ଚାପରେ ରହିଛି। ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା, ଆତ୍ମସୁରକ୍ଷା ଏବଂ ବିଭାଜନ କାରଣରୁ ବିଶ୍ୱବ୍ୟାପୀ ଅସ୍ଥିରତା ସୃଷ୍ଟି ହୋଇଛି। ପୂର୍ବରୁ ଜଗତିକରଣର ନିରପେକ୍ଷ ବାହକ ପାଲଟିଥିବା ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳ ଏବେ ବାଧା ଏବଂ ଆଧିପତ୍ୟର ଉପକରଣ ରୂପେ ବ୍ୟବହୃତ ହେଉଛି। ସେମିକଣ୍ଡକ୍ଟର, ବିରଳ ମୃତ୍ତିକା, ଶକ୍ତି ଏବଂ ଔଷଧ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ବର୍ତ୍ତମାନ ପ୍ରଭାବ ବିସ୍ତାର କରିବାର ଉପକରଣ ରୂପେ ବ୍ୟବହାର କରାଯାଉଛି। ଏହା ବିଶ୍ୱରେ ଅନିଶ୍ଚିତତା ସୃଷ୍ଟି କରିବା ସହିତ ବାଣିଜ୍ୟିକ ମାନ୍ଦାବସ୍ଥାକୁ ଡାକି ଆଣିଛି। ଯୋଗାଣ ଶୃଙ୍ଖଳ ନୂଆ ରୂପ ନେଇଥିବା ବେଳେ ବହୁପକ୍ଷୀୟ ବିଶ୍ୱ ବ୍ୟବସ୍ଥା ବର୍ତ୍ତମାନ ପ୍ରଭାବହୀନ ହୋଇପଡ଼ିଛି। ବହୁପାକ୍ଷିକ ସହଯୋଗ ହାସଲ କରିବା କଷ୍ଟକର ହୋଇପଡ଼ିଥିବା ବେଳେ ମୁକ୍ତ ବାଣିଜ୍ୟର ସିଦ୍ଧାନ୍ତ ଏବେ ସୁରକ୍ଷାବାଦ ଏବଂ ଆଞ୍ଚଳିକ ଗୋଷ୍ଠୀ ଦ୍ୱାରା ପ୍ରଭାବିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ-୨ କହିଛନ୍ତି, ଭାରତ ଏହି ବାସ୍ତବତାକୁ ସ୍ୱୀକାର କରି ଏକ ସହଯୋଗୀ ତଥା ନିୟମ ଆଧାରିତ ବିଶ୍ୱ ବ୍ୟବସ୍ଥାକୁ ସମର୍ଥନ କରୁଛି। ନିଜ ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ସହଭାଗିତା ଏବଂ ରଣନୀତି ପ୍ରସ୍ତୁତ କରୁଛି। ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇଲେ ସୁଦ୍ଧା ବହୁପାକ୍ଷିକ ବ୍ୟବସ୍ଥାକୁ ପୁନର୍ଜୀବିତ କରିବାକୁ ଭାରତ ସମର୍ଥନ କରୁଛି। ଶ୍ରୀ ଦାସ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ଭାରତ ଆତ୍ମନିର୍ଭରଶୀଳତାର ଦୃଷ୍ଟିକୋଣକୁ ଗ୍ରହଣ କରିଛି। ଆତ୍ମନିର୍ଭରଶୀଳତାର ଅର୍ଥ ବିଚ୍ଛିନ୍ନତା ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଏବଂ ପ୍ରଯୁକ୍ତି ବିଦ୍ୟା ଉତ୍ପାଦନର କ୍ଷମତା ହାସଲ କରିବା। ଏହା ବିଦେଶୀ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଭାରତ ଆତ୍ମନିର୍ଭରଶୀଳତାକୁ ଗ୍ରହଣ କରି ଏକ ରଣନୀତିକ ପଦକ୍ଷେପ ଗ୍ରହଣ କରିଛି। ଆତ୍ମନିର୍ଭରତାର ଦୁଇଟି ପରିପୂରକ ଦିଗ ଅଛି: ଆର୍ଥିକ ସ୍ୱାବଲମ୍ବନ ଏବଂ ଭୂରାଜନୈତିକ ସ୍ୱାୟତ୍ତତା। ଶ୍ରୀ ଦାସ କହିଛନ୍ତି, ସ୍ଥୁଳ ଆର୍ଥିକ ସ୍ଥିରତା ହାସଲ କରିବା ପାଇଁ ଭାରତର ଆତ୍ମନିର୍ଭରଶୀଳତା ବିଚାରକୁ ଗ୍ରହଣ କରିଛି। ଏହା ସ୍ଥିରତା, ସଂସ୍କାର ଏବଂ ଯୋଜନାର ତ୍ରିମୁଖୀ ଆଧାର ଉପରେ ନିର୍ଭରଶୀଳ। କୋଭିଡ ମହାମାରୀ, ୟୁକ୍ରେନ ସଂଘର୍ଷ, ବିଶ୍ୱ ଦରବୃଦ୍ଧି, ନିମ୍ନ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ଆର୍ଥିକ ଅସ୍ଥିରତା ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ସ୍ଥିର ରହିଛି ଏବଂ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ରୂପେ ଉଭା ହୋଇଛି। ସ୍ଥିର ଘରୋଇ ଉପଯୋଗ ଏବଂ ନିବେଶ ଦ୍ୱାରା ଭାରତୀୟ ଅର୍ଥବ୍ୟବସ୍ଥା ୮.୨ ପ୍ରତିଶତରୁ ଅଧିକ ବିକାଶ ହାର ହାସଲ କରିପାରିଛି। ୨୦୨୫-୨୬ ରେ ବାସ୍ତବ ଜିଡିପି ୭.୪ ପ୍ରତିଶତ ବୃଦ୍ଧି ପାଇବାର ଆଶା କରାଯାଉଛି। ଏହା ବ୍ୟତୀତ, ୨୦୨୫-୨୬ ରେ ବିଶ୍ୱ ଜିଡିପି ଅଭିବୃଦ୍ଧିରେ ଭାରତ ପ୍ରାୟ ୧୮ ପ୍ରତିଶତ ଯୋଗଦାନ ଦେବ ବୋଲି ଆକଳନ କରାଯାଇଛି। ସେ ଆହୁରି କହିଛନ୍ତି, ଚତୁର ମୁଦ୍ରା ନୀତି ପରିଚାଳନା ଯୋଗୁ ମୁଦ୍ରାସ୍ଫିତୀ ନିୟନ୍ତ୍ରଣରେ ରହିଛି। ଅକ୍ଟୋବର ୨୦୨୫ରେ ସିପିଆଇ ମୁଦ୍ରାସ୍ଫିତୀ ୦.୨୫ ପ୍ରତିଶତର ସର୍ବନିମ୍ନ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଭାରତ ଖୁବ୍? ଦକ୍ଷତାପୂର୍ଣ୍ଣ ଭାବେ ଆର୍ଥିକ ପରିଚାଳନା ମଧ୍ୟ କରୁଛି ବୋଲି ଶକ୍ତିକାନ୍ତ ଦାସ କହିଛନ୍ତି, ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ମୋଟ ଆର୍ଥିକ ନିଅଣ୍ଟ ୨୦୨୦-୨୧ ରେ ୯.୨ ପ୍ରତିଶତରୁ ହ୍ରାସ ପାଇ ୨୦୨୪-୨୫ରେ ୪.୮ ପ୍ରତିଶତକୁ ହ୍ରାସ ପାଇଛି। ସରକାରଙ୍କ ମୋଟ୍? ଋଣ ଜିଡିପି ଅନୁପାତ ୨୦୨୦-୨୧ରେ ୮୮.୪ ପ୍ରତିଶତରୁ ୨୦୨୪-୨୫ରେ ୮୧.୬ ପ୍ରତିଶତକୁ ଖସି ଆସିଛି। ଏହା ୨୦୩୦-୩୧ ସୁଦ୍ଧା ୭୬.୯କୁ ହ୍ରାସ ପାଇବ ବୋଲି ଆଇଏମଏଫ ଆକଳନ କରିଛି। ସେ ଆହୁରି କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପୁନରୁଦ୍ଧାର ହୋଇଛି। ବ୍ୟାଙ୍କ, ଏନବିଏଫସି ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକର ସ୍ୱାସ୍ଥ୍ୟ ଏବେ ହୁଏତ ସର୍ବୋତ୍ତମ ସ୍ଥିତିରେ ଅଛି। ବ୍ୟାଙ୍କଗୁଡ଼ିକର ମୋଟ ଅଚଳ ସମ୍ପତ୍ତି ଅବିଶ୍ୱସନୀୟ ସ୍ତରକୁ ଖସିଯାଇଛି। ବାହ୍ୟ କ୍ଷେତ୍ରରେ, ଭାରତର ଦେୟ ସନ୍ତୁଳନ ସ୍ଥିତି ସୁସ୍ଥ ଅଛି ଏବଂ ଚଳନ୍ତି ଖାତା ନିଅଣ୍ଟ ସ୍ଥିର ରହିଛି। ବର୍ତ୍ତମାନ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ୭୦୦ ବିଲିୟନ ଡଲାର ରହିଛି। ଦୃଢ଼ ନୀତି ନିର୍ଦ୍ଧାରଣ, ବିଚକ୍ଷଣ ନୀତି ଏବଂ ସ୍ଥିର ବଫରର ଫଳାଫଳ ବୋଲି ସେ କହିଥିଲେ।

# ନୂଆପଡ଼ାରେ ବ୍ଲକ ସ୍ତରୀୟ ବନ୍ଦେ ମାତରଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ନୂଆପଡ଼ା (ମାନିସ) : ନୂଆପଡ଼ା ଜିଲ୍ଲାରେ ଆଜି ବ୍ଲକ ସ୍ତରୀୟ ବନ୍ଦେ ମାତରଂ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଉଦ୍ଘାଟନୀ ଉତ୍ସବରେ ନୂଆପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ ସଭାପତି, ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ପ୍ରସନ୍ନ ପାଢ଼ୀ ବନ୍ଦେ ମାତରଂ କାର୍ଯକ୍ରମର ମହନୀୟତା ଉପରେ ଗଭୀର ଭାବେ ଆଲୋକପାତ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନୂଆପଡ଼ା ବ୍ଲକ ଅନ୍ତର୍ଗତ ପ୍ରତିଟି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଯୁବକ ସଂଘରୁ ଜଣେ ଲେଖାଏଁ ଶିକ୍ଷକ, ଶିକ୍ଷୟତ୍ରୀ ତଥା ଯୁବକ ଯୁବତୀ ଏହି ପ୍ରଶିକ୍ଷଣ କାର୍ଯକ୍ରମ ରେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡା, ଗୀତାରାଣୀ ଯୋଶୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ , କୋମନା, ଅନିତା ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଶିକ୍ଷକ ଶଙ୍କର୍ଷଣ ପୁରୋହିତ, ରାମେଶ୍ୱର ଦାସ, ରସାଞ୍ଜନ ଦାସ ପ୍ରମୁଖ ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅବିନାଶ କୁମାର ସାହୁ, ଶିକ୍ଷକ ଅମିୟ ଜ୍ୟୋତି ପାଢ଼ୀ, ଭରତ ଭୂଷଣ ସେହେନ୍ ସାହା ଓ ବ୍ଲକ୍ ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କମିଶନରେଟ୍ ପୋଲିସ୍ ପ୍ରମୁଖ ଆନ୍ତଃରାଜ୍ୟ ଟେଲିଫୋନ୍ ନିବେଶ ସ୍କାମ୍‌ରେ ୭ ଜଣ ବ୍ୟକ୍ତି ଗିରଫ ସହବ୍ୟାଙ୍କ ଆକାଉଣ୍ଟରେ ୯୦ ରୁ ଅଧିକ ଲକ୍ଷ ଟଙ୍କା ଜବତ ଓ ମୋବାଇଲ ଜବତ (ଫଟୋ : ମାତୃଭାଷା)

# ପିଏମଶ୍ରୀ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

ସାଲେପୁର (ମାନିସ) :ପିଏମଶ୍ରୀ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ,ଦୋକାନ ଯାତ୍ରା, ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ, ଆକାଂକ୍ଷୀ ମେଳା-ଇଂସ୍ପାଏରିଂ ଓଡ଼ିଶା ୨୦୩୬ ଅନୁଷ୍ଠିତ ହୋଇଯାଇଛି।ପିଏମଶ୍ରୀ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପରିଡା ଙ୍କ ସ୍ୱଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କଟକ ମନୋରଞ୍ଜନ ବାରିକ, ମୁଖ୍ୟ ବକ୍ତା ଭାବେ ସାଲେପୁର ମଣ୍ଡଳ ଶିକ୍ଷା ଅଧିକାରୀ ଲକ୍ଷେହିରା ଲାବଣ୍ୟବତୀ ବେହେରା,ସମ୍ମାନିତ ଅତିଥି ଭାବେ ସାଲେପୁର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଫିରୋଜ ଖାନ, ହାଇସ୍କୁଲ ଆଲୁମିନି ଆସୋସିଏସନ ସଭାପତି ମିହିର କୁମାର ଜେନା,ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ଅକ୍ଷୟ କୁମାର ଦାଶ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଭୂୟାଁ, ଅବସର ପ୍ରାପ୍ତ ଶିକ୍ଷକ କମଳା କାନ୍ତ ମୁଦୁଲି, କଟକ ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ ଶିଶିର କୁମାର ଦାଶ ଯୋଗଦେଇ ଏହି ମେଳା ଦ୍ୱାରା ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ସହିତ ସମାଜରେ ସୁନାଗରିକ ହେବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ ।ଦୋକାନ ଯାତ୍ରା ଓ ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଯାୟୀ ସ୍କୁଲର ଛାତ୍ରଛାତ୍ରୀ ମାନେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଛୋଟ ଛୋଟ ଦୋକାନ ଖୋଲି କିଭଳି ବ୍ୟବସାୟ କରିବେ ସେ ବିଷୟରେ ଅଭିଜ୍ଞତା ହାଶଲ କରିଥିଲେ ।ଆକାଂକ୍ଷୀ ମେଳା-ଇଂସ୍ପାଏରିଂ ଓଡ଼ିଶା ୨୦୩୬ ଅନୁଯାୟୀ ପ୍ରଦୂଷଣ ମୁକ୍ତ ଓଡ଼ିଶା, କୃଷି ମାଧ୍ୟମରେ ଆତ୍ମନିର୍ଭରଶୀଳ ଓଡ଼ିଶା, ମୋ ଓଡ଼ିଶା ସ୍ୱଚ୍ଛ ଓଡ଼ିଶା, ଓଡ଼ିଆରେ ଉନ୍ନତମାନର ପର୍ଯ୍ୟଟନ, ମହିଳା ମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ଭାବେ ମୋ ଓଡ଼ିଶା ୨୦୩୬ ସୁଦ୍ଧା ହେବା ପାଇଁ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ସେ ବିଷୟରେ ବିଭିନ୍ନ ପ୍ରକାର ପ୍ରକଳ୍ପ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା ।ଶେଷରେ ଶିକ୍ଷୟିତ୍ରୀ ନିବେଦିତା ଖଣ୍ଟୁଆଳ ଧନ୍ୟବାଦ ଦେଇଥିଲା ବେଳେ ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଚିତ୍ର କୁମାର ଷଡ଼ଙ୍ଗୀ, ନିଷିଗନ୍ଧା ପ୍ରିୟଦର୍ଶିନୀ,ପ୍ରିୟଙ୍କା ସାମଲ, କଲ୍ୟାଣି ଯାଦବ,ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀ, ବନଶ୍ରୀ ସେଠୀ, ଆରତୀ ଆଚାର୍ଯ୍ୟ, ସୁଶ୍ରୀ ଦାଶ, ଦିବ୍ୟରଞ୍ଜନ ସେଠୀ, ନିଳିମା ପ୍ରିୟଦର୍ଶିନୀ,ପ୍ରଦୀପ୍ତ କୁମାର କବି, କୈଳାସ ଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କିମସରେ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍ ଉଦ୍‌ଘାଟିତ




ଭୁବନେଶ୍ୱର : ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ- ଏଏପିଆଇ) ପକ୍ଷରୁ କିମ୍ସରେ ୧୯ତମ ଗ୍ଲୋବାଲ୍ ହେଲଥ୍‌କେୟାର ସମିଟ୍ ୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜାନୁଆରୀ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଉର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗ ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାର କିମ୍ସରେ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି। ଉଦ୍?ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ଅନ୍ତର୍ଜାତୀୟ ଚିକିତ୍ସା ସହଯୋଗ ଓ ଜ୍ଞାନ ବିନିମୟକୁ ଆଗକୁ ବଢ଼ାଇବା ଏଭଳି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଭାରତୀୟ ବଂଶୋଦ୍ଭବ ଡାକ୍ତରମାନେ ଆମେରିକାରେ ଆଧୁନିକ ସ୍ୱାସ୍ଥ୍ୟସେବା ସଂଗଠନ କରିବା ସହିତ ଦୟା, ଶୃଙ୍ଖଳା ଏବଂ ବୃତ୍ତିଗତ ଉତ୍କର୍ଷତା ମାଧ୍ୟମରେ ଗଭୀର ଓ ସ୍ଥାୟୀ ବିଶ୍ୱ ପ୍ରଭାବ ସୃଷ୍ଟି କରିପାରିଛନ୍ତି। କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଡାକ୍ତରମାନଙ୍କ ଏଭଳି ବିଶ୍ୱସ୍ତରୀୟ ସମାବେଶ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏଏପିଆଇ ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଏଏପିଆଇ ଆମେରିକାରେ କାର୍ଯ୍ୟ କରୁଥିବା ଏକ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କୁ ପ୍ରତିନିଧିତ୍ୱ କରୁଛି। ଏହା ବ୍ୟତୀତ ସେ ନିରନ୍ତର ଶୈକ୍ଷିକ ସହଯୋଗ, ଗବେଷଣା, ଜ୍ଞାନ ବିନିମୟ ଓ ଦକ୍ଷତା ନିର୍ମାଣ ମାଧ୍ୟମରେ ଭାରତ ଓ ଆମେରିକା ମଧ୍ୟରେ ଏକ ଏଏପିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିଲେ। ଏହି ଅବସରରେ ଶ୍ରୀ ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚ୍‌ଏସ୍ ଅଧ୍ୟକ୍ଷ ଡା ଅମିତ ଚକ୍ରବର୍ତ୍ତୀ କହିଲେ, ଏଏପିଆଇ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଚିକିତ୍ସା ସଂଗଠନ। ଏଥିରେ ଯେ ପ୍ରାୟ ୧୧୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀ ପାଇଁ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ। କିମ୍ସରେ ଏହି ସମ୍ମିଳନୀ ଆୟୋଜନ କରିବା ଦ୍ୱାରା କିଟ୍ ଓ କିମ୍ସର ବିଶ୍ୱସ୍ତରୀୟ ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ପରିଦର୍ଶନ କରିବା ସହ ପ୍ରତିନିଧିମାନଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ବିଷୟରେ ଅଭିଜ୍ଞତା ମିଳିଥିଲା। ସମ୍ମିଳନୀ ଉପରେ ଆଲୋକପାତ କରି ଓଡ଼ିଶା ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା ଅତଶୁ ନାୟକ କହିଲେ, ଏହି ସମ୍ମିଳନରେ ଆଧୁନିକ ଚିକିତ୍ସା ପଦ୍ଧତି, ରୋଗ ନିବାରଣ, ମଧୁମେହ ଓ ମେଟାବୋଲିଜିମ୍ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ଡାକ୍ତରମାନଙ୍କୁ ଏକତ୍ରିତ କରିଛି। ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଘର ହୋଇଥିଲେ ମଧ୍ୟ ଓଡ଼ିଶା ସେମାନଙ୍କର ମାତୃଭୂମି। ସେମାନେ ଓଡ଼ିଶାକୁ କେବେ ବି ଛାଡ଼ି ପାରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କିମ୍ସ ମହାନିର୍ଦ୍ଦେଶକ ଡା ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପୀ ହେଉଥିବା ଏହି ସମ୍ମିଳନୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ ଆଦି ଉପରେ ଆଲୋଚନା ଜାରି ରହିଛି।

# ବିକାଶଶୀଳ ଭାରତର ଆକାଂକ୍ଷାକୁ ପୂରଣ କରୁଛି ଦେଶର କୃଷି କ୍ଷେତ୍ର

ନୂଆଦିଲ୍ଲୀ (ପିଆଇବି) : ଭାରତର କୃଷି କ୍ଷେତ୍ର ଜାତୀୟ ଆୟରେ ୧୯.୭୩% ଯୋଗଦାନ ଦେଉଛି। ଏଥିରେ ଦେଶର ମୋଟ୍ ଶ୍ରମଶକ୍ତିର ୪୬% ଶ୍ରମିକ ନିୟୋଜିତ ରହିଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ୬୪% ମହିଳା। ସମାବେଶୀ ବିକାଶ ସୁନିଶ୍ଚିତ କରିବା ଏବଂ ସବକା ବିକାଶର ଲକ୍ଷ୍ୟକୁ ସାକାର କରିବାରେ କୃଷି କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ରମେଶ ଚନ୍ଦଙ୍କ ଦ୍ୱାରା ଲିଖିତ ନୀତି ଆୟୋଗର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ଦେଶବାସୀଙ୍କ ଆକାଂକ୍ଷାକୁ ପୂରଣ କରିବା ଏବଂ ଆର୍ଥିକ ମହାଶକ୍ତିରେ ପରିଣତ ହେବା ସହିତ ଦେଶ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି। ନୀତି ଆୟୋଗର ରିପୋର୍ଟ ମୁତାବକ ୨୦୧୪–୧୫ ମସିହା ପରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଜିଭିଏ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୧୫–୧୬ ରୁ ୨୦୨୪–୨୫ ମଧ୍ୟରେ କୃଷି କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ହାର ଐତିହାସିକ ସର୍ବୋଚ୍ଚ ସ୍ତର ୪.୪୫ ପ୍ରତିଶତ ରହିଛି। ଏହା ପ୍ରମୁଖ କୃଷି ପ୍ରାଧାନ୍ୟ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ। ଭାରତର କୃଷି ଅଭିବୃଦ୍ଧି ୨୦୧୫–୨୦୨୪ ମଧ୍ୟରେ ୪.୪୨% ରହିଛି ଯାହା ଚୀନର ୪.୧୦ ପ୍ରତିଶତକୁ ଅତିକ୍ରମ କରିଛି। ୨୦୧୫–୧୬ ରୁ ୨୦୨୪–୨୫ ମଧ୍ୟରେ କୌଣସି ଗୋଟିଏ ବର୍ଷ କୃଷି ଆୟ ନକାରାତ୍ମକ ସ୍ତରକୁ ଯାଇନାହିଁ। ଏପରିକି କୋଭିଡ୍ ମହାମାରୀ କୃଷି କ୍ଷେତ୍ରକୁ ପ୍ରଭାବିତ କରିପାରିନାହିଁ। ଫସଲ କ୍ଷେତ୍ର ତୁଳନାରେ ପ୍ରାଣୀସମ୍ପଦ ଏବଂ ମତ୍ସ୍ୟପାଳନ କ୍ଷେତ୍ରରେ ସର୍ବୋଚ୍ଚ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ମତ୍ସ୍ୟପାଳନ କ୍ଷେତ୍ରରେ ୯% ଅଭିବୃଦ୍ଧି ଦେଖିବାକୁ ମିଳିଛି ଯାହା ଫସଲ କ୍ଷେତ୍ର ତୁଳନାରେ ତିନି ଗୁଣ ଅଧିକ। ବନୀକରଣ କ୍ଷେତ୍ରରେ ୨୦୧୪-୧୫ ପରେ ୪% ବିକାଶ ଦେଖିବାକୁ ମିଳିଛି। ଫସଲ ମଧ୍ୟରେ, ଗୋଖାଦ୍ୟ ଓ ଘାସ ୭.୩୯ ପ୍ରତିଶତ, ମସଲା ୬.୭୨ ପ୍ରତିଶତ, ଫଳ ୩.୬୮ ପ୍ରତିଶତ, ଡାଲି ୩.୫୫ ପ୍ରତିଶତ, ତୈଳବୀଜ ୨.୪୭ ପ୍ରତିଶତ ଏବଂ ଶସ୍ୟ ୨.୩୬ ପ୍ରତିଶତ ବୃଦ୍ଧି ପାଇଛି। କୃଷି କ୍ଷେତ୍ରରେ ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ୨୦୧୪–୧୫ରୁ ୨୦୨୩–୨୪ ମଧ୍ୟରେ ମୋଟ୍ କୃଷି ଉତ୍ପାଦନରେ ଫସଲର ଅନୁପାତ ୬୩.୭୫%ରୁ ୫୪.୩୩କୁ ହ୍ରାସ ପାଇଛି। ପ୍ରାଣୀସମ୍ପଦର ଅଂଶ ୭.୯୧% ଅଙ୍କ ବୃଦ୍ଧି ପାଇଥିବା ବେଳେ ମତ୍ସ୍ୟପାଳନ ଏବଂ ଜଳଜ ଜୀବ ପାଳନ ୨.୨୬%କୁ ବୃଦ୍ଧି ପାଇଛି। ସେହିପରି ଫସଲ କ୍ଷେତ୍ର ମଧ୍ୟରେ ଫଳର ଭାଗ ୧୬.୦୯%ରୁ ୧୯.୨୪%କୁ ବୃଦ୍ଧି ପାଇଛି। ମସଲାର ଭାଗ ମଧ୍ୟ ୩.୭୧%ରୁ ୭.୮୩%କୁ ଅର୍ଥାତ୍ ପ୍ରାୟ ଦୁଇ ଗୁଣ ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ କୃଷି ଉତ୍ପାଦକଙ୍କ ଆୟରେ ବାର୍ଷିକ ୧୦.୧୧% ବୃଦ୍ଧି ଦେଖିବାକୁ ମିଳିଛି, ଏହା ଉତ୍ପାଦନ ଏବଂ ମୋଟ୍? ଅର୍ଥବ୍ୟବସ୍ଥାର ଅଭିବୃଦ୍ଧିଠାରୁ ଅଧିକ। ଚାଷୀଙ୍କ ଆୟ ଦଶ ବର୍ଷ ମଧ୍ୟରେ ୧୨୬ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୫-୧୬ରୁ ୨୦୨୨-୨୩ ମଧ୍ୟରେ ଉତ୍ପାଦକଙ୍କ ଆୟ ୧୦୮ ପ୍ରତିଶତ ବଢ଼ିଛି। ୨୦୦୮- ୦୯ରୁ ୨୦୨୦-୨୧ ମଧ୍ୟରେ କୃଷି ପାଇଁ ବାଣିଜ୍ୟ ସର୍ତ୍ତାବଳୀରେ ୪୧.୩ ପ୍ରତିଶତ ପଏଣ୍ଟ ସୁଧାର ହୋଇଛି। ସେହିପରି ୨୦୧୧–୧୨ ରୁ ୨୦୨୪–୨୫ କୃଷି କ୍ଷେତ୍ରରେ ପାଇକାରୀ ମୂଲ୍ୟ ସୂଚକାଙ୍କ ପ୍ରାୟ ଦୁଇ ଗୁଣ ବୃଦ୍ଧି ପାଇଛି। ପାଇକାରୀ କୃଷି ମୂଲ୍ୟ ୧୩ ବର୍ଷ ମଧ୍ୟରେ ବାର୍ଷିକ ୨.୪% ବୃଦ୍ଧି ହାସଲ କରିଛି। କୃଷି କ୍ଷେତ୍ରରେ ଅନେକ ଢାଞ୍ଚାଗତ ଏବଂ ନୀତିଗତ ପଦକ୍ଷେପ ଗ୍ରହଣ କରାଯାଇଛି। ମୋଟ୍ ଜଳସେଚିତ କ୍ଷେତ୍ର ୯୮ ନିୟୁତ ହେକ୍ଟରକୁ ବୃଦ୍ଧି ପାଇଛି। ୨୦୨୪-୨୫ ସୁଦ୍ଧା ୪.୧ କୋଟି ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ପାଇଛନ୍ତି। ୨୦୨୪ ସୁଦ୍ଧା ୭.୭୫ କୋଟି ଚାଷୀଙ୍କ ପାଖରେ କିଷାନ କ୍ରେଡିଟ୍? କାର୍ଡ ପହଞ୍ଚିଛି। କୃଷି କ୍ଷେତ୍ରକୁ ପାଣି ଯୋଗାଣ ୨୦୨୩-୨୪ ସୁଦ୍ଧା ୪୧.୭ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୨୫ ମଧ୍ୟଭାଗ ସୁଦ୍ଧା ଇ- ନାମରେ ୧,୫୨୨ଟି ମଣ୍ଡିକୁ ସାମିଲ କରାଯାଇଛି। ଦୁଗ୍ଧ ଉତ୍ପାଦନ ୨୦୧୪-୧୫ରେ ୧୪୬ ନିୟୁତ ଟନରୁ ୨୦୨୩-୨୪ରେ ୨୩୯ ନିୟୁତ ଟନକୁ ବୃଦ୍ଧି ପାଇଛି। ଫଳ ଏବଂ ପରିବା ଉତ୍ପାଦନ ୨୦୧୩-୧୪ରେ ୨୮୦.୭ ନିୟୁତ ଟନରୁ ୨୦୨୩-୨୪ରେ ୩୬୭.୭୨ ନିୟୁତ ଟନକୁ ବୃଦ୍ଧି ପାଇଛି। ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ଏବଂ ସର୍ବବୃହତ ଚାଉଳ ରପ୍ତାନିକାରୀ ପାଲଟିଛି। ୨୦୧୭–୧୮ ରୁ ୨୦୨୩–୨୪ ମଧ୍ୟରେ ମୋଟ ଶ୍ରମଶକ୍ତି ବାର୍ଷିକ ୪.୯୫%କୁ ବୃଦ୍ଧି ପାଇଛି। ମହିଳା ଶ୍ରମ ଶକ୍ତିଙ୍କ ସଂଖ୍ୟା ବାର୍ଷିକ ୧୨.୨୬ ପ୍ରତିଶତ ହାରରେ ବଢ଼ିଛି। ନିଯୁକ୍ତିରେ କୃଷିର ଅଂଶ ୪୪.୧ ପ୍ରତିଶତରୁ ୪୬.୧ ପ୍ରତିଶତକୁ ବୃଦ୍ଧି ପାଇଛି। ମହିଳାମାନେ ବର୍ତ୍ତମାନ କୃଷି ଶ୍ରମଶକ୍ତିର ୪୮.୭ ପ୍ରତିଶତ ଏବଂ ମୋଟ ଶ୍ରମଶକ୍ତିର ୩୫ ପ୍ରତିଶତ ରହିଛନ୍ତି। ପାରିବାରିକ ଚିନି ଉପଯୋଗ ୭.୪% ହ୍ରାସ ପାଇଥିବା ବେଳେ ଫଳ ଓ ପନିପରିବା ସେବନ ୬୪.୪% ବଢ଼ିଛି। ଡ୍ରାଏ ଫ୍ରୁଟ୍ସ ଉପଯୋଗ ୨୪୨.୯%, ଅଣ୍ଡା ୨୦୦%, ମାଂସ ୧୩୩.୩% ବଢ଼ିଛି। ଖାଦ୍ୟ ଚାହିଦା ବାର୍ଷିକ ୨.୮ରୁ ୩% ହାରରେ ବଢୁଥିବା ବେଳେ ବର୍ତ୍ତମାନ ସ୍ଥିତିରେ ୨୦୩୫ ସୁଦ୍ଧା ଭାରତ ପାଖରେ ୨୦% ଖାଦ୍ୟସାମଗ୍ରୀ ବଳକା ରହିଛି। ୨୦୧୪–୧୫ ରୁ ୨୦୨୪–୨୫ ପର୍ଯ୍ୟନ୍ତ ସମୟ ଭାରତର କୃଷି ଇତିହାସର ସର୍ବୋଚ୍ଚ ଅଭିବୃଦ୍ଧି ପର୍ଯ୍ୟାୟକୁ ପ୍ରତିନିଧିତ୍ୱ କରିଥାଏ।

**ବାର ଓ ବେଞ୍ଚ ଉଭୟ ପରିପୂରକ**

# ବେଞ୍ଚର ସୁଦୃଢ ନିର୍ଭର କରେ ବେଞ୍ଚ ଉପରେ ଧାମନଗର ଓକିଲ ସଂଘ ୧୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଧାମନଗର (ମାନିସ) : ଧାମନଗର ଓକିଲ ସଂଘର ୧୧ ତମ ବାର୍ଷିକ ଉତ୍ସବ ଶନିବାର ପୂର୍ବାହ୍ନରେ ଧାମନଗର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଓକିଲ ସଂଘର ସଭାପତି ଅଶୋକ ଦାସ ସଭାପତିତ୍ୱ ଓ ଆଇନଜୀବୀ ଅମରେନ୍ଦ୍ର ମହାନ୍ତିଙ୍କ ସଞ୍ଚାଳନରେ ମୁଖ୍ୟ ଅତିଥି ଭାବେ କଟକ ଉଚ୍ଚତମ ନ୍ୟାୟାଳୟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଯୋଗ ଦେଇ ନିଜ କାମକୁ ସାଧୁତା, ସଚ୍ଚୋଟତା ଓ ଏକାଗ୍ରତା ସହ କଲେ ଆବଶ୍ୟକତା ଠାରୁ ଅଧିକ କାମ କରିହେବ। ଫଳରେ ଆଇନରେ ଆଶ୍ରୟ ନେଉଥିବା ସାଧାରଣ ନାଗରିକ ମାନେ କମ ସମୟ ବ୍ୟବଧାନରେ ଉପଯୁକ୍ତ ନ୍ୟାୟ ପାଇପାରିବେ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତା ଭାବେ କଟକ ଉଚ୍ଚତମ ନ୍ୟାୟାଳୟର ଅତିରିକ୍ତ ସରକାରୀ ଆଇନଜୀବୀ ପାର୍ଥ ସାରଥୀ ନାୟକ, ସମ୍ମାନିତ ଅତିଥି ଭଦ୍ରକ କୋର୍ଟ ଭାର ପ୍ରାପ୍ତ ବିଚାରପତି ପ୍ରଭାତ କୁମାର ରାଜଗୁରୁ, କଟକ ଉଚ୍ଚତମ ନ୍ୟାୟାଳୟ ଆଇନଜୀବୀ ଦେବାଶିଷ ସାମଲ, ପ୍ରମୁଖ ଯୋଗ ଦେଇ ଗୋଟେ କାଠ ଗଡାର ଦୂରତା ମଧ୍ୟରେ ଉଭୟ ଜଜ୍ ଓ ଓକିଲ ଏବଂ ସାଧାରଣ ଲୋକଙ୍କ ଭିତରେ କାମ ହୋଇଥାଏ ।ଓକିଲ ମାନେ କୋର୍ଟ ଭିତରେ ମହଓକିଲା ମାନେ କିପରି ଶୀଘ୍ର ଏବଂ ସଠିକ୍ ନ୍ୟାୟ ପାଇବେ ଏହାର ପ୍ରାଥମିକତା ଦେବାକୁ ପଡ଼ିବ। ସେହିପରି ବାର ବିନା ବେଞ୍ଚ ନିର୍ଜୀବ ଏବଂ ବେଞ୍ଚ ବିନା ବାର ନିର୍ଜୀବ, ବାର ଯେଉଁଠି ଯେତେ ଦାଇତ୍ୱଶିଳ, ବେଞ୍ଚ ସେତେ ସୁଦୃଢ ।ତେଣୁ ଉଭୟ ପରିପୂରକ ବକ୍ତବ୍ୟରେ କହିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ଅତିଥି ପରିଚୟ କରିଥିଲେ ।ପ୍ରାରମ୍ଭରେ ପ୍ରାୟ ୬ ମାସ ପୂର୍ବରୁ ମୃତ୍ୟୁ ବରଣ କରିଥିବା ଧାମନଗର କୋର୍ଟର ଯୁବ ଆଇନଜୀବୀ ପ୍ରେମଜିତ୍ ମହାପାତ୍ରଙ୍କ ଅତିଥି ମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ସହ ଉପସ୍ଥିତ ତାଙ୍କ ପରିବାର କୁ ବିଚାରପତି ଓ ଅତିଥି ମାନେ ଗଭୀର ସମବେଦନା ଜଣାଇଥିଲେ। ସଂଘର ସମ୍ପାଦକ ରଞ୍ଜିତ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଦୁଇ ଜଣ ପ୍ରତିଭା ମୟ ଆଇନଜୀବୀ ଯଥା କଟକ ଉଚ୍ଚତମ ନ୍ୟାୟାଳୟ ର କାର୍ଯ୍ୟରତ ଆଇନଜୀବୀ ଏମଡି ମଦାନି ଓ ଭଦ୍ରକ କୋର୍ଟ ବରିଷ୍ଠ ଆଇନଜୀବୀ ଦୁର୍ଗା ପ୍ରସନ୍ନ ରାଏ ମହାପାତ୍ରଙ୍କୁ ଉପସ୍ଥିତ ମୁଖ୍ୟ ଅତିଥି ବିଚାର ପତି ଶ୍ରୀ ଶତପଥୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର,ଏମ ପି ଙ୍କ ପ୍ରତିନିଧି ସରୋଜ ମହାପାତ୍ର, ଭଦ୍ରକ କୋର୍ଟ ର ବହୁ ଆଇନଜୀବୀ,ବୁଦ୍ଧିଜୀବୀ ,ଶିକ୍ଷକ,ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ରଣଜିତ୍ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଆଇନଜୀବୀ ବିଷ୍ଣୁ ମୋହନ ପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଆଇନଜିବି ସ୍ନେହାସିଶ ପଣ୍ଡା, ପର୍ଶୁରାମ ମହାପାତ୍ର, ପ୍ରଜ୍ଞା ପରମିତା ଦାଶ, ବିଜୟ ରାମ, ମିନତି ମଲ୍ଲିକ, ମନୋଜ ଗୁପ୍ତା, ଶାନ୍ତନୁ ଦାସ, ସନ୍ତୋଷ ତ୍ରିପାଠୀ, ସୌମ୍ୟରଞ୍ଜନ ସାହୁ, ଗୋପାଳ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

CBC 47107/13/0017/2526
To watch the Event Live
Visit DD News or scan the QR code
ବିକଶିତ ଭାରତ
ଯୁବ ନେତୃତ୍ୱଙ୍କ ସହ
ବାର୍ତ୍ତାଳାପ ୨୦୨୬
୯-୧୨ ଜାନୁଆରୀ । ଭାରତ ମଣ୍ଡପମ, ନୂଆଦିଲ୍ଲୀ
ଯୁବନେତୃତ୍ୱଙ୍କ ସହ ବାର୍ତ୍ତାଳାପ କରିବେ
ପିଏମ୍ ନରେନ୍ଦ୍ର ମୋଦୀ
ଯୁବ ନେତୃତ୍ୱମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ସତନ୍ତ୍ର ଅଭିଭାଷଣ
ତାରିଖ: ୧୨ ଜାନୁଆରୀ ୨୦୨୬ । ସମୟ: ଅପରାହ୍ନ ୪.୦୦
ସ୍ଥାନ: ଭାରତ ମଣ୍ଡପମ, ନୂଆଦିଲ୍ଲୀ



MBA/25-26/0544

## ଆଜି ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ

### ରୋହିତ, କୋହଲିଙ୍କ ଉପରେ ରହିବ ନଜର



**ବଡ଼ୋଦରା, ୧୦।୧:** ରବିବାର ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜର ପ୍ରଥମ ମ୍ୟାଚ। ଏହି ମ୍ୟାଚରେ ବିଜୟ ସହ ଭାରତ ନୂଆ ବର୍ଷରେ ନିଜର ଅଭିଯାନ ଆରମ୍ଭ କରିବାକୁ ଉଦ୍ୟମ କରିବ। ଏହି ମ୍ୟାଚରେ ଭାରତର ଦୁଇ ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଉଭୟ ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିଥିଲେ । ଏହି ସିରିଜରେ କୋହଲି ୨ଟି ଶତକ ଅର୍ଜନ କରିଥିବାବେଳେ ଗୋଟିଏ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ସେହିପରି ରୋହିତ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ଖରାପ ଫର୍ମ କାରଣରୁ ଟି-୨୦ ଟିମରୁ ବାଦ ପଡ଼ିଥିବା ଶୁବମନ ଗିଲଙ୍କ ଉପରେ ବି ସମସ୍ତଙ୍କ ନଜର ରହିବ। ସେ ଏକ ଭଲ ଇନିଂସ ଖେଳି ଫର୍ମକୁ ଫେରିବାକୁ ଚେଷ୍ଟା କରିବେ ।

ପ୍ରାୟ ୧୫ ବର୍ଷ ପରେ ବଡ଼ୋଦରାକୁ କୌଣସି ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ ଫେରିଛି। ଶେଷଥର ପାଇଁ ୨୦୧୦ରେ

**୧୫ ବର୍ଷ ପରେ ବଡ଼ୋଦରାକୁ ଫେରିଲା ପୁରୁଷ ଅନ୍ତର୍ଜାତୀୟ ମ୍ୟାଚ୍**

ଏଠାରେ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଇଥିଲା । ଶେଷ ମ୍ୟାଚଟି ମଧ୍ୟ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା । ସେହି ମ୍ୟାଚରେ ବର୍ତ୍ତମାନର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଶତକ ଅର୍ଜନ କରିବା ସହ ବିରାଟ କୋହଲି ଅର୍ଦ୍ଧଶତକ ଅର୍ଜନ ରିଥିଲେ। ବିଗତ କିଛି ବର୍ଷ ହେବ ଅହମ୍ମଦାବାଦର ନରେନ୍ଦ୍ରମୋଦୀ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚ ହେଉଥିବାବେଳେ ବଡ଼ୋଦରାରେ କେବଳ ରଣଜୀ, ବିଜୟ ହଜାରେ ପରି ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିଲା । ଏବେ ୧୫ ବର୍ଷ ପରେ ପୁଣି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଫେରିଥିବାରୁ ବଡ଼ୋଦରା ପାଇଁ ଏହି ମ୍ୟାଚର ସତନ୍ତ୍ର ଗୁରୁତ୍ୱ ରହିଛି ।

## ରୋମାଞ୍ଚକର ମ୍ୟାଚ୍‌ରେ ୟୁପିକୁ ହରାଇଲା ଗୁଜରାଟ

**ନୂଆଦିଲ୍ଲୀ, ୧୦।୧:** ଚଳିତ ଡବ୍ଲ୍ୟୁପିଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ରନ୍ ବର୍ଷା ଦେଖିବାକୁ ମିଳିଛି । ଗୁଜରାଟ ଜାଏଣ୍ଟସ ଓ ୟୁପି ୱାରିୟର୍ଜ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ୪୦ ଓଭରରୁ ମୋଟ ୪୦୪ ରନ୍ ସଂଗ୍ରହ ହୋଇଥିଲା । କଡ଼ା ସଂଘର୍ଷ କରିବା

**• ଡବ୍ଲ୍ୟୁପିଏଲ୍ ଦ୍ୱିତୀୟ ମ୍ୟାଚ୍‌ରେ ରନ୍ ବର୍ଷା**

**• ୪୦ ଓଭରରେ ହେଲା ୪୦୪ ରନ୍**

ସତ୍ତ୍ୱେ ୟୁପି ୱାରିୟର୍ଜ ୧୦ ରନ୍‌ରେ ହାରିଯାଇଛି । ଆସଲେ ଗାର୍ଡନର୍ (୪୧ ବଲ୍‌ରୁ ୬୫ ରନ୍), ଅନୁଷ୍କା ଶର୍ମା (୩୦ ବଲ୍‌ରୁ ୪୪ ରନ୍) ଏବଂ ସୋଫି ଡିଭାଇନ୍ (୨୦ ବଲ୍‌ରୁ ୩୮ ରନ୍)ଙ୍କ ଦ୍ରୁତ ପାଳି ବଳରେ ଗୁଜରାଟ୍ ୪ ୱିକେଟ୍ ବିନିମୟରେ ୨୦୭ ରନ୍ କରିଥିଲା। ଫୋବ୍ ଲିଚ୍‌ଫିଲ୍ଡ (୪୦ ବଲ୍‌ରୁ ୭୮ ରନ୍)ଙ୍କ ଧୂଆଁଧାର ଅର୍ଦ୍ଧଶତକ ସତ୍ତ୍ୱେ ୟୁପି ୧୯୭/୮ରେ ଅଟକିଯାଇଥିଲା। ଗୁଜରାଟ ବିଜୟରେ ଅଲରାଉଣ୍ଡ୍ ପ୍ରଦର୍ଶନ କରିଥିବା ଜର୍ଜିଆ ୱାରହାମ୍ (୧୦ ବଲ୍‌ରୁ ୨୭ଞ୍ଚ ରନ୍ ଏବଂ



୪-୦-୩୦-୨) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଏହି ମୁକାବିଲାରେ ୟୁପି ୱାରିୟର୍ସକୁ ଜିତିବା ପାଇଁ ୨୦୮ ରନର ଲକ୍ଷ୍ୟ ମିଳିଥିଲା, କିନ୍ତୁ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୧୯୭ ରନ୍ କରିବାକୁ ସକ୍ଷମ ହୋଇଥିଲା ଦଳ । ଗୁଜରାଟ ଜାଏଣ୍ଟସ୍ ଏବଂ ୟୁପି ୱାରିୟର୍ସ ଉଭୟ ଏପର୍ଯ୍ୟନ୍ତ ଡବ୍ଲ୍ୟୁପିଏଲ୍ (ଡଚଖ) ଟାଇଟଲ ଜିତିନାହାନ୍ତି । ଏହି ସିଜନରେ ଉଭୟ ଦଳ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଛନ୍ତି ।

ବିଶାଳ ଟାର୍ଗେଟ୍ ପିଛା କରୁଥିବା ବେଳେ ୟୁପି ୱାରିୟର୍ସ ପକ୍ଷରୁ ଓପନର୍ ଫୋଏବେ ଲିଚଫିଲ୍ଡ ୪୦ଟି ବଲ୍‌ରୁ ୭୮ ରନର ଏକ ଚମତ୍କାର ପାଳି ଖେଳିଥିଲେ, ଯେଉଁଥିରେ ୮ଟି ଚୌକା ଓ ୫ଟି ଛକା ସାମିଲ ଥିଲା । ସେହିପରି ଅଧିନାୟକ ମେଗ୍ ଲାନିଂ ୫ଟି ଚୌକା ସହାୟତାରେ ୨୭ଟି ବଲ୍‌ରୁ ୩୦ ରନର ଯୋଗଦାନ ଦେଇଥିଲେ । ଆଶା ଶୋଭନା (ଅପରାଜିତ ୨୭ ରନ୍) ଏବଂ ୱିକେଟ୍ କିପର ବ୍ୟାଟର ଶ୍ୱେତା ସେହରାୱତ (୨୫ ରନ୍) ମଧ୍ୟ ଉପଯୋଗୀ ପାଳି ଖେଳିଥିଲେ । ଗୁଜରାଟ ଜାଏଣ୍ଟସ୍ ପକ୍ଷରୁ ଜର୍ଜିଆ ୱେୟାରହାମ, ସୋଫି ଡିଭାଇନ୍ ଏବଂ ରେଣୁକା ସିଂ ଠାକୁର ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ।

ଗୁଜରାଟ ଜାଏଣ୍ଟସ୍ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୪ ୱିକେଟ୍ ବିନିମୟରେ ୨୦୭ ରନ୍ କରିଥିଲା। ଗୁଜରାଟର ଆରମ୍ଭ ବହୁତ ଭଲ ରହିଥିଲା। ବେଥ୍ ମୁନି ଏବଂ ସୋଫି ଡିଭାଇନ୍ ମିଶି ୪.୨ ଓଭରରେ ୪୧ ରନର ପାର୍ଟନରସିପ୍ କରିଥିଲେ । ମୁନି (୧୩ ରନ୍)ଙ୍କୁ ଇଂଲଣ୍ଡର ସ୍ପିନର୍ ସୋଫି ଏକ୍ଲେଷ୍ଟୋନ୍ ବୋଲ୍ଡ କରିଥିଲେ । ଅନ୍ୟପକ୍ଷରେ ଡିଭାଇନ୍ ?ଙ୍କୁ ଶିଖା ପାଣ୍ଡେ କ୍ୟାଚ୍ ଆଉଟ୍ କରିଥିଲେ । ଡିଭାଇନ୍ ୫ଟି ଚୌକା ଓ ୨ଟି ଛକା ସହାୟତାରେ ୨୦ଟି ବଲ୍‌ରୁ ୩୮ ରନ୍ କରିଥିଲେ । ଏଠାରୁ ଅନୁଷ୍କା ଶର୍ମା ଏବଂ ଏସ୍ଲେ ଗାର୍ଡନର ମିଶି ୧୦୩ ରନର ଭାଗିଦାରୀ କରି ଗୁଜରାଟକୁ ଏକ ବଡ଼ ସ୍କୋରରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲେ ।

ଅନୁଷ୍କା ଶର୍ମା ୭ଟି ଚୌକା ସହାୟତାରେ ୩୦ଟି ବଲ୍‌ରୁ ୪୪ ରନ୍ କରିଥିଲେ । ସେହିପରି ଅଧିନାୟକ ଏସ୍ଲେ ଗାର୍ଡନର ୪୧ଟି ବଲ୍‌ରୁ ୬୫ ରନ୍ କରିଥିଲେ, ଯେଉଁଥିରେ ୬ଟି ଚୌକା ଓ ୩ଟି ଛକା ସାମିଲ ଥିଲା। ଜର୍ଜିଆ ୱେୟାରହାମ (ଅପରାଜିତ ୨୭ ରନ୍) ଏବଂ ଭାରତୀ ଫୁଲମାଳି (ଅପରାଜିତ ୧୪ ରନ୍) ମଧ୍ୟ ବ୍ୟାଟ୍‌ରେ କିଛି ବଡ଼ ସଟ୍ ଖେଳିଥିଲେ । ୟୁପି ୱାରିୟର୍ସ ପକ୍ଷରୁ ସୋଫି ଏକ୍ଲେଷ୍ଟୋନ୍ ସର୍ବାଧିକ ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ ।

## ନୀରଜ ଚୋପ୍ରାଙ୍କ ପ୍ରଶିକ୍ଷକ ପଦ ଛାଡ଼ିଲେ ଜାନ୍ ଜେଲେନଜି

**ନୂଆଦିଲ୍ଲୀ, ୧୦।୧:** ଭାରତର ଅଲିମ୍ପିକ ବିଜେତା ଜାଭେଲିନ ତାରକା ନୀରଜ ଚୋପ୍ରା ଏବେ ଚର୍ଚ୍ଚାରେ ଅଛନ୍ତି । ତାଙ୍କ ପ୍ରଶିକ୍ଷକ ତଥା କିମ୍ବଦନ୍ତୀ ଜାଭେଲିନ ଥ୍ରୋଅର ଜାନ ଜେଲେନଜି ନିଜ ଦାୟିତ୍ୱରୁ ଅବ୍ୟାହତି ଗ୍ରହଣ କରିଛନ୍ତି । ପରସ୍ପର ଆପୋଷ ବୁଝାମଣାରେ ଜେଲେନଜି ନିଜ ଦାୟିତ୍ୱ ଛାଡ଼ିଛନ୍ତି । ଜେଲେନଜି ଗତ ୨୦୨୪ ନଭେମ୍ବର ମାସରେ ନୀରଜଙ୍କ କୋଚ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ପ୍ରାୟ ଏକ ବର୍ଷ ପରେ ତାଙ୍କର କୋଚିଂ ଦାୟିତ୍ୱରୁ ଅବ୍ୟାହତି ନେଇଛନ୍ତି । ଏହି ଏକ ବର୍ଷ ମଧ୍ୟରେ ତାଙ୍କ ପ୍ରଶିକ୍ଷଣରେ ନୀରଜ କେତେକ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ । ବିଶେଷକରି ୨୦୨୫ରେ ଅନୁଷ୍ଠିତ ଦୋହା ଡାଇମଣ୍ଡ ଲିଗରେ ସେ ପ୍ରଥମ ଥର ପାଇଁ ୯୦ ମିଟର ସୀମା ଅତିକ୍ରମ କରିଥିଲେ । ନିଜର କ୍ୟାରିୟରରେ ପ୍ରଥମ ଥର ପାଇଁ ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଏଥିପାଇଁ ନୀରଜ ପ୍ରଶିକ୍ଷକ ଜେଲେନଜିଙ୍କୁ ଶ୍ରେୟ ଦେଇଛନ୍ତି । ନୀରଜ କହିଛନ୍ତି ଯେ ଜେଲେନଜିଙ୍କ ପ୍ରଶିକ୍ଷଣରେ ସେ ଏହି କ୍ରୀଡ଼ାର ନୂଆ ନୂଆ ବୈଷୟିକ ଦିଗ ସଂପର୍କରେ ଜାଣିପାରିଥିଲେ । ଏହା ସହିତ ଏହି କ୍ରୀଡ଼ାର ତାଳ ଓ ଗତି ସମ୍ପର୍କରେ ସେ ନୂଆ ଚିନ୍ତାଧାରା ହାସଲ କରିଥିଲେ, ଯାହାକି ତାଙ୍କ କ୍ରୀଡ଼ାକୌଶଳକୁ ଉନ୍ନତ କରିବାରେ ସହାୟକ ହୋଇଥିଲା। ଚେକ ଗଣତନ୍ତ୍ରର ଜାନ ଜେଲେନଜିଙ୍କୁ ଜାଭେଲିନ ଥ୍ରୋ କ୍ରୀଡ଼ାର ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତଙ୍କ ମଧ୍ୟରେ ଗଣାଯାଏ ।

## ଆଇସିସି ପୁରସ୍କାର ଦୌଡ଼ରେ ଶେଫାଳି

**ନୂଆଦିଲ୍ଲୀ, ୧୦।୧:** ଆଇସିସି ପକ୍ଷରୁ ଗତ ଡିସେମ୍ବର ମାସର ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପାଇଁ ୩ ଜଣିଆ ତାଲିକା ଘୋଷଣା ହୋଇଛି । ଏହି ତାଲିକାରେ ଭାରତର ଷ୍ଟାର ଓପନିଂ ବ୍ୟାଟର ଶେଫାଳି ବର୍ମା, ଦକ୍ଷିଣ ଆଫ୍ରିକାର ଲୌରା ଉଲଭାର୍ଟ ଏବଂ ସୁନି ଲୁସ୍ ସ୍ଥାନ ପାଇଛନ୍ତି । ଡିସେମ୍ବର ମାସରେ ଶେଫାଳି ଶ୍ରୀଲଙ୍କା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜରେ ୮୦.୩୩ ଆଭରେଜରେ ମୋଟ ୨୪୧ ରନ୍ ସଂଗ୍ରହ କରିଥିଲେ । ଏହି ପ୍ରଦର୍ଶନ ବଳରେ ସେ ପ୍ଲେୟାର ଅଫ୍ ଦ ପୁରସ୍କାର ଜିତିଥିଲେ ।

ଭାରତ ୫-୦ରେ ସିରିଜ ମୂଳପୋଛ କରିଥିଲା । ସେହିପରି ଉଲଭାର୍ଟ ଗତ ଆୟର୍ଲାଣ୍ଡ ବିପକ୍ଷ ସୀମିତ ଓଭର ସିରିଜ (୩ଦିନିକିଆ, ୨ଟି-ଟ୍ୱେଣ୍ଟି)ର ପ୍ରଥମ ଟିଟ୍ୱେଣ୍ଟିରେ ୧୧୫ରନ୍ ସଂଗ୍ରହ କରିଥିବାବେଳେ ଦିନିକିଆ ସିରିଜରେ ୨୫୫ ରନ୍ କରିଥିଲେ । ଲୁସ୍ ଏହି ସିରିଜରେ ଉଭୟ



ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିଲେ । ଦିନିକିଆ ସିରିଜରେ ସେ ୨୦୫ରନ୍ କରିବା ସହ ୪ଟି ୱିକେଟ୍ ନେଇଥିବାବେଳେ ଟି-ଟ୍ୱେଣ୍ଟିରେ ୧୧୮ରନ୍ କରିବା ସହ ୪ଟି ୱିକେଟ୍ ହାସଲ କରିଥିଲେ ।

ମହିଳା ଦିନିକିଆ ବିଶ୍ୱକପରେ ଶେଫାଳିଙ୍କର ସରପ୍ରାଇଜ୍ ଏଣ୍ଟ୍ରୀ ହୋଇଥିଲା । ପ୍ରତୀକା ରାୱଲ ଆହତ ହେବା ପରେ ଶେଫାଳିଙ୍କୁ ବିଶ୍ୱକପ ପାଇଁ ଡକରା ହୋଇଥିଲା । ଏଥିରେ ଦମଦାର ପ୍ରଦର୍ଶନ କରିଥିଲେ ଶେଫାଳି । ମାଷ୍ଟରକ୍ଲାସ ପ୍ରଦର୍ଶନ ବଳରେ ଭାରତର ବିଶ୍ୱକପ ଜିତିବା ସପ୍ନ ସତ ହୋଇଥିଲା ।

ବୋଲିଂ-ବ୍ୟାଟିଂରେ ଶେଫାଳିଙ୍କ ମାଷ୍ଟରକ୍ଲାସ ଦେଖିବାକୁ ମିଳିଥିଲା । ତାଙ୍କର ଶ୍ରେଷ୍ଠ ଅଲରାଉଣ୍ଡ୍ ପ୍ରଦର୍ଶନ ବଳରେ ଭାରତ ଟାଇଟଲ ସପ୍ନ ପୂରା କରିଥିଲା । ବିଶ୍ୱକପ ଫାଇନାଲରେ ସାଉଥ୍ ଆଫ୍ରିକା ବିପକ୍ଷରେ ୮୭ ରନ୍ ଓ ୨ ୱିକେଟ୍ ନେଇଥିବା ଶେଫାଳି ବର୍ମା ପ୍ଲେୟାର ଅଫ୍ ଦ ମ୍ୟାଚ୍ ହୋଇଥିଲେ । ବିଶ୍ୱକପ ଫାଇନାଲ ପୂର୍ବ ୭ ଦିନ ତଳେ ଘରେ ବସି ବିଶ୍ୱକପ ମ୍ୟାଚ ଦେଖୁଥିଲେ । ଦଳରେ ନଥିଲେ । ହେଲେ ସେ ବିଶ୍ୱକପ ଫାଇନାଲ ମ୍ୟାଚର ଷ୍ଟାର ବନିଥିଲେ । ପ୍ଲେୟାର ଅଫ୍ ଦି ଫାଇନାଲ ହୋଇଥିଲେ ।

## ମାଲେସିଆ ଓପନରୁ ସିନ୍ଧୁ ବିଦା

**କ୍ୱାଲାଲୁମ୍ପୁର, ୧୦।୧:** ଭାରତର ତାରକା ବ୍ୟାଡମିଣ୍ଟନ ଖେଳାଳି ତଥା ଅଲିମ୍ପିକ୍ସ ପଦକ ବିଜୟିନୀ ପି.ଭି.ସିନ୍ଧୁ ମାଲେସିଆ ଓପନ ସୁପର ୧୦୦୦ର ମହିଳା ସେମିଫାଇନାଲରେ ପରାଜିତ ହୋଇଛନ୍ତି। ସେ ଚୀନ ଖେଳାଳି ତଥା ବିଶ୍ୱ ନଂ୨ ୱାଙ୍ଗ ଝିୟିଙ୍କ ଠାରୁ ସିଧାସଳଖ ସେଟରେ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି ।



ଦୁଇଥର ଅଲମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ଶନିବାର ଅନୁଷ୍ଠିତ ସେମିଫାଇନାଲରେ ୱାଙ୍ଗ ଝିୟିଙ୍କ ଠାରୁ ୧୬-୨୧, ୧୫-୨୧ ସେଟରେ ହାରିଯାଇଛନ୍ତି। ଉଭୟ ଗେମରେ ସିନ୍ଧୁ ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲେ ବି ଝିୟିଙ୍କ ସାମନାରେ ଅଧିକ ସମୟ ତିଷ୍ଠି ପାରିନଥିଲେ । ଏହା ସହିତ ମ୍ୟାଚର କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷଣରେ ସେ ତ୍ରୁଟି କରିବା ପରେ ଝିୟି ତାହାର ସୁଯୋଗ ନେଇଥିଲେ। ଦ୍ୱିତୀୟ ଗେମରେ ସିନ୍ଧୁ ୧୧-୬ରେ ଆଗୁଆ ଥିଲେ ବି ଚୀନ ଖେଳାଳି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ଓ ଗେମକୁ ୧୫-୨୧ରେ ଜିତିବା ସହ ମ୍ୟାଚକୁ ଜିତିନେଇଥିଲେ।

ଗୋଡ଼ରେ ଯନ୍ତ୍ରଣା କାରଣରୁ ସିନ୍ଧୁ ଗତ ଅକ୍ଟୋବର ପରଠାରୁ ବ୍ୟାଡମିଣ୍ଟନ କୋର୍ଟରୁ ଦୂରେଇ ରହିଥିଲେ । ଆରୋଗ୍ୟ ହେବା ପରେ ଏହା ଥିଲା ତାଙ୍କର ପ୍ରଥମ ଟୁର୍ଣ୍ଣାମେଣ୍ଟ । ବେଶ କିଛିଦିନର ବ୍ୟବଧାନରେ ଫେରିଥିଲେ ବି ଏହି ଟୁର୍ଣ୍ଣାମେଣ୍ଟରେ ସେ ଭଲ ପ୍ରଦର୍ଶନ କରିଥିଲେ । କିନ୍ତୁ ଆଜିର ପରାଜୟ ସହ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଯାଇଛି ।

## ୧୬ତମ ସଚିବାଳୟ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ୧୦।୧:** ଓଡ଼ିଶା ରାଜ୍ୟ ସଚିବାଳୟ ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ଲୋକ ସେବା ଭବନସ୍ଥିତ ସଚିବାଳୟ ମିନି ଷ୍ଟାଡିୟମଠାରେ ୧୬ତମ ସଚିବାଳୟ ଓପନ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଯାଇଛି ।

ଏହି ଟୁର୍ଣ୍ଣାମେଣ୍ଟରେ ଗୃହ, ରାଜସ୍ୱ, ନଗର ଉନ୍ନୟନ , ବାଣିଜ୍ୟ, ପୂର୍ତ୍ତ, ସାସ୍ଥ୍ୟ ଓ ପରିବାର କଲ୍ୟାଣ, ଅର୍ଥ,ଏମଏସଏମଇ, ପରିବହନ, ମହିଳା ଓ ଶିଶୁ ବିକାଶ , ଇ ଆଣ୍ଡ ଆଇଟି , ପର୍ଯ୍ୟଟନ, ଜଳସମ୍ପଦ, ଗଣଶିକ୍ଷା, ଆଇନ, ଶକ୍ତି, ଉଚ୍ଚଶିକ୍ଷା, ସଂସଦୀୟ ବ୍ୟାପାର, ସାଧାରଣ ପ୍ରଶାସନ , ସାଧାରଣ ଉଦ୍ୟୋଗ ଏବଂ ଶିଳ୍ପ ଭଳି ପ୍ରାୟ ସମସ୍ତ ପ୍ରମୁଖ ବିଭାଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ।

ଏହି ଚାରିଦିନିଆ ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ଉତ୍ସାହ ବେଶ ଅଧିକ ଥିଲା। ବିଭିନ୍ନ ବର୍ଗର ଅଂଶଗ୍ରହଣକାରୀଙ୍କ ସଂଖ୍ୟା ନିମ୍ନରେ ପ୍ରଦତ୍ତ: ପୁରୁଷ ସିଙ୍ଗଲ୍ସ: ୫୨ ଜଣ, ପୁରୁଷ ଡବଲ୍ସ: ୪୩ଟି ଦଳ, ଭେଟେରାନ ପୁରୁଷ ସିଙ୍ଗଲ୍ସ: ୬ ଜଣ, ଭେଟେରାନ ପୁରୁଷ ଡବଲ୍ସ: ୬ଟି ଦଳ, ମହିଳା ଡବଲ୍ସ: ୮ଟି ଦଳ, ମିକ୍ସଡ୍ ଡବଲ୍ସ: ୧୫ଟି ଦଳ ସଚିବାଳୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଅଧିକାରୀମାନଙ୍କ ମଧ୍ୟରେ ଖେଳକୁଦ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଓଏସଏସବିଏ ର ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି।

## ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଆୟର୍ଲାଣ୍ଡ ଦଳ ଘୋଷଣା

**ନୂଆଦିଲ୍ଲୀ,୧୦।୦୧:** ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ୧୫ ଜଣିଆ ଆୟର୍ଲାଣ୍ଡ ଦଳ ଘୋଷଣା ହୋଇଛି । ଅଭିଜ୍ଞ ବ୍ୟାଟର ପଲ୍ ଷ୍ଟର୍ଲିଂଙ୍କୁ ଅଧିନାୟକ ଏବଂ ଲୋର୍କାନ ଟକରଙ୍କୁ

**ପଲ୍ ଅଧିନାୟକ, ୩ ନୂଆମୁହଁ**

ଉପଅଧିନାୟକ ନିଯୁକ୍ତ କରାଯାଇଛି । ଦଳରେ ୩ଜଣ ନୂଆମୁହଁଙ୍କୁ ସ୍ଥାନ ମିଳିଛି । ସେମାନେ ହେଲେ ଟିମ୍ ଟେକ୍ଟର, ବେନ୍ କାଲିଜ ଓ ମାଥ୍ୟୁ ହମ୍ଫ୍ରେୟସ । ଆୟର୍ଲାଣ୍ଡ ନବମ ଥର ଟି-ଟ୍ୱେଣ୍ଟି ବିଶ୍ୱକପ୍ ଖେଳିବାକୁ ଯାଉଛି ।



ଫେବୃଆରୀ ୭ରୁ ଆରମ୍ଭ ହେବ ବିଶ୍ୱକପ ମୁକାବିଲା । ଭାରତ ଓ ଶ୍ରୀଲଙ୍କା ଏହି ମେଗା ଇଭେଣ୍ଟର ଆୟୋଜକ ରହିବେ । ଆୟର୍ଲାଣ୍ଡ ଦଳ ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଓମାନ ଓ ଜିମ୍ବାୱେ ସହ ସ୍ଥାନ ପାଇଛି । ଆଗାମୀ ଫେବ୍ରୁଆରୀ ୮ ତାରିଖରେ ଦଳ ଶ୍ରୀଲଙ୍କା ବିପକ୍ଷରେ ଅଭିଯାନ ଆରମ୍ଭ କରିବ । ଏହାପରେ ୧୧ ତାରିଖରେ ଅଷ୍ଟ୍ରେଲିଆ, ୧୪ରେ ଓମାନ ଓ ୧୭ ତାରିଖରେ ଜିମ୍ବାୱେ ବିପକ୍ଷରେ ଖେଳିବ । ଏହି ଫର୍ମାଟରେ ଦଳର ସର୍ବାଧିକ ରନ୍ ସଂଗ୍ରହକାରୀ ପଲ୍ ଷ୍ଟର୍ଲିଙ୍ଗ ପୁଣି ଥରେ ଟିମ୍‌ର ନେତୃତ୍ୱ ନେବେ ଏବଂ ଲୋର୍କାନ ଟକର ଉପଅଧିନାୟକ ଦାୟିତ୍ୱ ତୁଲାଇବେ ।

ଆୟର୍ଲାଣ୍ଡ ଦଳ: ପଲ୍ ଷ୍ଟର୍ଲିଂ (ଅଧିନାୟକ), ମାର୍କ ଆଡେୟର, ରସ୍ ଆଡେୟର, ବେନ୍ କାଲିଜ, କର୍ଟିସ କ୍ୟାମ୍ଫର, ଗାରେଥ ଡେଲାନି, ଜର୍ଜ ଡକରେଲ, ମାଥ୍ୟୁ ହମ୍ଫ୍ରେୟସ, ଜୋସ୍ ଲିଟିଲ, ବେରୀ ମ୍ୟାକ୍କାର୍ଥି, ହ୍ୟାରୀ ଟେକ୍ଟର, ଟିମ୍ ଟେକ୍ଟର, ଲୋର୍କାନ ଟକର (ଉପଅଧିନାୟକ), ବେନ୍ ହ୍ୱାଇଟ୍, କ୍ରେଗ ୟଙ୍ଗ୍ ।

## ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ନେଇ ପ୍ରଥମଥର ମୁହଁ ଖୋଲିଲେ ଶୁବମନ

**ନୂଆଦିଲ୍ଲୀ, ୧୦।୧:** ଟେଷ୍ଟ ଏବଂ ଦିନିକିଆ ଟିମ୍‌ର ଅଧିନାୟକ ଶୁଭମନ ଗିଲ୍ ଆଗାମୀ ଟି-୨୦ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଛନ୍ତି । ବିସିସିଆଇର ଏହି ନିଷ୍ପତ୍ତିକୁ ନେଇ ଚର୍ଚ୍ଚା ଲାଗି ରହିଛି । ଟି-୨୦ ଦଳର ଉପଅଧିନାୟକ ଥିଲେ ଗିଲ୍ । କିନ୍ତୁ ଡିସେମ୍ବର ୨୦୨୫ରେ ଘୋଷଣା ହୋଇଥିବା ୧୫ ଜଣିଆ ଟିମ୍ରୁ ତାଙ୍କୁ ବାଦ ଦିଆଯିବା ଘଟଣା ଖେଳପ୍ରେମୀଙ୍କୁ ନିରାଶ କରିଛି । ଗିଲଙ୍କୁ ୨୦୨୫ ଏସିଆ କପ୍ ପୂର୍ବରୁ ଟି୨୦ ଦଳରେ ସାମିଲ କରାଯାଇଥିଲା । ତାଙ୍କୁ ଉପ-ଅଧିନାୟକ କରାଯାଇଥିଲା ଏବଂ ତାଙ୍କୁ ଓପନର ଭୂମିକା ମିଳିଥିଲା ।

ଗିଲ ଏହି ଫର୍ମାଟରେ ଲଗାତାର ଖରାପ ପ୍ରଦର୍ଶନ କରିଆସିଛନ୍ତି । ତାଙ୍କର ଖରାପ ଫର୍ମକୁ ବିଚାର କରି ଚୟନକର୍ତ୍ତାମାନେ ତାଙ୍କୁ ବିଶ୍ୱକପ୍ ଦଳରୁ ବାଦ୍ ଦେଇଥିଲେ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ସ୍ପଷ୍ଟ କରିଛନ୍ତି ଯେ, ନିଷ୍ପତ୍ତି କେବଳ ବ୍ୟକ୍ତିଗତ ଫର୍ମ ପରିବର୍ତ୍ତେ ଦଳର ସନ୍ତୁଳନ ଏବଂ ଜଣେ ୱିକେଟକିପର-ଓପନରଙ୍କ ଆବଶ୍ୟକତା ଉପରେ ଆଧାରିତ ।ଟେଷ୍ଟ ଏବଂ ଦିନିକିଆରେ ଦଳର ଅଧିନାୟକ ଥିବାରୁ ଟି-୨୦ ଦଳରୁ

**'ଭାଗ୍ୟରେ ଥିଲେ ମିଳିବ, କେହି ଛଡ଼ାଇ ନେଇ ପାରିବେନି'**

ଗିଲ୍ ବାଦ ପଡ଼ିବା ଖବର ଆଶ୍ଚର୍ଯ୍ୟକର ଥିଲା । ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ପୂର୍ବରୁ ଶୁଭମନ ଗିଲ ଭଦୋଦରାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଥମ ଥର ପାଇଁ ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ।

ସେ କହିଛନ୍ତି, 'ମୁଁ ଚୟନକର୍ତ୍ତାଙ୍କ ନିଷ୍ପତ୍ତିକୁ ପୂର୍ଣ୍ଣ ସମ୍ମାନ କରେ। ମୁଁ ଟି-୨୦



ବିଶ୍ୱକପ୍ ପାଇଁ ଦଳକୁ ଶୁଭକାମନା ଜଣାଉଛି। ମୁଁ ଯେଉଁଠାରେ ରହିବା ଉଚିତ ସେଠାରେ ଅଛି। ମୋ ଭାଗ୍ୟରେ ଯାହା ଲେଖାଯାଇଛି ତାହା କେହି ଛଡ଼ାଇ ନେଇପାରିବେ ନାହିଁ। ଜଣେ ଖେଳାଳି ଭାବରେ, ମୁଁ ସବୁବେଳେ ଦେଶ ପାଇଁ ମୋର ସର୍ବୋତ୍ତମ ଦେବାକୁ ଚାହେଁ, କିନ୍ତୁ ମୁଁ ଚୟନକର୍ତ୍ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରେ।'

ଟି-୨୦ ଦଳରେ ୱିକେଟକିପର-ବ୍ୟାଟର ସଞ୍ଜୁ ସାମସନଙ୍କ ତୁଳନାରେ ଗିଲଙ୍କୁ ପ୍ରାଥମିକତା ଦିଆଯାଇଥିଲା । କିନ୍ତୁ ଫଳାଫଳ ଓଲଟା ହେଲା । ସାମସନ ୨୦୨୪ ସିଜନରେ ଏକ ଚମତ୍କାର ପ୍ରଦର୍ଶନ କରିଥିଲେ । ସେହି ବର୍ଷ ତିନୋଟି ଶତକ ହାସଲ କରିଥିଲେ। ଓପନିଂ କରି, ସାମସନ ୧୫ଟି ମ୍ୟାଚ୍ରେ ୧୮୨.୨୦ ଷ୍ଟ୍ରାଇକ୍ ରେଟ୍ ସହିତ ୩୯.୩୮ ହାରରେ ୫୪୯ ରନ୍ କରିଥିଲେ। ସେହିପରି ଗିଲ୍ ୨୦୨୫ରେ ୧୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ୨୪.୨୫ ହାରରେ ମାତ୍ର ୨୯୧ ରନ୍ କରିଥିଲେ । ଗୋଟିଏ ବି ଅର୍ଦ୍ଧଶତକ ହାସଲ କରି ପାରିନଥିଲେ ଗିଲ ।ଗିଲଙ୍କ ଟି-୨୦ ଆନ୍ତର୍ଜାତୀୟ କ୍ୟାରିୟରରେ ମଧ୍ୟ ଖାସ ପ୍ରଦର୍ଶନ ଦେଖିବାକୁ ମିଳି ନାହିଁ । ସେ ୩୪ ଟି-୨୦ ମ୍ୟାଚରେ ୨୯ ହାରରେ ୮୪୧ ରନ୍ କରିଛନ୍ତି ।ଏଥିରେ ଗୋଟିଏ ଶତକ ଏବଂ ତିନୋଟି ଅର୍ଦ୍ଧଶତକ ରହିଛି ।

## ୫ମ ଦିନରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବଲାଙ୍ଗିର, ୧୦।୧:** ପୃଥ୍ୱୀରାଜହାଇସ୍କୁଲ ଖେଳ ପଡିଆ ଠାରେ ବଲାଙ୍ଗିର ଫ୍ରେଣ୍ଡ୍ସକ୍ଲବ ପକ୍ଷରୁ ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗୀତା ପଂଚମ ଦିନରେ ପହଁଚିଛି । ଆଜିର ଏହି ପ୍ରତିଯୋଗିତାରେ କ୍ଲବ ର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୂଖ୍ୟ-ଅତିଥି ଭାବରେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଦୀପ ନାୟକ, ପୂର୍ବତନ ବରଗଡ଼ ସାଂସଦ ପ୍ରଭାସ ସିଂ, ଟାଉନ ଥାନା ଅଧିକାରୀ ଅବନୀ ସାହୁ,ଜେଲର ଉମାଶଙ୍କର ମାଝୀ. ଅତିରିକ୍ତ ତହସିଲଦାର ଅଶୋକ ମିଶ୍ର, ଶ୍ରୀକାନ୍ତ ଶର୍ମା, କ୍ଲବର ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ମଂଚାସୀନ ଥିଲେ । ଦୋଳଗୋବିନ୍ଦ ମୁଣ୍ଡା, ରାଜେନ୍ଦ୍ର ଧାରୁଆ, ବିକି ବିଶି, ନିଶାରକାନ୍ତ ନାଗ, ସୁଶାନ୍ତ ନାଗ ଖେଳ ପରିଚାଳନା କରିଥବା ବେଳେ ମ୍ୟାଚ କମିସନର ଭାବରେ ଶୁନିଲ ଚନ୍ଦ୍ର ବିଶ୍ୱାଳ ରହିଥିଲେ । ଆଜି ପଂଚମ ଦିନରେ ମୟୁରଭଞ୍ଜ ସ୍ନୋ ଟସ ହଷ୍ଟେଲ ଏବଂ ମା ମଙ୍ଗଳା କ୍ଲବ ଢେଙ୍କାନାଳ ଫୁବବଲ କ୍ଲବ ମଧ୍ୟରେ ହୋଇଥିଲା, ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପର ୧-୧ ଗୋଲ ଦେଇଥିଲେ । ପରିଶେଷରେ ଢେଙ୍କାନାଳ ଦଳ ପେନଲଟି ସୁଟ ଆଉଟ ଜରିଆରେ ୩-୧ ଗୋଲରେ ମୟୁରଭଞ୍ଜ ଦଳ କୁ ପରାସ୍ତ କରି ସେମି ଫାଇନାଲ କୁ ଉର୍ତ୍ତିନ ହୋଇଥିଲା। ବିଶିଷ୍ଠ କ୍ରିଡାବିତ ଜୀବନ ସୁନା ଏବଂ ସଂଜୀବ ମହାରଣା ଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା । ପବିତ୍ର ଖୁଂଟିଆ, ମଧୁ ବନଛୋର, ଲକ୍ଷ୍ମୀ ସାଇଁ, କିଶୋର ଦଣ୍ଡସେନା, ସୋମନାଥ ମିଶ୍ର , ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର,ଆକାଶ ମିଶ୍ର, ସରୋଜ ସାହୁ,, ପୃଥୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ, ପୂର୍ଣ୍ଣ ତ୍ରୀପାଠୀ, ଦେବେନ ପାତ୍ର, ଟିକୁ ପରିଚ୍ଛା, ନିତ୍ୟା ପଧାନ, ସରୋଜ ସାହୁ ସନତ ତ୍ରିପାଠୀ, ପୃଥ୍ୱୀରାଜ ବରାଡ଼,ବିକାଶ ସା, ଅରୋ ରଞ୍ଜନ ମହାପାତ୍ର, ବିଦ୍ୟା ସାହୁ, ପ୍ରଦୀପ ସାହୁ, ଅରୁଣ ପଧାନ, ଯତୀନ୍ଦ୍ର ମିଶ୍ର, ସୁଶାନ୍ତ ନେଗୀ ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ଦ୍ୱିତୀୟ ସେମିଫାଇନାଲ ଢେଙ୍କାନାଳ ଏବଂ ଝାରସୁଗୁଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି କମିଟୀ ପକ୍ଷରୁ ସୁଚନା ଦେଇଛନ୍ତି । ସଭାକୁ ଶରତ ନନ୍ଦ ପରିଚାଳନା କରିଥିବା ବେଳେ କ୍ଲବର ସଧାରଣସମ୍ପାଦକ ଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar